# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଅକ୍ଟୋବର ୮/୨୦୨୧ (୧୬ ପୃଷ୍ଠା) Dhenkanal, Friday, October 8/2021 ★★★★★

୧୭ଶ ଭାଗ ୨୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





MOST POPULAR CHOICE
AWARED WINNER
TODAY
GRAND OPENING
GUPTA'S 25th MEGA SHOWROOM
AT SAMANTARAPUR
NEAR SANJEEVANI MEDICARE HOSPITAL (ASIDE HANUMAN MANDIR)
All are Cordially INVITED
Symbol of Trust
LUCKY DRAW for 1st 100 CUSTOMER
OPENING ON 11th OCTOBER
RENOVATED STORE
DOLAMUNDAI
CUTTACK
GUPTA'S BIGGEST SALE
OPENING ON 10th OCTOBER
GUPTA FURNITURE PLAZA
NAYAGARH
Near Fire Station, Khandapada Road
Mob: 7008989306
MOBILE PHONE, LAPTOP, DESKTOP, CAMERA, PRINTER, HEAD PHONE, PROJECTOR
UPTO 40% OFF*
Coming Soon: BERHAMPUR, BALANGIR
Furniture Available at
(CDA) CUTTACK, KALAPATHAR, JAGATSINGHPUR, NIMAPADA, NAYAGARH
BALUGAON, JAJPUR TOWN, ANGUL & CHANDIKHOLE
ପୂଜାର ସମସ୍ତ ଉପହାର ସହିତ ପ୍ରତ୍ୟେକ ଜିନିଷ କ୍ରୟ ଉପରେ ୫ଟି ଉପହାର, ସମସ୍ତ ଷ୍ଟୋରରେ ଉପଲବ୍ଧ
Discount on Every Purchase
Assured Gifts on Every Purchase
CASH BACK UPTO 25% All Company Offers
Extended Warranty Available for Every Product
Exchange Available
01 EMI REFUND
Easy Finance with Low EMI
FINANCE BY: BAJAJ FINSERV, HDB FINANCIAL SERVICES, HDFC BANK, IDFC FIRST Bank
NOW FINANCE AVAILABLE WITHIN 60 km RANGE FROM ALL OVER STORE
COMPARE OUR PRICE & PRODUCT BEFORE YOU PURCHASE
BAJAJ FINSERV
CASH BACK UPTO 25% + VOUCHERS WORTH 10000/-
HDB FINANCIAL SERVICES
GET ASSURED VOUCHERS WORTH Rs.8000/-
A CHANCE TO WIN AN AMAZING GIFT
GOLD COIN
Odisha's most trusted Electronics, Home Appliances & Digital Products Dealer Since 1972
GUPTA DISTRIBUTORS
No.1 Retail Chain Stores
LG SONY SAMSUNG Panasonic Kelvinator Godrej Whirlpool HITACHI VOLTAS BLUE STAR DAIKIN BAJAJ Carrier LLOYD IFB
ONEPLUS oppo vivo SAMSUNG mi realme hp DELL ASUS acer EPSON TCL Nikon Canon
KUTCHINA LUMINOUS BPL HAVELLS Haier BOSCH AO Smith MITSUBISHI ELECTRIC Butterfly EUREKA FORBES USHA STANDARD V-GUARD GLEN KENT
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDHA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP- Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK T&C

# ଧରିତ୍ରୀ
DHARITRI

ଶୁକ୍ରବାର, ଅକ୍ଟୋବର ୮/୨୦୨୧ | Friday, October 8/2021 | ପୃଷ୍ଠା-୧




## ଲୋକେଶ ରାହୁଲ ମ୍ୟାନ ଅଫ୍ ଦି ମ୍ୟାଚ

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଅପରାଜିତ ୯୮ ରନ ପାଇଁ ପଞ୍ଜାବ କିଙ୍ଗ୍ସର ଲୋକେଶ ରାହୁଲ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଛନ୍ତି।

୦୯ ୧୨

## 'ସ୍ପିରିଟ୍'ରେ ପ୍ରଭାସ

ତେଲୁଗୁ ସୁପରଷ୍ଟାର ପ୍ରଭାସ ତାଙ୍କ ୨୫ତମ ଫିଲ୍ମର ଟାଇଟଲ ଘୋଷଣା କରିଛନ୍ତି। ବହୁଭାଷୀ ଫିଲ୍ମ 'ସ୍ପିରିଟ୍'ରେ ସେ ନଜର ଆସିବେ।



# ବନ୍ଦର ନୀତି କାମ ଦେଉନି

**୧୭ ବର୍ଷ ପରେ ମଧ୍ୟ ରାଜ୍ୟରେ ନୂଆ ଅଣବୃହତ୍ ବନ୍ଦର ବିକାଶ ନେଇ ସେପରି କିଛି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ ଧାମରା ବନ୍ଦରକୁ ଛାଡ଼ିଦେଲେ ୧୨ଟି ପ୍ରସ୍ତାବିତ ବନ୍ଦର କୋର୍ଟ କଚେରି ମାମଲା, ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ଘରୋଇ କମ୍ପାନୀଙ୍କ ଅନାଗ୍ରହ ଯୋଗୁ ଆଗେଇ ପାରୁନାହିଁ ବନ୍ଦର ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନ ହେବା ଲାଗି ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ଦାୟୀ କରାଯାଉଛି ଅନ୍ୟପକ୍ଷରେ କେନ୍ଦ୍ର ସରକାର ନୂଆ ବନ୍ଦର ନୀତି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ଏଥିରେ ସମସ୍ତ ବଡ଼ ଓ ଛୋଟ ବନ୍ଦରକୁ ନିଜ କବ୍‌ଜାକୁ ନେବା ଲାଗି କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି ଏହାକୁ କଡ଼ା ବିରୋଧ କରିବା ସହ ପୂର୍ବଭଳି ଅଣବୃହତ୍ ବନ୍ଦରଗୁଡ଼ିକୁ ରାଜ୍ୟ ଅଧୀନରେ ରଖିବାକୁ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କୁ ଜଣାଇଛନ୍ତି**



- ଘରୋଇ କମ୍ପାନୀ ମୁହଁ ଫେରାଉଛନ୍ତି
- ୧୦ ବର୍ଷ ପରେ ବିଜ୍ଞପ୍ତିରେ ଅଟକିଛି ଅଧା ବନ୍ଦର
- ଅଣବୃହତ୍ ବନ୍ଦର ଉପରେ କେନ୍ଦ୍ରର ନଜର

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ରାଜ୍ୟ ସରକାର ଘରୋଇ ଭାଗୀଦାରିରେ ପୁରୁଣା ଓ ନୂଆ ପ୍ରସ୍ତାବିତ ବନ୍ଦର ବିକାଶ କରିବାକୁ ୨୦୦୪ରେ ବନ୍ଦର ନୀତି କାର୍ଯ୍ୟକାରୀ କରିଥିଲେ। ଜଳପଥ ପରିବହନଠାରୁ ଆରମ୍ଭ କରି ଶିଳ୍ପ, ନୂତନ ବନ୍ଦର ଚିହ୍ନଟ, ବନ୍ଦରଭିତ୍ତିକ ଭିତ୍ତିଭୂମି ବିକାଶ ପାଇଁ ଏଥିରେ ବ୍ୟବସ୍ଥା ରହିଛି। ନୂତନ ବନ୍ଦର ପାଇଁ ଏକ ସାମୁଦ୍ରିକ ପରିଷଦ (ମାରିଟାଇମ୍ ବୋର୍ଡ) ଗଠନ କରାଯାଇଛି। ଏହି ବୋର୍ଡ ବନ୍ଦର ନିର୍ମାଣ ପାଇଁ ଜମି, ପାଣି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରିବା ଲାଗି ସିଙ୍ଗଲ୍ ୱିଣ୍ଡୋ ଭାବେ କାର୍ଯ୍ୟ କରିବ। ଏହାଛଡ଼ା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ପରିବେଶ ମଞ୍ଜୁରୀ ଭଳି ବିଭିନ୍ନ ସମସ୍ୟାକୁ ଦୂର କରିବା କ୍ଷେତ୍ରରେ ବୋର୍ଡ କାର୍ଯ୍ୟ କରିବ। ଏହାଦ୍ୱାରା ରାଜ୍ୟର ରପ୍ତାନି, ଆମଦାନୀ, ଜାତୀୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ବୃଦ୍ଧି ପାଇବ।

ବନ୍ଦର ନୀତିର କେତେକ ପ୍ରମୁଖ ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ଗୋଟିଏ ହେଲା ରାଜ୍ୟର ବୃହତ୍ ବନ୍ଦର ଏବଂ ପ୍ରସ୍ତାବିତ ଛୋଟ ବନ୍ଦରଗୁଡ଼ିକର ବିକାଶ ପାଇଁ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା। ସେହିପରି ଜାହାଜ ନିର୍ମାଣ, ମରାମତି ସାଙ୍ଗକୁ ପରିବହନ ବ୍ୟବସ୍ଥାର ବିକାଶ ନିମନ୍ତେ ବନ୍ଦରଗୁଡ଼ିକ ସହିତ ନଦୀକୁ ସଂଯୋଗ କରିବା ଅନ୍ୟତମ ଲକ୍ଷ୍ୟ। ହେଲେ ଏସବୁ କେବଳ ଲକ୍ଷ୍ୟରେ ହିଁ ସୀମିତ ରହିଯାଇଛି। ଚିହ୍ନଟ ହୋଇଥିବା ପ୍ରସ୍ତାବିତ ବନ୍ଦର ବିକାଶ କରିବାକୁ ଘରୋଇ ସଂସ୍ଥା ଆଗ୍ରହ ଦେଖାଉ ନାହାନ୍ତି। ପାରାଦୀପ ବନ୍ଦରକୁ ବାଦ ଦେଲେ ରାଜ୍ୟରେ ୧୪ଟି ନୂତନ ବନ୍ଦର ଚିହ୍ନଟ କରାଯାଇଥିଲା। ସେଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡ଼ି, ଭଦ୍ରକ ଜିଲାର ଚୂଡାମଣି, ଧାମରା, ଜଗତସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଓ ବାଲିହରଚଣ୍ଡୀ, ଗଞ୍ଜାମ ଜିଲାର ଗୋପାଳପୁର, ପାଲୁର ଓ ବାହୁଦା ମୁହାଣ ବନ୍ଦର ସମେତ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ମହାନଦୀ ମୁହାଣରେ ନଦୀଭିତ୍ତିକ ବନ୍ଦର। ସେଥିମଧ୍ୟରୁ ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଜଟାଧାର, ବାଲିହରଚଣ୍ଡୀ, ପାଲୁର, ବାହୁଦା ଏବଂ ଇଞ୍ଚୁଡ଼ି କେବଳ ବିଜ୍ଞପ୍ତିରେ ସୀମିତ ହୋଇ ରହିଯାଇଛି। ସୁବର୍ଣ୍ଣରେଖା ମୁହାଣ ବନ୍ଦର ପାଇଁ ୨୦୦୬ ଡିସେମ୍ବର ୧୮ରେ ଏକ ଘରୋଇ ସଂସ୍ଥା ☞ପୃଷ୍ଠା-୨

## ଅଭିଯୁକ୍ତଙ୍କୁ ଗିରଫ କରିନ କାହିଁକି

### ଲଖିମପୁର ଖେରି ହିଂସା: ୟୁପିକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୧୦

ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ଅକ୍ଟୋବର ୩ରେ ଘଟିଥିବା ରାଜନୈତିକ ଝଡ଼ ସୃଷ୍ଟିକାରୀ ହିଂସାକାଣ୍ଡର ଅଭିଯୁକ୍ତମାନଙ୍କୁ ଯୋଗୀ ସରକାର ଘଣ୍ଟ ଘୋଡ଼ାଉଥିବା ବିରୋଧୀ ସମାଲୋଚନା କରୁଥିବାବେଳେ ଏନେଇ ଗୁରୁବାର ସୁପ୍ରିମକୋର୍ଟ ଚିନ୍ତା ବ୍ୟକ୍ତ କରିଛନ୍ତି। ୮ ଜଣଙ୍କ ହତ୍ୟା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରି ଏଫ୍‌ଆଇଆର୍‌ରେ ନାମ ଥିବା ଅଭିଯୁକ୍ତମାନଙ୍କୁ ଏଯାଏ କାହିଁକି ଗିରଫ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ଉକ୍ତ ହିଂସାକାଣ୍ଡ ଉପରେ ଯୋଗୀ ସରକାର କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସେ ସମ୍ପର୍କରେ ଶୁକ୍ରବାର ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ସରକାର ଗଠନ କରିଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏବଂ ନ୍ୟାୟିକ ତଦନ୍ତ କମିଶନକୁ ନେଇ ତିନିଜଣିଆ ଖଣ୍ଡପୀଠ ବିସ୍ତୃତ ତଥ୍ୟ ମାଗିଛନ୍ତି। ☞ପୃଷ୍ଠା-୨

## ତାଞ୍ଜାନିଆ ଔପନ୍ୟାସିକଙ୍କୁ ସାହିତ୍ୟରେ ନୋବେଲ

ଷ୍ଟକ୍‌ହୋମ, ୭।୧୦

ତାଞ୍ଜାନିଆ ଔପନ୍ୟାସିକ ଅବଦୁଲ ରଜାକ ଗୁରନାହ ଚଳିତ ବର୍ଷ ଲାଗି ସାହିତ୍ୟରେ ନୋବେଲ ପୁରସ୍କାର ପାଇବାକୁ ଯାଉଛନ୍ତି। ଉପନିବେଶବାଦର ପ୍ରଭାବ ଏବଂ ସଂସ୍କୃତି ଓ ମହାଦେଶଗୁଡ଼ିକ ମଧ୍ୟରେ ଶରଣାର୍ଥୀଙ୍କ ଭାଗ୍ୟକୁ ନେଇ ତାଙ୍କର ସାଲିସ୍‌ବିହୀନ ତଥା ସହାନୁଭୂତିଶୀଳ ଲେଖନୀ ଚାଳନା ନିମନ୍ତେ ତାଙ୍କୁ ଏହି ସର୍ବୋଚ୍ଚ ପୁରସ୍କାର ଲାଗି ମନୋନୀତ କରାଯାଇଛି। ୧୯୪୮ରେ ଜାଞ୍ଜିବରରେ ଜନ୍ମିତ ଅବଦୁଲରଜାକ ୬୦ ଦଶକ ଶେଷ ଭାଗରେ ଜଣେ ଶରଣାର୍ଥୀ ଭାବେ ଇଂଲଣ୍ଡ ଚାଲିଆସିଥିଲେ। କେଣ୍ଟ ବିଶ୍ୱବିଦ୍ୟାଳୟରେ ସେ ଜଣେ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ୧୯୯୪ରେ ତାଙ୍କର ଚତୁର୍ଥ ଉପନ୍ୟାସ 'ପାରାଡାଇଜ୍' ତାଙ୍କୁ ଶ୍ରେଷ୍ଠ ଲେଖକର ପରିଚୟ ଦେବା ସହ ବୁକର ପ୍ରାଇଜ୍ ☞ପୃଷ୍ଠା-୨



ଅବଦୁଲ ରଜାକ ଗୁରନାହ

## ଭୁବନେଶ୍ୱରରେ ୧୦୦ ଟପିଲା ଡିଜେଲ



ଭୁବନେଶ୍ୱର/ନୂଆଦିଲ୍ଲୀ,୭।୧୦

କ୍ରମାଗତ ତୃତୀୟ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଘଟିଛି। ଏହା ଫଳରେ ଭୁବନେଶ୍ୱର ସମେତ ରାଜ୍ୟର ୨୮ଟି ଜିଲାରେ ଡିଜେଲ ଦର ମଧ୍ୟ ୧୦୦ ଟଙ୍କା ଟପିଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ର ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ଡିଜେଲ ୩୮ ପଇସା ଏବଂ ପେଟ୍ରୋଲ ୩୧ ପଇସା ବଢ଼ିଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ବିସ୍ଥାପନ ଯୁଗରେ ଶିକ୍ଷା ବ୍ୟବସ୍ଥା


USHA TRAVELS
www.flyusha.in
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply
CALL US! 9937438896





V2 Value & Variety
97 STORES | 16 STATES

ଏଥର ପୂଜାରେ ସମସ୍ତ ପ୍ରକାର ପୋଷାକ କିଣାକିଣି ଉପରେ ଧମାକାଦାର ଅଫର

ଫ୍ଲାଟ ୨୫% ରିହାତି*
ସକାଳ ୭ ରୁ ୧୧ଟା
ସମସ୍ତ ପୋଷାକ ଉପରେ

*Customer can avail the offer till 11 o'clock in the morning. Offer valid till 15th October 2021.

All the small retailers can also make the most of the opportunities.

V2 kart
For online shopping log-on-to
www.V2KART.COM

5% EXTRA CASHBACK SBI card
*Min. Trxn.: ₹1,250; Max. Cashback: ₹500 per card account.
Also valid on EMI Trxns. Validity: 01 Oct - 14 Nov 2021. T&C Apply.

SHOP FOR ₹999 AND PARTICIPATE IN BUMPER LUCKY DRAW | 25 WINNERS WILL GET 1 LAC* EACH

SHOP FOR ₹999 AND PARTICIPATE IN LUCKY DRAW COUPON | WINNER WILL GET PER STORE, PER DAY ₹5000* CASH

*T&C Apply

ORISSA: BRAHMAPUR: CITY MALL, TELEPHONE BHAVAN ROAD, BRAHMAPUR (GM.), PIN-760001 MOB:7557794058 | CUTTACK: BADAMBAADI, CUTTACKBRAJRAJ COMPLEX, BADAMBADI, P.S. BADAMBADI, DIST- CUTTACK, PIN: 753012 MOB: 8093680833 | BHUBANESWAR: MOUZ-JAYADEV VIHAR,PIN-751013 MOB: 8280151273 | JEYPORE: RCC COMPLEX, MAUZA, JAGADHATRIPUR OF JEYPORE TOWN, MAIN ROAD AUROBINDA NAGAR PARABEDA, JEYPORE, DIST-KORAPUT, PIN-764001 MOB:6370770265 | PATRAPADA: NH -5,NEAR INDIAN OIL PETROL PUMP, PIN-751019 MOB: 7008103130 | PATIA: NEAR AXIS BANK, BHUWNASHWAR PATIA PIN-751024 MOB: 8280151273 | JAJPUR: MOUZA BHATIA, JAJPUR ROAD, JAJPUR, PIN-755019 MOB: 6371134485 | ANGUL: MZ-ANGUL TOWN, PIN : 759122 MOB 9776969663 | BALASORE: DISTRICT COLLECTORATE- BALASORE, SRO - BALASORE, P.S- TOWN, MOUZA- BAGBRUNDABAN PIN - 756001 MOB: 9090302380 | BHADRAK: MOUZA- MATHASAHI, BHADRAK, PIN - 756100 MOB: 8310144239 | NIMAPADA: DOLABEDI NIMAPADA CHOWK, PO - NIMAPADA, P.S. - NIMAPADA, DIST. PURI, PIN- 752106 MOB: 9337005232 | SUNDARGARH: KISAM - GHARABARI-1, SUNDARGARH, PIN - 766107 MOB: 8480871412 | RAJKHARIAR: NEAR AXIS BANK, COLLAGE ROAD KHARIAR, NUAPADA PIN-766107 | ROURKELA: MOUZA- R.T.U. NO-36, VILL/PS- UDITNAGAR, PIN-769012 MOB: 9337273758 | BARIPADA: PURNCHADRA PUR (MURGABADI CHOWK) - P.O., P.S.-BARIPADA, DIST - MAYURBHANJ, PIN 757002.

MEN'S WEAR | LADIES WEAR | KIDS WEAR | LIFESTYLE | Follow us on :

*TERMS & CONDITIONS APPLY: OFFER VALID TILL STOCKS LAST. PRICES & OFFERS ARE SUBJECT TO CHANGE AND CAN BE WITHDRAWN WITHOUT PRIOR NOTICE. QUANTITY RESTRICTIONS APPLY. PRODUCT PICTURES ARE INDICATIVE OF THE OFFERS ONLY AND MAY NOT MATCH WITH THE ACTUAL PRODUCTS. OFFERS FOR RETAIL CUSTOMERS ONLY. OFFERS MAY VARY AS PER LOCATION. INCASE OF ANY DISPUTE V2 RESERVES THE RIGHT TO TAKE THE FINAL DECISION. ALL MAJOR CREDIT CARDS ARE ACCEPTED.

**ଆଜିର ମନ୍ତବ୍ୟ**

"କୌଣସି ଦେଶ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ପ୍ରସଙ୍ଗ ନିଜ ପାର୍ଲାମେଣ୍ଟରେ ଉଠାଇବା ଅନୁଚିତ।"
–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଧି
ପରିବାରବର୍ଗ


ଶାଶ୍ୱତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥଟ୍ଟା ସୁଖ ଶାଳୀ,**
**କହିଲେ ଯେବେ ସହେ ;**
**ସଉଦା ସୁଖ କାଳି,**
**ନ ମାଗୁଣୁ ଯେବେ ଦିଏ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟା ମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ, ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର କୌଣସି ଆପତ୍ତି ଅଭିଯୋଗ ନ ଥାଏ, ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଥୋ କଉଡ଼ି,**
**ଧୋ ଗୋଡ଼।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ପାଖରେ ଅର୍ଥ ଥିଲେ ସବୁ କିଛି ସହଜରେ ହାସଲ କରିହୁଏ। ପରନ୍ତୁ ଅର୍ଥ ନ ଥିଲେ ସବୁ କିଛି ଦୁଷ୍ପ୍ରାପ୍ୟ ହୋଇଯାଏ। ଆଗ ଅର୍ଥ ଦେ ପଛେ ଗୃହ ପ୍ରବେଶ କରିବାରେ କୌଣସି ବାରଣ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ହାଇକୋର୍ଟରେ ଟେକ୍ନିକାଲ କମିଟି, ୩ ଜିଲାପାଳଙ୍କ ରିପୋର୍ଟ ଦାଖଲ

**କୁଷ୍ଠାଶ୍ରମ ଦୁରବସ୍ଥା ମାମଲା**

**କଟକ ଅଫିସ,୭।୧୦:** ରାଜ୍ୟର ବିଭିନ୍ନ କୁଷ୍ଠାଶ୍ରମର ଦୁରବସ୍ଥା ସମ୍ପର୍କିତ ମାମଲାରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଟେକ୍ନିକାଲ କମିଟି ଗୁରୁବାର ହାଇକୋର୍ଟରେ ରିପୋର୍ଟ ଦାଖଲ କରିଛି। ରାଜ୍ୟର ବିଭିନ୍ନ କୁଷ୍ଠାଶ୍ରମରେ ମୌଳିକ ସୁବିଧା ଅଛି କି ନାହିଁ, ସେ ସମ୍ପର୍କରେ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହାର କପି ଆମିକସ୍ କ୍ୟୁରିଙ୍କୁ ପ୍ରଦାନ କରାଯାଇଛି। ଏହାଉପରେ ଆମିକସ୍ କ୍ୟୁରି ପ୍ରତି ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୁରୀ, ଖୋର୍ଦ୍ଧା ଓ ବାଲେଶ୍ୱର ଜିଲାପାଳ ମଧ୍ୟ କୁଷ୍ଠାଶ୍ରମର ଉନ୍ନତୀକରଣ ସମ୍ପର୍କିତ ରିପୋର୍ଟ ଦାଖଲ କରିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ବନ୍ଦର ନୀତି କାମ...

ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରାଯାଇଥିଲା। ଏହି ବନ୍ଦର ପାଇଁ ୨୯୨.୬୮୦ ଏକର ଜମି ଅଧିଗ୍ରହଣ ହୋଇଥିଲା। ୧୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ମଧ୍ୟ ଏହାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଭଦ୍ରକ ଜିଲାର ଚୂଡାମଣି ବନ୍ଦର ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ୨୦୦୧ ଅକ୍ଟୋବର ୨୨ରେ ଏମ୍ଓୟୁ ସ୍ୱାକ୍ଷର କରିଥିଲା। ପରବର୍ତ୍ତୀ ସମୟରେ ସେଥିରୁ କମ୍ପାନୀ ଓହରିଯାଇଛି। ଧାମରା ବନ୍ଦର ପାଇଁ ୧୯୯୭ରେ ଇଣ୍ଟରନ୍ୟାଶନାଲ ସି ପୋର୍ଟ ଏମ୍ଓୟୁ ସ୍ୱାକ୍ଷର କରିଥିଲା। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବା ପରେ ଏହି ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଜଗତ୍‌ସିଂହପୁର ଜିଲା ଜଟାଧାରା ମୁହାଣ ବନ୍ଦର ପ୍ରସ୍ତାବରୁ ପୋସ୍କୋ ଓହରିଯିବା ପରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍‌କୁ ସେଠାରେ ଏକ କ୍ୟାପ୍ଟିଭ ଜେଟି ନିର୍ମାଣ କରିବାକୁ ଅନୁମୋଦନ ମିଳିଛି। ଅସ୍ତରଙ୍ଗ ବନ୍ଦର ବିକାଶ ପାଇଁ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ସହ ୨୦୧୦ରେ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ବାଲିହରଚଣ୍ଡୀ ଏବଂ ପାଲୁର ବନ୍ଦର ବିଜ୍ଞପ୍ତିରେ ଅଟକି ରହିଛି। ଗୋପାଳପୁର ବନ୍ଦରକୁ ସବୁଦିନିଆ ବନ୍ଦର କରିବା ପାଇଁ ଗୋପାଳପୁର ପୋର୍ଟସ୍ ଲିମିଟେଡ ସହିତ ରାଜ୍ୟ ସରକାର ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ଏକମାତ୍ର ନଦୀଭିତ୍ତିକ ବନ୍ଦର ମହାନଦୀ ମୁହାଣରେ ସରକାରୀ ଘରୋଇ ଭାଗୀଦାରିରେ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିପାଇଁ ୪ଟି ଘରୋଇ ସଂସ୍ଥା ରିକ୍ୱେଷ୍ଟ ଫର ପ୍ରପୋଜାଲ(ଆରଏଫ୍‌ପି) ଦେଇଥିଲେ। ମାତ୍ର ଉକ୍ତ ସଂସ୍ଥା ଏମ୍ଓୟୁ ସ୍ୱାକ୍ଷର କରିବା ବଦଳରେ ସମୟ ଗଡ଼ାଇ ଚାଲିଥିଲେ। ଶେଷରେ ରାଜ୍ୟ ସରକାର ଏହି ବନ୍ଦରର ବିକାଶ କରିବାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ଶେଷରେ ପାରାଦୀପ ପୋର୍ଟ ଟ୍ରଷ୍ଟ ଏହି ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ରାଜି ହୋଇଛି। ଏଥିପାଇଁ ଖୁବ୍‌ଶୀଘ୍ର ବୁଝାମଣାପତ୍ର ସ୍ୱାକ୍ଷର ହେବ। ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଏମ୍ଓୟୁ ସ୍ୱାକ୍ଷର କରାଯିବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ବନ୍ଦରର ବିକାଶ ପାଇଁ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ବାର୍ଷିକ ୪୫.୮୮ ନିୟୁତ ଟନ ପଣ୍ୟ କାରବାର ହେବ। ପ୍ରଥମ ପର୍ଯ୍ୟାୟରେ ଏହି ବନ୍ଦର ପାଇଁ ୧୭୫ ହେକ୍ଟର ଜମିର ଆବଶ୍ୟକତା ରହିଛି। ପରବର୍ତ୍ତୀ ସମୟରେ ଏହାର କ୍ଷମତା ବୃଦ୍ଧି କରିବାକୁ ଆହୁରି ୧୩୦ ହେକ୍ଟର ଜମିର ଆବଶ୍ୟକତା ପଡ଼ିବ। ଏହି ବନ୍ଦରର କାରବାର ପାଇଁ ଜାତୀୟ ରାଜପଥ ନଂ. ୫୩ ଏବଂ ହରିଦାସପୁର-ପାରାଦୀପ ସହିତ ରେଳଲାଇନ ସଂଯୋଗ କରାଯିବ। ଏଥିରେ ପ୍ରାୟ ୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଅଭିଯୁକ୍ତଙ୍କୁ ଗିରଫ...

୪ ଚାଷୀଙ୍କ ସମେତ ୮ ଜଣଙ୍କ ଜୀବନ ଯାଇଥିବା ଲଖିମପୁର ଖେରି ହିଂସାକୁ ବୁଧବାର ସୁପ୍ରିମକୋର୍ଟ ସଂଜ୍ଞାନକୁ ନେଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ନିଜ ଆଡୁ ଏହାର ଶୁଣାଣି କରିବାକୁ ଧାର୍ଯ୍ୟ କରିଥିଲେ। ଗୁରୁବାର ପୂର୍ବାହ୍ନରେ ଏହି ସମ୍ବେଦନଶୀଳ ମାମଲାର ବିଚାର ଆରମ୍ଭ ହୋଇଛି। ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣେ ଖବରଦାତାଙ୍କ ସହ କେତେଜଣ ଚାଷୀ ଅଛନ୍ତି। ଏହି ବିଷୟ ୟୁପି ସରକାର ରିପୋର୍ଟ କରିଛନ୍ତି ଏବଂ ଆବେଦନକାରୀଙ୍କ ପତ୍ରରେ ଉଲ୍ଲେଖ କରାଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା, ଯେଉଁଠି ବିଭିନ୍ନ ଲୋକଙ୍କୁ ହତ୍ୟା କରାଯାଇଛି। ଏହି ମାମଲାରେ କେଉଁମାନେ ଅଭିଯୁକ୍ତ, ଯାହାଙ୍କ ବିରୋଧରେ ଏଫ୍ଆଇଆର୍ କରାଯାଇଛି। ସେମାନଙ୍କୁ ଗିରଫ କରାଗଲାଣି ନା ନାହିଁ। ଦିନକ ଭିତରେ ଷ୍ଟାଟସ୍ ରିପୋର୍ଟରେ ଏସବୁର ସ୍ପଷ୍ଟୀକରଣ ଦରକାର। ଶୁକ୍ରବାର ଏହାର ପରବର୍ତ୍ତୀ ଶୁଣାଣି ହେବ। ଦୁଃଖର କଥା ହେଉଛି ୟୁପି ସରକାର ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଉନାହାନ୍ତି। ଏପରି କି ଏଫ୍ଆଇଆର୍ ମଧ୍ୟ ଠିକ୍ ଭାବେ ଦାଏର କରାଯାଇ ନାହିଁ।

ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଗରିମା ପ୍ରସାଦ ମଧ୍ୟ ଏହାକୁ ଦୁର୍ଭାଗ୍ୟଜନକ ଘଟଣା ବୋଲି ଅଭିହିତ କରିଥିଲେ। ସେ କହିଥିଲେ, ସରକାର ଏକ ଏସ୍ଆଇଟି ଏବଂ ନ୍ୟାୟିକ କମିଶନ ଗଠନ କରିଛନ୍ତି, ଯାହାର ସମ୍ପୂର୍ଣ୍ଣ ବିବରଣୀ ଷ୍ଟାଟସ୍ ରିପୋର୍ଟରେ ସେ ଦେବେ। ଆଲ୍ଲାହାବାଦ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ବିଚାରବିଭାଗୀୟ କମିଶନ ଗଠନ କରାଯାଇଛି। ତେବେ ଯେଉଁ ଚିଠିକୁ ନେଇ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଛନ୍ତି, ଗରିମା ତାହାର ଏକ ନକଲ ମାଗିଥିଲେ। ଖଣ୍ଡପୀଠ କହିଥିଲେ, ହାଇକୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ନେଇ ମଧ୍ୟ ଶୁକ୍ରବାର ଷ୍ଟାଟସ୍ ରିପୋର୍ଟ ଦାଖଲ କରନ୍ତୁ। ଶୁଣାଣି ବେଳେ ସିଜେଆଇ ଏକ ମେସେଜ୍‌ର ଅବତାରଣା କରିଥିଲେ। କହିଥିଲେ, ଏବେ ଆମେ ଏକ ମେସେଜ୍ ପାଇଛୁ। ହିଂସାରେ ପ୍ରାଣ ହରାଇଥିବା ଲଭ୍‌ପ୍ରୀତ ସିଂଙ୍କ ମା' ଅମର୍ତି ପାଲ ସିଂ ଏହା ପଠାଇଛନ୍ତି। ପୁଅକୁ ହରାଇ ସେ ମ୍ରିୟମାଣ ହୋଇଯାଇଛନ୍ତି। ତାଙ୍କ ଅବସ୍ଥା ଭଲ ନାହିଁ। ତାଙ୍କୁ ତୁରନ୍ତ ଡାକ୍ତରୀ ସହାୟତା ଦିଆଯିବା ଜରୁରୀ। ୟୁପି ସରକାର ତାଙ୍କୁ ନିକଟସ୍ଥ ଏକ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରି ସହାୟତା ଦିଅନ୍ତୁ। ଏହା ପୂର୍ବରୁ ଖଣ୍ଡପୀଠ କହିଥିଲେ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନେଇ ଲଖିମପୁର ହିଂସାର ଉଚ୍ଚସ୍ତରୀୟ ବିଚାରବିଭାଗୀୟ ତଦନ୍ତ ପାଇଁ ଦୁଇଜଣ ଓକିଲ ପତ୍ର ଲେଖିଛନ୍ତି। ଉକ୍ତ ଚିଠିକୁ ପିଆଇଏଲ୍ ଭାବେ ପଞ୍ଜୀକରଣ କରି ଶୁଣାଣି କରାଯିବାର ଥିଲା। କିନ୍ତୁ ଭୁଲ୍ ଯୋଗାଯୋଗ ଯୋଗୁ ଅଦାଲତ ଏହାକୁ ନେଇ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିଲାଗି ଦୁଇ ଆଇନଜୀବୀ ଶିବକୁମାର ତ୍ରିପାଠୀ ଏବଂ ସି.ଏସ୍. ପଣ୍ଡାଙ୍କୁ ହାଜର ହେବା ପାଇଁ ଅବଗତ କରିବାକୁ ଖଣ୍ଡପୀଠ କୋର୍ଟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ଗତ ରବିବାର ଲଖିମପୁର ଖେରିର ତିକୁନିଆରେ କେନ୍ଦ୍ରର ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକମାନେ ବିକ୍ଷୋଭ କରୁଥିବାବେଳେ ଏକ ଏସ୍‌ୟୁଭି ସମେତ ୩ ଗାଡ଼ି ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ୪ କୃଷକ ଓ ଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ୨ ଭାଜପା କର୍ମୀ ଓ ଜଣେ ଡ୍ରାଇଭରଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଗୋଟିଏ ହେଉଛି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଓରଫ ଟେନିଙ୍କ ପୁଅ ଆଶିଷ ମିଶ୍ରା ଓରଫ ମୋନୁଙ୍କ ଗାଡ଼ି। ଉକ୍ତ ଗାଡ଼ିକୁ ଆଶିଷ ଚଳାଉଥିଲେ ବୋଲି ଅଭିଯୋଗ ହୋଇଛି। ତେବେ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପୁଅ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତିକୁନିଆ ଥାନାରେ ଅଭିଯୋଗ ଆଧାରରେ ଏଫ୍ଆଇଆର୍ ହୋଇଛି। ଆଶିଷଙ୍କ ବିରୋଧରେ ଆଇପିସି ୩୦୨, ୩୦୪-ଏ, ୧୨୦-ବି, ୧୪୭, ୨୭୯ ଏବଂ ୩୩୮ ଭଳି ସଙ୍ଗିନ ଦଫା ଲାଗିଛି।

## ତାଞ୍ଜାନିଆ ଔପନ୍ୟାସିକଙ୍କୁ...

ପାଇଁ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିଲା। ସେ ଉପନିବେଶ ପରବର୍ତ୍ତୀ ବିଶ୍ୱର ସବୁଠୁ ଖ୍ୟାତନାମା ଲେଖକ ବୋଲି ନୋବେଲ ସାହିତ୍ୟ କମିଟି ଅଧ୍ୟକ୍ଷ ଆଣ୍ଡେର୍ସ ଓଲସନ କହିଛନ୍ତି। ନୋବେଲ ପୁରସ୍କାର ବାବଦରେ ତାଙ୍କୁ ଏକ ସ୍ୱର୍ଣ୍ଣ ମେଡାଲ, ୧୦ ନିୟୁତ ସୁଇଡିସ୍ କ୍ରୋନୋର ମିଳିବ। ଗତବର୍ଷ ଆମେରିକୀୟ କବି ଲୁଇସ୍ ଗ୍ଲୁକ୍‌ଙ୍କୁ ଏହି ପୁରସ୍କାର ମିଳିଥିଲା।

## ଭୁବନେଶ୍ୱରରେ ୧୦୦...

ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୦.୦୮ ଟଙ୍କା ଏବଂ ପେଟ୍ରୋଲ୧୦୪.୧୩ ଟଙ୍କାରେ କାରବାର ହେଉଛି। ଏପରିକି ଗତ ୨ସପ୍ତାହ ମଧ୍ୟରେ ପେଟ୍ରୋଲ ୨.୦୯ ଟଙ୍କା ଏବଂ ଡିଜେଲ ୩.୪୭ ଟଙ୍କା ବଢି ସାରିଲାଣି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି।

ଅପରପକ୍ଷରେ କଟକ ସହରରେ ଡିଜେଲ ଲିଟର ପିଛା ୧୦୦.୪୨ ଟଙ୍କା ଓ ପେଟ୍ରୋଲ ୧୦୪.୪୮ ଟଙ୍କାରେ ପହଞ୍ଚିଛି। ସେହିଭଳି ଓଡ଼ିଶାର ମାଲକାନଗିରି ଜିଲାର କାଲିମେଳା ବ୍ଲକରେ ପେଟ୍ରୋଲ ୧୧୦.୭୨ ଟଙ୍କା ଥିବାବେଳେ ଡିଜେଲ ୧୦୫.୭୮ ଟଙ୍କାରେ ବିକ୍ରି ହେଉଛି। ସେହିପରି ମାଲକାନଗିରି ସହରରେ ପେଟ୍ରୋଲ ୧୦୯.୭୨ ଟଙ୍କା ଏବଂ ଡିଜେଲ ୧୦୫.୪୯ ଟଙ୍କାରେ ରହିଛି।

ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୫ ପଇସା ଏବଂ ପେଟ୍ରୋଲ ୩୦ ପଇସା ବଢ଼ିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୧.୭୭ ଟଙ୍କା ଏବଂ ପେଟ୍ରୋଲ ୧୦୩.୨୪ ଟଙ୍କାରେ କାରବାର ହେଉଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୨.୧୦ ଟଙ୍କା ଏବଂ ଡିଜେଲ ୩.୧୫ ଟଙ୍କା ବଢ଼ିଥିବା ଜଣାପଡ଼ିଛି। ସେପ୍ଟେମ୍ବର ୫ରେ ଶେଷ ଥର ପାଇଁ ତୈଳ ଦର ହ୍ରାସ ପାଇଥିବା ବେଳେ ସେପ୍ଟେମ୍ବର ୨୪ରୁ ଡିଜେଲ ଦର ସହ କ୍ରମାଗତ ଭାବେ ତୈଳ ଦର ବୃଦ୍ଧି ପାଇଚାଲିଛି ବୋଲି ତୈଳ ନିଗମ ସୂଚନା ଦେଇଛି।

ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୮ ପଇସା ବଢ଼ି ଯଥାକ୍ରମ ୯୬.୨୬ ଟଙ୍କା, ୯୪.୮୮ ଟଙ୍କା ଏବଂ ୯୯.୫୫ ଟଙ୍କାରେ ରହିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୬ରୁ ୨୯ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୦.୭୫ ଟଙ୍କା, ୧୦୩.୯୪ ଟଙ୍କା ଏବଂ ୧୦୯.୨୫ ଟଙ୍କାରେ ପହଞ୍ଚିଛି।

ଲଗାତର ତୈଳ ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପେଟ୍ରୋଲ ୧୦୦ ଟଙ୍କା ଟପିଯାଇଥିବା ବେଳେ ୨୭ଟି ରାଜ୍ୟରେ ଡିଜେଲ ଦର ମଧ୍ୟ ୯୦ ଟଙ୍କା ଉପରେ ରହିଛି। ଏପରିକି ଦେଶର ୯ ପ୍ରମୁଖ ରାଜ୍ୟରେ ଡିଜେଲ ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ବିକ୍ରି ହେଉଛି ବୋଲି ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆର୍ଥିକ ଉନ୍ନତି, ଜମିଜମା କ୍ଷେତ୍ରରେ ପାରିବାରିକ ସାହାଯ୍ୟ, ସମର୍ଥନ ପାଇବେ। ଫଳପ୍ରଦ ଯାତ୍ରା ମନକୁ ସାମୟିକ ଆନନ୍ଦ ପ୍ରଦାନ କରିବାରର ସୌଭାଗ୍ୟ ଅର୍ଜନ କରିବେ। ରାଜନୀତି, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**ବୃଷ**

ଘର, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। କ୍ରୀଡ଼ା, କଳା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ପୂର୍ବରୁ ଲାଗି ରହିଥିବା ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇବାର ସୂଚନା ରହିଛି।

**ମିଥୁନ**

ଆଜି ବନ୍ଧୁମିଳନ, ଜନ ସମର୍ଥନ, ଯାନବାହନ ଦିଗରୁ ସୁଫଳ ପାଇବେ। ଅଫିସରେ କିଛି କଡ଼ା ଭାଷା ପ୍ରୟୋଗ କରି ଶତ୍ରୁତା ଅର୍ଜନ କରିପାରନ୍ତି। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**

ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ କଦାପି ପଛକୁ ଫେରିବେ ନାହିଁ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ସାମୟିକ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ସୁଫଳ ମିଳିବ। ପ୍ରକୃତ ଘଟଣାକୁ ଭଲରୂପେ ନ ବୁଝି ସହକର୍ମୀମାନେ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**ସିଂହ**

ରାଶ୍ୟାଧିପତିଙ୍କ ହେତୁ ଶାରୀରିକ ଦୁର୍ବଳତା ଅନୁଭବ କରିବେ। ବନ୍ଧୁଙ୍କ ସହଯୋଗ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିବେ। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା**

ପାରିବାରିକ ଅଶାନ୍ତି କ୍ଷେତ୍ରରେ ଭୁଲ୍ ବୁଝାମଣା ହିଁ ପ୍ରଧାନ କାରଣ ହେବ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହେବାରେ ପଡ଼ୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ତୁଳା**

ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଆପଣ କାହାର ମିଠା କଥାରେ ଭାସିଗଲେ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗରୁ ଚିନ୍ତିତ ହେବାକୁ ପଡ଼ିବ।

**ବିଛା**

ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**

କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କଲେ ସମସ୍ୟା ଆସିବ। ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**ମକର**

ଆଜି କୌଣସି କାମ ଅଟକିବ ନାହିଁ କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ଟେନ୍ସନ ଲାଗି ରହିବ। ସାମାଜିକ ସ୍ତରରେ ଉଚ୍ଚ ବର୍ଗର ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ଅଜଣା ଆଗନ୍ତୁକଙ୍କ ଉପସ୍ଥିତିକୁ କେନ୍ଦ୍ରକରି ନିଜ ଲୋକଙ୍କ ସହ ଝଗଡ଼ା ଲାଗିପାରେ।

**କୁମ୍ଭ**

ଆଜି ପିଲାମାନଙ୍କର କିଛି ସମସ୍ୟା ଓ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡ଼ି ଯିବା କାରଣରୁ ମନ ଭଲ ରହିବ ନାହିଁ। ଭଲ କାମ କଲେ ସୁଦ୍ଧା ନିଜ ପରିସରରେ ସମାଲୋଚିତ ହେବେ।

**ମୀନ**

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିଲେ ମଧ୍ୟ ବିଶେଷ କ୍ଷତି ହେବନାହିଁ। ବନ୍ଧୁମାନଙ୍କ ଗହଣରେ ସାଧାରଣ କଥାରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ।

# ଟିଜି ଶିକ୍ଷକ ନିଯୁକ୍ତି ପାଇଁ ପରୀକ୍ଷା ତାରିଖ ଘୋଷିତ

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ରାଜ୍ୟର ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ଟିଜି ଶିକ୍ଷକ ଓ ତେଲୁଗୁ ଶିକ୍ଷକ ପଦବୀରେ ନିଯୁକ୍ତି ନିମନ୍ତେ ଅନ୍‌ଲାଇନ୍ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯାଇଛି। ଏହି ପରୀକ୍ଷା ଆସନ୍ତା ୨୫ ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ୨୫ ତାରିଖରେ ଟିଜିଟି-ପିଜିଏମ୍, ୨୬ରେ ଟିଜିଟି-ସିବିଜେଡ୍ ଏବଂ ୨୭ ଓ ୨୮ ତାରିଖରେ ଟିଜିଟି ଆର୍ଟସ୍ ପଦବୀ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଆସନ୍ତା ୧୬ ତାରିଖରୁ ପ୍ରାର୍ଥୀମାନେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଭାଗୀୟ ଅଧିକାରୀଙ୍କ ସମେତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟାର ଉପସ୍ଥିତ ଥିଲେ। ପରୀକ୍ଷାର ବିଶଦ କାର୍ଯ୍ୟକାରୀ ଶୁକ୍ରବାର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।


# classifieds Everyday
0674-2580101, 2549302



**SALE**

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952. D-71703

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71177

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

ମାସିକ ମାତ୍ର 3690/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

3240 sqft. sthitiban gharabari corner plot at Panchasakha Nagar near ITER. Only genuine buyers call 9958003695. No brokers please. D-71426



**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710



2000sqft. second floor hall with lift near Airport on 100ft. wide Bhimatangi Mainroad for Office or commercial. 9958003695. D-71425



Ashirvaad Salon and SPA get good massage for your health tha best therapy. 7077181074. D-70491

**Refreshing your mind, your body with tha best therapy at Lotus Spa. 8018891951.** D-70493

Newly open SPA positively health benefit with Expert. Contact: 7749976301. D-71174

Newly open SPA positively health benefits by expert therapist. 7846814019. D-71423

Newly open Saikrupa Panchakarma Spa positively health benefits with Expert. 8984068077. D-21804

Refreshing your mind and body with the best therapy. 7873794731. D-71179

Newly open therapy center offer @ 799/-, positively health benefits. 7381172169. D-71424

**LOST**

It is notified for the information that the Original Regd. sale deed bearing Number 11661301217 dated 06.09.2013 in respect of the property bearing Khata No.- 377/58, Plot No. 94, AC 0.370 dec of Mouza, Kharjura, P.S.- Sonepur, Tahasil & Dist- Sonepur has been lost. Lalita Rice Mill Pvt Ltd, Managing Director. D-21894

**AFFIDAVIT**

I have changed my name from Manish Kanakbhai Sheth to Manish Sheth as per Aadhaar card No 942462383619 and Affidavit. D-21890

I Rabindra Mahanty, S/o- Damodar Mahanty at Qr. No.- A/216, Sector-20 Rourkela have changed my name from Rabindra Mahanty, S/o- Damodar Mahanty to Rabindra Mohanty, S/o- Damodar Mohanty vide affidavit dt 24.09.2021 sworn before Notary S.K. Parida, Rourkela. D-21892

By virtue of an affidavit before Notary Public, Bhubaneswar, I, Pritam Pattanaik declare that my Minor daughter surname is misspelt as Pattanaik instead of Pattnaik. Henceforth she will be known as Trisha Pattnaik for all purpose. D-71504

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



RIDHI (ରିଧି)

ସବୁ ଇଚ୍ଛା ତୋର ପୂରଣ ହେଉ, ତୋ ଜୀବନରେ ଦୁନିଆର ସବୁ ଖୁସି ଭରିଯାଉ। 'ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ'।
-:ଶୁଭେଚ୍ଛା ସହ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୫୯୨୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୭୩,୧୭,୧୦୦ | ୪୮,୮୪,୩୪୧ | ୨୧,୪୪,୪୧,୩୫୬ |
| ଭାରତ | ୩,୩୯,୧୪,୦୧୨ | ୪,୫୦,୧୫୨ | ୩,୩୨,୧୬,୭୦୩ |
| ଓଡ଼ିଶା | ୧୦,୨୯,୯୯୪ | ୮୨୩୪(+୫୩) | ୧୦,୧୭,୧୧୬ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






# ଉତ୍ତମ ସ୍ୱାସ୍ଥ୍ୟସେବା ଆମର ଲକ୍ଷ୍ୟ: ନବୀନ

## ପୁରୀ ଜିଲାରେ ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡର ଶୁଭାରମ୍ଭ

■ ୧୦୦୬ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପଣ

ପୁରୀ ଅଫିସ/ବ୍ରହ୍ମଗିରି(ଡି.ଏନ୍.ଏ),୭।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଜିଲା ବ୍ରହ୍ମଗିରି ଗସ୍ତ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ବୀମା ସ୍ମାଟ କାର୍ଡ ବଣ୍ଟନ କରିଛନ୍ତି। ଏଥିସହ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲାର ପ୍ରାୟ ୩ଲକ୍ଷ ୬୪ହଜାର ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ୧୦୦୬କୋଟି ୮୨ଲକ୍ଷ ଟଙ୍କା ମୂଲ୍ୟର ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ୫ଜଣ ହିତାଧିକାରୀ ଯଥା କୁମାରୀ ପରିଡ଼ା, ରୋକେୟା ବିବି, ମମତା ତରେଇ, ରିଙ୍କି ସେଠୀ ଓ ଲତା ପ୍ରଧାନଙ୍କୁ ସ୍ମାଟ କାର୍ଡ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ସମସ୍ତ ହିତାଧିକାରୀଙ୍କୁ ଏହି ସ୍ମାର୍ଟ କାର୍ଡ ମିଳିବ ବୋଲି କହିଥିଲେ। ଏପରି କି ପୁରୀ ଜିଲାର ଜନସାଧାରଣ ଆମର ବିକାଶ କାର୍ଯ୍ୟକ୍ରମକୁ ସବୁବେଳେ ସହଯୋଗ କରି ସରକାରଙ୍କ ହାତ ମୁଠାକୁ ଟାଣ କରିଛନ୍ତି। ପୁରୀ ଜିଲାବାସୀଙ୍କ ସ୍ନେହ ଓ ଆଦରକୁ ପାଥେୟ କରି ବିକାଶ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନିଆଯିବ। ସେହିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନର ବିକାଶ ହେଉଛି ଆମର ପବିତ୍ର ଦାୟିତ୍ୱ। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମାଧ୍ୟମରେ ପୁରୀ ସହରର ଲୋକେ ଫିଲ୍‌ଟରମାନର ପାଣି ସିଧାସଳଖ ଭାବେ ପାଇପାରୁଛନ୍ତି। ଏଭଳି ସୁବିଧା ପାଇବାରେ ପୁରୀ ସାରା ଦେଶର ପ୍ରଥମ ସହର ଅଟେ। ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ। ଗରିବ ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବାରେ ଅର୍ଥ ଯେପରି ବାଧକ ନ ସାଜେ ସେନେଇ ରାଜ୍ୟ ସରକାର ଏଭଳି ଯୋଜନାକୁ କାର୍ଯ୍ୟକ୍ଷମ କରାଇଛନ୍ତି। ବର୍ତ୍ତମାନ ଲୋକେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨ଶହ ବଡ଼ ବଡ଼ ହସ୍ପିଟାଲ୍‌ରେ ଭଲ ଚିକିତ୍ସା ସୁବିଧା ପାଇପାରିବେ। ଏଥିପାଇଁ ସେମାନଙ୍କୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲା ପାଇଁ ୩୫ କୋଟି ଟଙ୍କାର ସଡ଼କ ଯୋଜନା, ଭିତ୍ତିଭୂମି ବିକାଶ ପାଇଁ ୮୯୩ କୋଟି ଟଙ୍କାର ପ୍ରକଳ୍ପ, ସ୍ୱାସ୍ଥ୍ୟସେବା ପାଇଁ ୨୬୪ କୋଟି ଟଙ୍କାର ଏକାଧିକ ପ୍ରକଳ୍ପ, ପାନୀୟ ଜଳ ପାଇଁ ୧୪୭କୋଟି ଟଙ୍କାର ୨ଟି ମେଗା ପ୍ରକଳ୍ପ, କ୍ରୀଡ଼ା ଭିତ୍ତିଭୂମିରେ ୨୫କୋଟି ଟଙ୍କାର ପ୍ରକଳ୍ପ ଓ ବିଜୁ ସେତୁ ବାବଦକୁ ୩୬କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥିସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାର ଉକ୍ତ ରଥ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସମ୍ପର୍କିତ ସଚେତନତା ବାଣ୍ଟିବା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ବୀମାକୁ ନେଇ ଥିବା ପ୍ରଶ୍ନର ଉତ୍ତର ମଧ୍ୟ ଦେବ।

ନବୀନ ନିବାସରୁ ମୁଖ୍ୟମନ୍ତ୍ରୀ ଅପରାହ୍ଣ ସାଢ଼େ ୩ଟା ୩୦ଟାରେ ହେଲିକପ୍ଟର ଯୋଗେ ବ୍ରହ୍ମଗିରି ଗସ୍ତ କରି ସେଠାରେ କେରାଣ୍ଡିଆ ଅସ୍ଥାୟୀ ହେଲିପ୍ୟାଡ଼ରେ ୩ଟା୪୦ମିନିଟରେ ପହଞ୍ଚି ଥିଲେ। ୪ଟା ୨୭ ସମୟରେ ସ୍ମାଟ୍ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସହ ଜିଲାରେ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭର୍ଚୁଆଲ୍ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଉଲ୍ଲେଖଯୋଗ୍ୟ ବ୍ରହ୍ମଗିରି ବ୍ଲକର ଅତ୍ୟାଧୁନିକ ପ୍ରଶାସନିକ କାର୍ଯ୍ୟାଳୟ ମିନି ସେକ୍ରେଟାରୀଏଟ୍‌କୁ ମଧ୍ୟ ଭର୍ଚୁଆଲ୍ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାତପଡ଼ାଠାରୁ ମୋଟ ପର୍ଯ୍ୟନ୍ତ ସୁରକ୍ଷା ପ୍ରାଚୀର ନିର୍ମାଣ, ପାନୀୟ ଜଳ ପ୍ରକଳ୍ପ, ସାତପଡ଼ା–ଜହ୍ନିକୁଦା ସେତୁ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ଦାସବର୍ମା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁରୀ ଏମ୍‌ପି ପିନାକୀ ମିଶ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଓ ଯୁବବ୍ୟାପାର, ବିଜ୍ଞାନ ଓ କାରିଗରୀ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ଜିଲାର ସମସ୍ତ ବ୍ଲକରେ ପ୍ରସାରଣ କରାଯିବା ସହ ସମସ୍ତ ବ୍ଲକରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁରର ସାଂସଦ ରାଜଶ୍ରୀ ମଲ୍ଲିକ, ୫–ଟି ସଚିବ ଭିକେ ପାଣ୍ଡିଆନ, ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନ୍‌ୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।




ବ୍ରହ୍ମଗିରିଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳା ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି '୫–ଟି' ସଚିବ ଭି.କେ. ପାଣ୍ଡିଆନ୍।

# ଉତ୍କଳ ଆଲୁମିନା ପ୍ଲାଣ୍ଟରେ ମହିଳା ଶ୍ରମିକ ମୃତ

ଟିକିରି,୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଉତ୍କଳ ଆଲୁମିନା ପ୍ଲାଣ୍ଟରେ କାର୍ଯ୍ୟରତ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୋରାଗୁଡ଼ା ଗ୍ରାମର ଯୁଧିଷ୍ଠିର ଦୋରାଙ୍କ ଝିଅ ଜାନାଇ(୨୨)। ଜାନାଇ ସକାଳେ ଗାଁର ଅନ୍ୟ ଶ୍ରମିକମାନଙ୍କ ସହ ମିଶି ଉତ୍କଳ ଆଲୁମିନା ପ୍ଲାଣ୍ଟକୁ ଯାଇଥିଲେ। କାମ କରିବା ସମୟରେ ଦିନ ୧୧ଟାବେଳେ କୌଣସି କାରଣରୁ ସେ ସେଠାରେ ଟଳିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଦୋରାଗୁଡ଼ା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରାହ୍ଣ ପର୍ଯ୍ୟନ୍ତ ଜାନାଇଙ୍କ ମୃତଦେହ ସେମାନେ ବ୍ୟବଚ୍ଛେଦ କରିବାକୁ ଦେଇ ନ ଥିଲେ। ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଥିଲେ। ଖବର ପାଇ ଦୋରାଗୁଡ଼ା ଥାନା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ଫେରିଥିବା ଜଣାପଡ଼ିଛି। ଏନେଇ କମ୍ପାନୀର ସିଏସ୍‌ଆର୍, ସିଆର୍ ଆଣ୍ଡ ସସ୍‌ଟେନାବିଲିଟି ଡେଭେଲପମେଣ୍ଟ ମୁଖ୍ୟ ଲୋପାମୁଦ୍ରା ପ୍ରିୟଦର୍ଶିନୀଙ୍କୁ ଯୋଗାଯୋଗ କରିବାରୁ ସେ ଅସୁସ୍ଥ ଥିବାରୁ ଘଟଣା ବିଷୟରେ କୌଣସି ପ୍ରତିକ୍ରିୟା ରଖିବାକୁ ଅସମର୍ଥ ବୋଲି କହିଛନ୍ତି।




ଅସ୍ୱୀକରଣ : *ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ବିଚାରଧୀନ ଅଟେ । ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916.
HDFC2211-21 Odi





E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. BALASORE: 9798190190.
BHADRAK: 9798190190. BARIPADA: 9798190190. UDALA: 7064499950.
RAIRANGPUR: 9853446906. JALESWAR: 7064499950.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. JAGATSINGHPUR: 9583022090.
PURI: 9583022035. NIMAPARA: 7381093626.
PARADEEP: 9583022034/48.

**SKY AUTOMOBILES**
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005. NARSHINGPUR: 9776645725.
KAMAKHYANAGAR: 9776645725. JAJPUR: 9776900777.
SALEPUR: 9583544555. CHANDIKHOL: 9583544555.

**ODYSSEY MOTORS**
ANGUL: 7752076136. 9776901481. PALLAHARA: 7873565435. 9437831123.

**TUSHI MOTORS**
CUTTACK: 9078076450.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7% is provided by Bank of Baroda. 100% on-road funding is provided by select financiers only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st October, 2021.

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। – ଶ୍ରୀଅରବିନ୍ଦ



# ବିସ୍ଥାପନ ଯୁଗରେ ଶିକ୍ଷା ବ୍ୟବସ୍ଥା




ଗର୍ଡନ ବ୍ରାଉନ
ପୂର୍ବତନ ପ୍ରଧାନମନ୍ତ୍ରୀ, ଇଂଲଣ୍ଡ

ଆଲାନ୍ ଗଡ୍‌ମ୍ୟାନ
ପ୍ରେସିଡେଣ୍ଟ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନ୍ୟାଶନାଲ ଏଡୁକେଶନ

ଆଫଗାନିସ୍ତାନରୁ ଅନ୍ୟ ଦେଶଗୁଡ଼ିକୁ ଶରଣାର୍ଥୀଙ୍କ ସୁଅ ଛୁଟିଛି। ପୃଥିବୀର ବିଭିନ୍ନ ଦେଶରେ ଏବେ ପ୍ରାୟ ୨୬ ଲକ୍ଷ ଆଫଗାନ୍ ଶରଣାର୍ଥୀ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ପୃଥିବୀରେ ମୋଟ ଶରଣାର୍ଥୀ ଏବଂ ବଳପୂର୍ବକ ବିସ୍ଥାପିତ ହୋଇଥିବା ଲୋକଙ୍କ ସଂଖ୍ୟା ୮ କୋଟି ୨୪ ଲକ୍ଷ । ଯଦି ଏ ସମସ୍ତଙ୍କୁ ଗୋଟିଏ ଦେଶରେ ରଖାଯାଏ ତେବେ ସେହି ଦେଶ ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ୨୮ତମ ବୃହତ୍ ଦେଶ ହୋଇଯିବ। ବିଶ୍ୱ ବ୍ୟାଙ୍କ୍ ଆକଳନରୁ ଜଣାପଡ଼ିଛି, ଯଦି ଏବେକାର ଧାରା ଚାଲୁ ରହେ ତେବେ ୨୦୫୦ ସୁଦ୍ଧା ଶରଣାର୍ଥୀ ଏବଂ ବିସ୍ଥାପିତ ଲୋକଙ୍କ ସଂଖ୍ୟା ବ୍ରାଜିଲର ଲୋକସଂଖ୍ୟାକୁ ଟପିଯିବ। ଏହି ସଂଖ୍ୟା ମଧ୍ୟ ଜର୍ମାନୀ, ଇଟାଲୀ , ଇଂଲଣ୍ଡ ଏବଂ ଫ୍ରାନ୍ସ ଜନସଂଖ୍ୟା ପାଖାପାଖି ହୋଇଯିବ। ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ଜଳ ପତ୍ତନ ବୃଦ୍ଧି ପାଉଥିବାରୁ କେତେଜଣ ଭବିଷ୍ୟକାର କହିଛନ୍ତି ଯେ, ଏହା ଯୋଗୁ ବିଶ୍ୱରେ ମାନବ ଇତିହାସରେ ସବୁଠୁ ଅଧିକ ସଂଖ୍ୟକ ଲୋକ ବିସ୍ଥାପିତ ହେବେ । ଏହା ୧୦୦ କୋଟିକୁ ଟପିଯାଇପାରେ ବୋଲି ସେମାନେ ଅନୁମାନ କରିଛନ୍ତି। କରୋନା ଭୂତାଣୁ ପ୍ରକାଶ ପାଇବାର ବହୁ ପୂର୍ବରୁ ଯୁଦ୍ଧ,ଜାତିଗତ ଓ ସାମ୍ପ୍ରଦାୟିକ ଘୃଣା ଏବଂ ଅନ୍ୟର ଦୁଃଖ ଯନ୍ତ୍ରଣା ଅନୁଭବ କରିବାରେ ସାମଗ୍ରିକ ଅକ୍ଷମତା ଯୋଗୁ ଶରଣାର୍ଥ ସଂଖ୍ୟା ବଢ଼ିଚାଲିଥିଲା। ଏବେ ଶରଣାର୍ଥୀ କ୍ୟାମ୍ପ୍ ବା ଶିବିରଗୁଡ଼ିକ ସ୍ଥାୟୀ ସହର ପାଲଟିଯାଇଛି। ତଥାପି ଅଧିକାଂଶ ଶରଣାର୍ଥୀ ଏଣେତେଣେ ଖୋପଡ଼ି, ବଖୁରିଆ କୁଡ଼ିଆ ଏବଂ ଭଡ଼ା ଘରେ ରହୁଛନ୍ତି। ସେମାନେ ହାରାହାରି ୨୦ ବର୍ଷ ହେବ ଏଭଳି ପରିବେଶରେ ରହି ଆସୁଛନ୍ତି। ଏହି ସ୍ଥିତିର ଅନ୍ତ ଘଟୁନାହିଁ।

ଦୁଃଖର ବିଷୟ , ଉକ୍ତ ସମସ୍ୟାରେ ପୀଡ଼ିତ ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ଯୁବପିଢି ଅନ୍ଧକାରକୁ ଠେଲି ହୋଇଯାଉଛନ୍ତି। ସେମାନେ ଶିକ୍ଷା ଓ ନିଯୁକ୍ତି ନ ପାଇ ଭବିଷ୍ୟତ ହରାଉଛନ୍ତି। ଯଦି ଗୋଟିଏ ଦେଶର ସମସ୍ତ ଯୁବକ ଶିକ୍ଷା ଓ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୁଅନ୍ତି ତେବେ ଆମେ ମେଧା,ଦକ୍ଷତା ଓ ସୁଯୋଗ ହରାଇବା ନିଶ୍ଚିତ। ଉପଲବ୍ଧ ସଂସାଧନ ବା ସାମର୍ଥ୍ୟର ମଧ୍ୟ ଉପଯୋଗ ହୋଇପାରିବନି । ଏହାଯୋଗୁ କେତେ କ୍ଷତି ହେବ ତାହା ଚିନ୍ତା କରନ୍ତୁ ତ। ସାମ୍ପ୍ରତିକ ସମୟରେ ବିସ୍ଥାପିତ ଯୁବକମାନଙ୍କର ବିଭିନ୍ନ କ୍ଷେତ୍ରରେ ସାମର୍ଥ୍ୟ ପ୍ରତିପାଦନ କରିବାର ଦକ୍ଷତା ରହିଛି। ସେମାନେ ଆଗାମୀ ଦିନର ଆଲବର୍ଟ ଆଇନ୍‌ଷ୍ଟାଇନ, ଜିସେ ନର୍ମାନ୍ସ, ଜେ.କେ. ରୋଲିଂ ଏବଂ ଟିମ୍ ବର୍ନର୍ସ ଲିଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ହୋଇ ଏକ ସମୃଦ୍ଧ ଏବଂ ବିପଦଶୂନ୍ୟ ବିଶ୍ୱ ଗଢ଼ିବା ପାଇଁ ଆଗକୁ ବଢ଼ିପାରିବେ। କିନ୍ତୁ ସିରିଆ କିମ୍ବା ଆଫଗାନିସ୍ତାନରେ ସୈନ୍ୟଙ୍କ ଦ୍ୱାରା ଘେରାବନ୍ଦୀ ସହରରେ ଅତ୍ୟନ୍ତ ବିପଜ୍ଜନକ ପରିବେଶରେ ଫସିଥିବା ଯୁବକମାନଙ୍କ ପାଇଁ ମେଧା ପ୍ରଦର୍ଶନର କେଉଁ ସୁଯୋଗ ରହିଛି ? ମଧ୍ୟପ୍ରାଚ୍ୟରେ ୟେମେନ, ଚାଦ୍, କେନ୍ଦ୍ର ଆଫ୍ରିକାନ୍ ରିପବ୍ଲିକ, କମେରୁନ, ଲିବ୍ୟାରେ ଲାଗି ରହିଥିବା ସଂଘର୍ଷରେ କିମ୍ବା ଉଗାଣ୍ଡା ସୀମାର ଦକ୍ଷିଣ ସୁଦାନ ଶରଣାର୍ଥୀ ଶିବିରରେ ଥିବା ପିଲାଙ୍କ ପାଇଁ କି ସୁଯୋଗ ରହିଛି ?

ଶରଣାର୍ଥୀ ସମସ୍ୟା ଏବେ ବ୍ୟାପକ ହେବାରେ ଲାଗିଛି। ଧନୀ ୟୁରୋପରେ ଏହି ସମସ୍ୟା ସ୍ଥିତି ଅତ୍ୟନ୍ତ ଗମ୍ଭୀର। ୨୦୨୦ରେ ଗ୍ରୀସ୍‌ରେ ମୋରିଆ ଶରଣାର୍ଥୀ ଶିବିର ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯିବାବେଳକୁ ସେଠାରେ ହଜାର ହଜାର ଯୁବକ ଫର୍ମାଲ ଏଡୁକେଶନ ବା ଔପଚାରିକ ଶିକ୍ଷା ଗ୍ରହଣ କରି ନ ଥିଲେ । ଦୁଇବର୍ଷ ପୂର୍ବେ ସେଠାରେ ଶିକ୍ଷାରୁ ବଞ୍ଚିତ ୧୨,୧୩,୧୪ ବର୍ଷୀୟ ପିଲା ଅତ୍ୟଧିକ ନିରାଶ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

ଶରଣାର୍ଥୀଙ୍କୁ ନେଇ ଯାଉଥିବା ଡଙ୍ଗା ଓଲଟି ପଡ଼ିଲେ ଆଶା ମରିଯାଏ। ଖାଦ୍ୟ ନେଇ ଯାଉଥିବା ଗାଡ଼ି ଭୋକିଲାଙ୍କ ପାଖରେ ନ ପହଞ୍ଚିପାରିଲେ ଆଶା ଆଶାରେ ରହିଯାଏ। ହସ୍ପିଟାଲରେ କୋଭିଡ୍ ରୋଗୀଙ୍କ ଚିକିତ୍ସା କରିବାକୁ ଡାକ୍ତର ନ ଥିଲେ ଆଶା ମଉଳିଯାଏ । ଠିକ୍ ସେମିତି ଜଣେ ଯୁବକ ତା'ଭବିଷ୍ୟତ ଗଢି ନ ପାରିଲେ ଏବଂ ଏକ ଭିନ୍ନ ଜୀବନର ସ୍ୱପ୍ନ ଦେଖିବାରେ ସକ୍ଷମ ନ ହେଲେ ତା'ଆଶା ମଧ୍ୟ ଶେଷ ହୋଇଯାଏ। ସବୁ ଯୁବକଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷା ହିଁ ସହାୟକ ହୋଇଥାଏ। ସାମ୍ପ୍ରତିକ ସ୍ଥିତିରୁ ଈପ୍ସିତ ଲକ୍ଷ୍ୟ ହାସଲ କରିବାରେ ଶିକ୍ଷା ଏକ ଉତ୍ତମ ମାଧ୍ୟମ ଭାବେ କାର୍ଯ୍ୟ କରେ। କିନ୍ତୁ ସେମାନେ ଶିକ୍ଷାରୁ ବଞ୍ଚିତ ହେଲେ ଭବିଷ୍ୟତ ଗଢ଼ିବାରେ ବିଫଳ ହୁଅନ୍ତି। ସେମାନଙ୍କ ଜୀବନର ସ୍ୱପ୍ନ ସ୍ୱପ୍ନରେ ରହିଯାଏ, ଯାହା ଘଟୁଛି ଶରଣାର୍ଥୀ ଶିବିରରେ ଥିବା ପିଲାମାନଙ୍କ କ୍ଷେତ୍ରରେ।

ଶରଣାର୍ଥୀ ସମସ୍ୟା ଶୀଘ୍ର ବୃଦ୍ଧିପାଇବାରେ ଲାଗିଛି। ଏହା ଏକ ବିସ୍ଫୋରକ ସ୍ଥିତିରେ ରହିଛି ଯାହାକୁ ଗୋଟିଏ ପ୍ରୟାସରେ ଦୂର କରାଯାଇପାରିବ ନାହିଁ। ଶରଣାର୍ଥୀ ଯୁବକମାନେ ଏକ ସ୍ଥିର ଓ ସହାୟକ ପରିବେଶ ପାଉନାହାନ୍ତି। ଏଭଳି ଅବ୍ୟବସ୍ଥା ମଧ୍ୟରେ ସେମାନଙ୍କୁ ଜୀବନ ପରିବର୍ତ୍ତନକାରୀ ଶିକ୍ଷା ସୁଯୋଗଗୁଡ଼ିକ ଉପଲବ୍ଧ କରାଇବାର ପଦକ୍ଷେପ ନିଆଯାଉଛି। ୨୦୧୬ରେ 'ଏଡୁକେଶନ କ୍ୟାନ୍‌ନଟ୍ ୱେଟ୍' ନାମକ ଏକ ୟୁନାଇଟେଡ୍ ଗ୍ଲୋବାଲ ଫଣ୍ଡ୍ ଆରମ୍ଭ କରାଯାଇଛି। ଏହା ସ୍କୁଲ୍ ବୟସର ଶରଣାର୍ଥୀ ପିଲା ଓ ଯୁବକମାନଙ୍କ ପାଇଁ ନୂଆ ଆଶା ସଞ୍ଚାର କରିଛି। ଏଭଳି ଅଭିଯାନ ଆରମ୍ଭ ହେବା ପରଠାରୁ ଏହା ବିଶ୍ୱର ମାନବୀୟ ସଙ୍କଟରେ ଫସିଥିବା ପ୍ରାୟ ୪୬ ଲକ୍ଷ ପିଲାଙ୍କ ନିକଟରେ ପହଞ୍ଚିପାରିଛି। ଏହାସହ ଏହି ଅଭିଯାନ ବିଭିନ୍ନ କ୍ଷେତ୍ରରେ ସହାୟତା ଯୋଗାଉଥିବା ସଂସ୍ଥାଗୁଡ଼ିକୁ ଲକ୍ଷ ଲକ୍ଷ ପିଲା ଓ ଯୁବକମାନଙ୍କୁ ସାହାଯ୍ୟ ଯୋଗାଇବାକୁ ପ୍ରେରଣା ଦେଉଛି। ଏହି ସଂସ୍ଥାଗୁଡ଼ିକ ସକ୍ରିୟତା ମଧ୍ୟ ପ୍ରକାଶ କରିଛନ୍ତି। ୟୁନିଭର୍ସିଟି ଛାତ୍ରମାନଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନ୍ୟାଶନାଲ ଏଡୁକେଶନସ୍ ଫର୍ ଏଡୁକେଶନ ଇନ୍ ଏମର୍ଜେନ୍ସି ରେସ୍‌ପନ୍ସ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଉଚ୍ଚ ଶିକ୍ଷା ପ୍ରାପ୍ତିର ମାର୍ଗ ଦେଖାଉଛି। ୨୦୧୪ରେ ମାନ୍ୟତା ପ୍ରାପ୍ତ ତଥା ବିନା ଦେୟରେ ଅନ୍‌ଲାଇନରେ ଶିକ୍ଷା ପ୍ରଦାନ କରୁଥିବା ୟୁନିଭର୍ସିଟି ଅଫ୍ ପିପୁଲର ୧,୦୬,୦୦୦ ଛାତ୍ରଙ୍କ ମଧ୍ୟରେ ୭,୦୦୦ ଶରଣାର୍ଥୀ ଛାତ୍ର ରହିଛନ୍ତି। ୨୦୩୦ ସୁଦ୍ଧା ୟୁନିଭର୍ସିଟି ଏହି ସଂଖ୍ୟା ୨୫,୦୦୦କୁ ବୃଦ୍ଧି କରିବ ବୋଲି ଜାତିସଂଘକୁ କଥା ଦେଇଛି।

ସ୍କଲାରଶିପ୍ ପ୍ରୋଗ୍ରାମଗୁଡ଼ିକ ମଧ୍ୟ ବିସ୍ଥାପିତ ଯୁଗରେ ଶିକ୍ଷା କ୍ଷେତ୍ରରେ ଅନେକ କିଛି କରିପାରିଛନ୍ତି। ହାର୍କନେସ୍ ଫେଲୋଶିପ୍ ସ୍ୱାସ୍ଥ୍ୟନୀତି ଉପରେ ଗବେଷଣା କରୁଥିବା ଗବେଷକ ଏବଂ ଚିକିତ୍ସକମାନଙ୍କୁ ନେଇ ଏକ ସହଭାଗୀ ଅନ୍ତର୍ଜାତୀୟ ନେଟ୍‌ୱର୍କ ଗଠନ କରିଛି। କେନେଡି ସ୍କଲାରଶିପ୍ ଆଣ୍ଟଲାଟିକ ମହାସାଗରୀୟ ଦେଶଗୁଡ଼ିକର ନେତାମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବାକୁ ପ୍ରେରିତ କରୁଛି। ସ୍କାୱାର୍ଜମ୍ୟାନ ସ୍କଲାର୍ସ ଚାଇନା ଏବଂ ଅବଶିଷ୍ଟ ବିଶ୍ୱ ମଧ୍ୟରେ ସମ୍ପର୍କ ମଜଭୁତ କରିବା ଭଳି ଏକ ନେଟ୍‌ୱର୍କ ପ୍ରସ୍ତୁତ କରୁଛି। ମାଣ୍ଡେଲା ରୋଡେସ୍ ସ୍କଲାରଶିପ୍ ଯୁବ ଆଫ୍ରିକୀୟଙ୍କୁ ଦୂରଦୃଷ୍ଟିସମ୍ପନ୍ନ କରି ମହାଦେଶରେ ପରିବର୍ତ୍ତନ ଆଣିବା ସହ ସମାନତା, ସ୍ୱାଧୀନତା ଏବଂ ମାନବ ଅଧିକାରକୁ ଆଗକୁ ବଢ଼ାଇବା ପାଇଁ ସାହାଯ୍ୟ କରୁଛି। ବିପଦରେ ଏବଂ ପଛରେ ପଡ଼ିଥିବା ଯୁବକମାନଙ୍କ ମଧ୍ୟରେ ଆଶା ସୃଷ୍ଟି କରିବା ଓ ଶିକ୍ଷାର ସୁଯୋଗ ଯୋଗାଇଦେବା ସହ ଏହି ମୂଲ୍ୟବୋଧଭିତ୍ତିକ ଅଧିକାରଗୁଡ଼ିକୁ ଆଗକୁ ବଢ଼ାଇବା ଏବଂ ଶାନ୍ତି ଓ ସ୍ଥିରତା ଆଣିବାର ଏହା ଏକ ଦୃଢ ପଥ। ଏହା ମଧ୍ୟ ଶରଣାର୍ଥୀ ସଙ୍କଟର ପରିବର୍ତ୍ତନକାରୀ ଓ ସ୍ଥାୟୀ ସମାଧାନର ପଥ ଦେଖାଇବ।

ସବୁଠୁ ଅବହେଳିତ,ବିସ୍ଥାପିତ ଗୋଷ୍ଠୀ ମଧ୍ୟରୁ ଆମେ ଦକ୍ଷ ଯୁବ ନେତୃତ୍ୱ ପାଇପାରିବା ଏବଂ ସେମାନଙ୍କୁ ଉନ୍ନତ ଶିକ୍ଷା ଉପଲବ୍ଧ କରାଇପାରିବା। ଏକ ଅଭିନବ, ପ୍ରତିଯୋଗିତାଭିତ୍ତିକ ପ୍ରୋଗ୍ରାମ ଶରଣାର୍ଥୀ ଏବଂ ବିସ୍ଥାପିତ ଛାତ୍ରମାନଙ୍କୁ ଫେଲୋଶିପ ସହ ଯେ କୌଣସି କ୍ଷେତ୍ରରେ ସମ୍ପୂର୍ଣ୍ଣ ଦୁଇବର୍ଷିଆ ସ୍ନାତକ କୋର୍ସ ଯୋଗାଇଦେବ। ସେମାନେ ଯେଉଁ ଦେଶରେ ଶରଣାର୍ଥୀ ଭାବେ ରହିଥିବେ ସେଠାରେ ହେଉ କିମ୍ବା ବିଶ୍ୱର ଅନ୍ୟ ଭାଗରେ ଏଭଳି ଶିକ୍ଷା ଯୋଗାଇ ଦେବ। ଯଦି ଏହି ଅଭିଯାନ ସଫଳ ହେବା ଲାଗି ଆବଶ୍ୟକ କରୁଥିବା ପାଣ୍ଠି ପାଇପାରିବ ତେବେ ଏହା ଅନ୍ୟ ସମ୍ମାନଜନକ, ସ୍ଥାୟୀ ଏବଂ ପ୍ରଭାବଶାଳୀ ସ୍କଲାର୍‌ଶିପ ପ୍ରୋଗ୍ରାମର ସମକକ୍ଷ ହୋଇପାରିବ। କେବଳ ଏତିକି ନୁହେଁ, ହଜାର ହଜାର ଯୁବକମାନଙ୍କୁ ସଙ୍କଟରୁ ମୁକାଳି ସେମାନଙ୍କୁ ଆକାଂକ୍ଷିତ ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରିବ।

# ବାୟୁମଣ୍ଡଳୀୟ ଗବେଷଣାକୁ ଅନ୍ତର୍ଜାତୀୟ ସ୍ୱୀକୃତି



ଗୌରୀଶଙ୍କର ସାହୁ

ବାୟୁମଣ୍ଡଳ ସମ୍ବନ୍ଧୀୟ ଗବେଷଣା ଏକ ମହତ୍ତ୍ୱପୂର୍ଣ୍ଣ ଗବେଷଣା। ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ମହତ୍ତ୍ୱପୂର୍ଣ୍ଣ ସୂଚନା ଏହି ବିଭାଗ ସହ ସଂଲଗ୍ନ। ଜଳବାୟୁ ପରିବର୍ତ୍ତନ ଓ ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ ବଡ଼ ଅନିଶ୍ଚିତ। ବୋଧହୁଏ ଏଥିପାଇଁ ଏହି ବିଷୟକ ଗବେଷଣାକୁ ଯେତିକି ଲୋକପ୍ରିୟତା ମିଳିବା କଥା, ତାହା ହୋଇପାରିନାହିଁ। ନୋବେଲ ପୁରସ୍କାର ଯାହା ପୃଥିବୀର ସର୍ବଶ୍ରେଷ୍ଠ ସମ୍ମାନ ଭାବେ ପରିଗଣିତ, ଏହାର ପ୍ରାୟ ୧୨୦ ବର୍ଷର ଇତିହାସରେ ଏଇ ପ୍ରଥମଥର ପାଇଁ ବାୟୁମଣ୍ଡଳ ସମ୍ବନ୍ଧୀୟ ଗବେଷଣାକୁ ସ୍ୱୀକୃତି ଦେଇଛି ଓ ତିନିଜଣ ଗବେଷକଙ୍କୁ ଏ ବିଷୟକ ଗବେଷଣା ପାଇଁ ଏବର୍ଷ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରିଛି। ଏହା ପୂର୍ବରୁ ୧୯୯୫ରେ ଏହି ସମ୍ବନ୍ଧୀୟ ଏକ ଗବେଷଣାକୁ (ଯାହା ବାୟୁମଣ୍ଡଳର ଓଜୋନ ସ୍ତର ସହ ସମ୍ପର୍କିତ) ପ୍ରଥମ ଥର ପାଇଁ ରସାୟନବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କୃତ ହୋଇଥିଲେ ବିଶିଷ୍ଟ ରସାୟନବିତ୍ ପ୍ର. ପଲ୍ କ୍ରୁଜେନ। ପ୍ର. ସୁକୁରୋ ମାନାବେ ଓ ପ୍ର. କ୍ଲସ ହାସେଲମାନ୍ ପୃଥିବୀର ଜଳବାୟୁ ସମ୍ବନ୍ଧୀୟ ପ୍ରଥମ ଯଥାର୍ଥ ମଡେଲ ବିକାଶ କରିବାରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଥିବାରୁ ଓ ପ୍ର. ଜର୍ଜିଓ ପାରିସି ଅବ୍ୟବସ୍ଥିତ ପ୍ରକ୍ରିୟା ସମ୍ବନ୍ଧୀୟ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ଆବିଷ୍କାର କରି ଏହି ମଡେଲକୁ ଋଦ୍ଧିମନ୍ତ କରିଥିବାରୁ ମିଳିତ ଭାବେ ଏବର୍ଷର ନୋବେଲ ପୁରସ୍କାର ଲାଭ କରିବେ, ତାହା ମଧ୍ୟ ପଦାର୍ଥ ବିଜ୍ଞାନ ପରି ମହତ୍ତ୍ୱପୂର୍ଣ୍ଣ ବିଭାଗରେ। ନବେ ବର୍ଷ ବୟସ୍କ ଜାପାନୀ ପଦାର୍ଥ ବିଜ୍ଞାନୀ ସୁକୁରୋ ମାନାବେ ସଂପ୍ରତି ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ପ୍ରିନ୍‌ସଟନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟରତ ଥିବାବେଳେ ନବେ ବର୍ଷ ବୟସ୍କ ଜର୍ମାନ ଗବେଷକ କ୍ଲସ ହାସେଲମାନ୍ ଜର୍ମାନୀର ହାମବର୍ଗସ୍ଥିତ ମାକ୍ସପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟ ଫର ମେଟେରୋଲୋଜିରେ ଅବସ୍ଥାପିତ। ଇଟାଲୀୟ ବୈଜ୍ଞାନିକ ତେସ୍ତରି ବର୍ଷୀୟ ଜର୍ଜିଓ ପାରିସି ସଂପ୍ରତି ରୋମସ୍ଥିତ ସାପିଏଞ୍ଜା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ। ଏକ ଜଟିଳ ବ୍ୟବସ୍ଥାର ବିଭିନ୍ନ ଅଂଶ ସର୍ବଦା ପରସ୍ପର ସହ ପ୍ରତିକ୍ରିୟାଶୀଳ ଥା'ନ୍ତି। ତେଣୁ ଏହାର ଗାଣିତିକ ବ୍ୟାଖ୍ୟା ବଡ଼ ଦୁରୂହ ବ୍ୟାପାର। ପୃଥିବୀର ବାୟୁମଣ୍ଡଳ ଏହିପରି ଏକ ଜଟିଳ ବ୍ୟବସ୍ଥାର ଉଦାହରଣ। ଏହାର କୌଣସି ଗୋଟିଏ ବିନ୍ଦୁରେ ସଙ୍ଗଠିତ ଏକ ଛୋଟିଆ ପରିବର୍ତ୍ତନ ସମଗ୍ର ବାୟୁମଣ୍ଡଳକୁ ବ୍ୟାପକ ଭାବେ ପ୍ରଭାବିତ କରିଥାଏ। ସୁକୁରୋ ମାନାବେ ଜଳବାୟୁ ମଡେଲ ମାଧ୍ୟମରେ ଦେଖାଇଥିଲେ ଯେ, କିପରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ବର୍ଦ୍ଧିଷ୍ଣୁ ମାତ୍ରା ପୃଥିବୀ ପୃଷ୍ଠରେ ତାପମାତ୍ରା ବୃଦ୍ଧିର କାରଣ ହୋଇଥାଏ। ୧୯୬୦ରେ ପ୍ରଦତ୍ତ ତାଙ୍କର ଏହି ମଡେଲ ବିକିରଣ ସାମ୍ୟତା ଓ ପବନର ଊର୍ଦ୍ଧ୍ୱମୁଖୀ ପରିବହନ ମଧ୍ୟରେ ଆନ୍ତଃକ୍ରିୟାକୁ ପ୍ରଦର୍ଶିତ କରିଥିଲା। ଏହା ଜଳବାୟୁ ମଡେଲ ବିକଶିତ କରିବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ଏହାର ପ୍ରାୟ ୧୦ ବର୍ଷ ପରେ କ୍ଲସ୍ ହାସେଲମାନ୍‌ଙ୍କ ମଡେଲ ପାଣିପାଗ ଓ ଜଳବାୟୁ ମଧ୍ୟରେ ଥିବା ଅନ୍ତଃ ସମ୍ବନ୍ଧକୁ ସ୍ଥାପିତ କରିଥିଲା। ପାଣିପାଗ ପରିବର୍ତ୍ତିତ ହୋଇଥିବା ସତ୍ତ୍ୱେ ଜଳବାୟୁ ମଡେଲ କିପରି ଭରସାଯୋଗ୍ୟ ହୋଇପାରିବ ସେ ଏହାକୁ ସ୍ପଷ୍ଟ ଭାବେ ଦର୍ଶାଇଥିଲେ। ସେ ଏହା ମଧ୍ୟ ପ୍ରମାଣିତ କରିଥିଲେ ଯେ, ଜନସଂଖ୍ୟା ବୃଦ୍ଧି ଅଙ୍ଗାରକାମ୍ଳ ବୃଦ୍ଧିର କାରଣ ହୋଇଥିବାରୁ ବିଶ୍ୱ ତାପନକୁ ଗଭୀର ଭାବେ ପ୍ରଭାବିତ କରୁଛି। ୧୯୮୦ ସାଲ ବେଳକୁ ଜର୍ଜିଓ ପାରିସି ଅବ୍ୟବସ୍ଥିତ ଜଟିଳ ବ୍ୟବସ୍ଥା ସମ୍ବନ୍ଧୀୟ ମହତ୍ତ୍ୱପୂର୍ଣ୍ଣ ଗବେଷଣା କରିଥିଲେ। ଏହା କେବଳ ବାୟୁମଣ୍ଡଳ ନୁହେଁ, ବରଂ ଗଣିତ, ଜୀବବିଜ୍ଞାନ, ସ୍ନାୟୁବିଜ୍ଞାନ ପ୍ରଭୃତି ବ୍ୟାପକ ବିଭାଗକୁ ପ୍ରଭାବିତ କରିବା ସହ ବହୁ ଜଟିଳ ସମସ୍ୟାର ସମାଧାନ ପାଇଁ ସକ୍ଷମ ଥିଲା।

ବାୟୁମଣ୍ଡଳ ଉତ୍ତପନ ସମ୍ବନ୍ଧୀୟ ଗବେଷଣାର ଇତିହାସ ବଡ଼ପୁରୁଣା। ଆଜକୁ ପ୍ରାୟ ୨୦୦ବର୍ଷ ତଳେ ଫରାସୀ ପଦାର୍ଥ ବିଜ୍ଞାନୀ ଜୋସେଫ ଫୋରିଅର ସୂର୍ଯ୍ୟର ବିକିରଣ ପ୍ରଭାବରେ ବାୟୁମଣ୍ଡଳର ଉତ୍ତାପବୃଦ୍ଧି ଓ ପୃଥିବୀର ବିକିରଣ ପ୍ରଭାବରେ ବାୟୁମଣ୍ଡଳ ଉତ୍ତାପବୃଦ୍ଧି ଉଭୟକୁ ବିଚାରକୁ ନେଇ ବାୟୁମଣ୍ଡଳରେ ବିକିରଣ ସାମ୍ୟତା ବିଷୟରେ ଯୁଗାନ୍ତକାରୀ ତତ୍ତ୍ୱ ପ୍ରଦାନ କରିଥିଲେ। ଆମେ ସମସ୍ତେ ସବୁଜଗୃହର ପ୍ରଭାବ ବିଷୟରେ ଜାଣିଛେ। ଏହା ବାୟୁମଣ୍ଡଳର ସୁରକ୍ଷା ପ୍ରଦାନକାରୀ ଭୂମିକାକୁ ସୂଚିତ କରେ। ଫୋରିଅର ସୂର୍ଯ୍ୟଙ୍କ ଦୃଶ୍ୟମାନ ବିକିରଣ ଓ ପୃଥିବୀରୁ ନିର୍ଗତ ଅତିଲୋହିତ ବିକିରଣ କିପରି ବାୟୁମଣ୍ଡଳର ଉତ୍ତାପକୁ ପ୍ରଭାବିତ କରୁଛି ତାହା ଦର୍ଶାଇଥିଲେ। ଏହି ତତ୍ତ୍ୱ ଆଜି ବିକଶିତ ହୋଇ ମାନାବେ ଓ ହାସେଲମାନ୍‌ଙ୍କ ଜଟିଳ ଗାଣିତିକ ମଡେଲକୁ ରୂପାନ୍ତରିତ ହୋଇଛି ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ମହତ୍ତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଛି।

ଅଙ୍ଗାରକାମ୍ଳ, ମିଥେନ୍, ଜଳୀୟବାଷ୍ପ ଓ ଅନ୍ୟାନ୍ୟ ଗ୍ୟାସ୍ ପୃଥିବୀର ପୃଷ୍ଠତଳରୁ ନିର୍ଗତ ଅତିଲୋହିତ ରଶ୍ମିକୁ ଅବଶୋଷଣ କରି ଏହାକୁ ବିକିରଣ କରିବା ପୂର୍ବକ ପାର୍ଶ୍ୱବର୍ତ୍ତୀ ବାୟୁମଣ୍ଡଳକୁ ଉତ୍ତପ୍ତ କରୁଛି। ବାୟୁମଣ୍ଡଳର ବିଭିନ୍ନ ଅଂଶରେ ତାପମାତ୍ରାର ଅସମାନତା ନିମ୍ନରୁ ଊର୍ଦ୍ଧ୍ୱଗାମୀ ବାୟୁ ପ୍ରବାହ, ସମୁଦ୍ର ଉପରୁ ସ୍ଥଳଭାଗ ଆଡ଼କୁ ବାୟୁ ପ୍ରବାହ, ସ୍ଥଳଭାଗରୁ ସମୁଦ୍ର ଉପରକୁ ବାୟୁପ୍ରବାହର କାରଣ ସାଜୁଛି ଓ ବିଶ୍ୱର ଜଳବାୟୁକୁ ନିୟନ୍ତ୍ରଣ କରୁଛି। ମାନାବେ, ହାସେଲମାନ୍ ଓ ପାରିସି ପୃଥକ୍ ପୃଥକ୍ ଭାବେ ଯେଉଁ ଗାଣିତିକ ଅବଧାରଣା ଦେଇଛନ୍ତି ଓ ଯେଉଁ ମଡେଲ ଉପସ୍ଥାପନା କରିଛନ୍ତି ତାହା ଜଳବାୟୁର ଲୁକ୍କାୟିତ ସ୍ୱରୂପକୁ ଆବିଷ୍କାର କରିବା ପୂର୍ବକ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ପୂର୍ବାନୁମାନକୁ ଅଧିକ ନିର୍ଦ୍ଧାରଣାତ୍ମକ କରିପାରିଛି।

ଅଧ୍ୟାପକ, ହିମାଚଳ ପ୍ରଦେଶ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା
ମୋ: ୭୯୭୮୪୨୧୮୩୫

## ଏଇ ଭାରତରେ

ଦସ୍ୟୁ ରତ୍ନାକର ବାଲ୍ମୀକି ହେବା ଭଳି କର୍ନାଟକର ଥୋମାସ ରାଜଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ସେ ଅପରାଧ ଦୁନିଆରୁ ବାହାରି ଅସହାୟଙ୍କ ଆଶା ପାଲଟିଛନ୍ତି। ଏବେ ସୁଦ୍ଧା ଥୋମାସ ୧୯,୦୦୦ ଅସହାୟ ବ୍ୟକ୍ତିଙ୍କୁ ରାସ୍ତାରୁ ଉଦ୍ଧାର କରିଛନ୍ତି। ବେଙ୍ଗାଲୁରୁରେ 'ହୋମ୍ ଅଫ୍ ହୋପ' ସଂସ୍ଥା ଗଠନ କରି ସେଠାରେ ୭୫୦ରୁ ଊର୍ଦ୍ଧ୍ୱ ଗୃହହୀନ ଏବଂ ଅସହାୟଙ୍କୁ ରଖିଛନ୍ତି। ଏହି ସେବା ଲାଗି ଲୋକେ ଥୋମାସଙ୍କୁ 'ଅଟୋ ରାଜା' ବୋଲି ସମ୍ବୋଧନ କରୁଛନ୍ତି। ଥୋମାସ ୧୬ ବର୍ଷ ବୟସରେ ଅପରାଧ କାର୍ଯ୍ୟକଳାପରେ ଲିପ୍ତ ରହି ଜେଲ୍ ଦଣ୍ଡ ଭୋଗିଥିଲେ। ଜେଲ୍‌ରେ ଥିବା ସମୟରେ ତାଙ୍କ ମାନସିକତାରେ ପରିବର୍ତ୍ତନ ଆସିଥିଲା। ପରେ ଜେଲରୁ ମୁକୁଳି ବେଙ୍ଗାଲୁରୁ ଆସି ଅଟୋଚଳାଇ ରୋଜଗାର କଲେ। ଅଟୋଚଳାଇବା ସମୟରେ ସେ ରାସ୍ତକଡ଼ର ନିରାଶ୍ରୟ ଲୋକଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ। ଏପରି କି ୧୩ ଜଣ ଲୋକକୁ ତାଙ୍କ ଭଡ଼ାଘରେ ରଖିଥିଲେ। ପରେ ହୋମ ଅଫ ହୋପ ପ୍ରତିଷ୍ଠା କରିଥିଲେ। ଏ ପର୍ଯ୍ୟନ୍ତ ଅଟୋରାଜା ୧୯,୦୦୦ ଲୋକଙ୍କୁ ଉଦ୍ଧାର କରିସାରିଲେଣି। ଏଠାରେ ତାଙ୍କ ଯାତ୍ରା ଶେଷ ହୋଇନାହିଁ ଓ ଆଗକୁ ଏଭଳି ଲୋକମାନଙ୍କ ପାଇଁ ଅନେକ କିଛି କରିବାର ସ୍ୱପ୍ନ ରହିଛି ବୋଲି କହନ୍ତି ଥୋମାସ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୯୬

- ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ସଂଘର୍ଷ ଘଟି ୫୮ ଜଣ ଆରବୀ ଓ ୧୫ ଜଣ ଇହୁଦୀ ନିହତ ହେବା ପରେ ସୈନ୍ୟ ପ୍ରତ୍ୟାହାର ସଂପର୍କରେ କଥାବାର୍ତ୍ତା କରିବାକୁ ଇସ୍ରାଏଲ ଓ ପିଏଲ୍‌ଓ ଏକ ବୁଝାମଣାରେ ପହଞ୍ଚିଛନ୍ତି।
- ଶ୍ରୀଲଙ୍କା ନୌବାହିନୀର ଯବାନମାନେ ଉତ୍ତର ତଲାଇ ମାନ୍ନାର ଉପକୂଳରୁ ୧୦୦ ଜଣ ତାମିଲ ଶରଣାର୍ଥୀ ଥିବା ଏକ ଜାହାଜ ଜବତ କରିଛନ୍ତି।
- ଫକୀର ମୋହନ କ୍ରିୟାନୁଷ୍ଠାନ କମିଟି ଓ ଯୁବ ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱରଠାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ନେଇ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 1 | | | 4 | | | |
| | | | | | 9 | 8 | 4 | |
| 6 | | | | | | | | |
| 3 | 1 | | 8 | | | 9 | 5 | |
| | | | | | 1 | 2 | | 4 |
| | | 7 | | 4 | | | | |
| | | | 5 | | | | | |
| | | 6 | | 3 | | | | 2 |
| | | 5 | | 1 | | 7 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 2 | 5 | 3 | 4 | 7 | 1 | 6 |
| 6 | 5 | 7 | 9 | 2 | 1 | 8 | 4 | 3 |
| 3 | 4 | 1 | 7 | 8 | 6 | 5 | 9 | 2 |
| 4 | 2 | 6 | 3 | 9 | 7 | 1 | 5 | 8 |
| 7 | 1 | 5 | 8 | 4 | 2 | 3 | 6 | 9 |
| 9 | 3 | 8 | 1 | 6 | 5 | 2 | 7 | 4 |
| 1 | 6 | 9 | 2 | 7 | 3 | 4 | 8 | 5 |
| 2 | 7 | 4 | 6 | 5 | 8 | 9 | 3 | 1 |
| 5 | 8 | 3 | 4 | 1 | 9 | 6 | 2 | 7 |

ଗତକାଲିର ଉତ୍ତର

# ଆମେ ସବୁ ପଣ୍ଡିତ



ଡ. ସତ୍ୟନାରାୟଣ ମିଶ୍ର

ସମାଜରେ ମୁଖ୍ୟତଃ ଦୁଇ ପ୍ରକାର ମଣିଷ ଦୃଷ୍ଟିଗୋଚର ହୋଇଥାଏ ତାହା ହେଲା ଆର୍ଥିକ ଦୃଷ୍ଟିକୋଣରୁ ଧନୀ–ଦରିଦ୍ର ଓ ବୌଦ୍ଧିକ ଦୃଷ୍ଟିକୋଣରୁ ପଣ୍ଡିତ–ମୂର୍ଖ। ତେବେ ଏଠାରେ ବୌଦ୍ଧିକ ଦୃଷ୍ଟିକୋଣ ଉପରେ ଆଲୋକପାତ କରାଯାଇପାରେ। ଶିକ୍ଷା ଗ୍ରହଣ ତଥା ଜ୍ଞାନର ପରିସୀମା ମଧ୍ୟରେ ଯେଉଁମାନଙ୍କର ଅବସ୍ଥିତି ନ ଥାଏ ସେମାନଙ୍କୁ ମୂର୍ଖ କୁହାଯାଏ। ଅନ୍ୟପକ୍ଷରେ ସ୍ୱୀକୃତିପ୍ରାପ୍ତ ଜ୍ଞାନକ୍ଷେତ୍ର ଓ ସାମାଜିକ ଆଦୃତ ଜ୍ଞାନ ପରିସୀମାକୁ ଯିଏ ଅତିକ୍ରମ କରିଥାଏ ତାହାକୁ ଜ୍ଞାନୀ ବା ପଣ୍ଡିତ ବୋଲି ସମାଜ ଆଖ୍ୟା ଦେଇଥାଏ। ଜ୍ଞାନର ଶୀର୍ଷ ସୋପାନରେ ଉପନୀତ ହୋଇ ଯିଏ ଜ୍ଞାନର ପ୍ରୟୋଗରେ ସମାଜର ମଙ୍ଗଳ କରିଥାନ୍ତି ତାଙ୍କୁ ପଣ୍ଡିତ ବୋଲି ସମାଜ ଆଦର କରିଥାଏ । ପଣ୍ଡିତ ହେଉଛନ୍ତି ବିଶେଷ ଜ୍ଞାନ ଥିବା ବ୍ୟକ୍ତି କିମ୍ବା ଯେ କୌଣସି ଜ୍ଞାନର ଶିକ୍ଷକ, ବିଶେଷକରି ବୈଦିକ ଶାସ୍ତ୍ର, ଧର୍ମ କିମ୍ବା ଦର୍ଶନ, ରାଜନୀତି, ଅର୍ଥନୀତି ଆଦିରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତିବିଶେଷ। ପଣ୍ଡିତ ହେଉଛନ୍ତି ଜ୍ଞାନର ମଣିଷ ଯିଏ ନିଜ ଦକ୍ଷତା ଅନୁଯାୟୀ ସେବା କରନ୍ତି ଏବଂ କ୍ରୋଧର ସୀମା ଜାଣନ୍ତି ତଥା ତାହାର ନିୟନ୍ତ୍ରଣ ମଧ୍ୟ ଜାଣିଥାନ୍ତି ।

ପଣ୍ଡିତର ଉତ୍ପତ୍ତି ଶିକ୍ଷାର ପରାକାଷ୍ଠାରୁ ସୃଷ୍ଟି ହୋଇଥାଏ। ତେଣୁ ଶିକ୍ଷା କେବଳ ରୋଜଗାରର ମାଧ୍ୟମ ନୁହେଁ କିମ୍ବା ଧନ ଅର୍ଜନ ପାଇଁ ଏକ ଉପକରଣ ନୁହେଁ। ଏହା ଆତ୍ମଜୀବନରେ ଏକ ପ୍ରାରମ୍ଭ, ସତ୍ୟର ଅନୁସରଣ ଏବଂ ଗୁଣର ଅଭ୍ୟାସରେ ମାନବ ପ୍ରାଣର ତାଲିମ। ପଣ୍ଡିତର ଅର୍ଥ ହେଉଛି ଜ୍ଞାନ ମାଲିକ କିମ୍ବା ଶିକ୍ଷିତ ବ୍ୟକ୍ତି। ଏହା ସେହି ବ୍ୟକ୍ତିଙ୍କୁ ବୁଝାଏ, ଯିଏ ବିଭିନ୍ନ ପ୍ରସଙ୍ଗରେ ତ୍ରୁଟିବିହୀନ କ୍ଷେତ୍ର ବା ସମାରୋହ ପରିଚାଳନା କରେ ଏବଂ ରାଜା ବା ପ୍ରଶାସନକୁ ଉଚିତ ପରାମର୍ଶ ଦେଇଥାଏ। ବର୍ତ୍ତମାନର ଗଣତନ୍ତ୍ରରେ ମଧ୍ୟ ବିଶେଷ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଭାରତର ସଂସଦକୁ ମନୋନୀତ କରାଯାଇଥାଏ, କାରଣ ପାଣ୍ଡିତ୍ୟର ପରାକାଷ୍ଠାରେ ପରାମର୍ଶର ଉତ୍କର୍ଷ ଦେଶକୁ ଅଗ୍ରଗତିରେ ସହାୟକ ହେବାର ପ୍ରୟାସ।

ଶିକ୍ଷା ସାଧାରଣତଃ ଏକ ଡିଗ୍ରୀ ହାସଲ କରିବା ଏବଂ ଏକ ଚାକିରି ପାଇଁ ନିଜକୁ ଯୋଗ୍ୟ ବୋଲି ଅନୁମାନ କରାଯାଏ। ଜଣେ ବ୍ୟକ୍ତିଙ୍କ ନାମ ପରେ ଡିଗ୍ରୀର ସୂଚୀ ଯେତେ ଅଧିକ ହେବ, ସେ ଅଧିକ ଶିକ୍ଷିତ ବୋଲି ବିଶ୍ୱାସ କରାଯାଏ। ଏହା ଶିକ୍ଷାର ଏକ ସଂକୀର୍ଣ୍ଣ ଏବଂ ଭୁଲ୍ ଧାରଣା। ପ୍ରକୃତ ଶିକ୍ଷା କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ପଢ଼ିବା ଏବଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ନୁହେଁ ବରଂ ବ୍ୟକ୍ତିତ୍ୱର ବୌଦ୍ଧିକ, ନୈତିକ ଏବଂ ଶାରୀରିକ ସମ୍ପୂର୍ଣ୍ଣ ବିକାଶ ତଥା ମାନବିକତାର ଦୂରଦୃଷ୍ଟି ହେଉଛି ଶିକ୍ଷା, ଯାହାକୁ ଆମେ ଜ୍ଞାନୀ ବା ପଣ୍ଡିତ ବୋଲି ବିବେଚନା କରିପାରିବା। ଜଣେ ଶିକ୍ଷିତ ବ୍ୟକ୍ତି ସୁଚିନ୍ତିତ ମତ ତଥା ଦେଶ ଓ ଜାତିର କଲ୍ୟାଣ ନିମନ୍ତେ ବ୍ୟକ୍ତ କରିଥାଏ। ଜଣେ ପଣ୍ଡିତଙ୍କର ବିଶେଷତ୍ୱ କରିଥିବା ବିଷୟରେ ପୁଙ୍ଖାନୁପୁଙ୍ଖ ଏବଂ ଠିକ୍ ଜ୍ଞାନ ରହିବା ଉଚିତ ଓ ସେ ଅନ୍ୟ ବିଷୟଗୁଡ଼ିକର ବ୍ୟାପକ ବିକାଶ ବିଷୟରେ ଅବଗତ ହେବା ଉଚିତ।

ଶିକ୍ଷା ହେଉଛି ଜ୍ଞାନର ଅନୁସନ୍ଧାନ ଏବଂ ଏହା ସମଗ୍ର ଜୀବନବ୍ୟାପୀ ସାଧନା। ତେଣୁ ଶିକ୍ଷିତ ବ୍ୟକ୍ତିଙ୍କୁ ଜୀବନ ସମୟରେ ଜ୍ଞାନ ଆହରଣ କରିବାକୁ ଉତ୍ସାହର ସହିତ ଏବଂ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିବାକୁ ପଡ଼ିବ। ଯଦି କେହି ହାର୍ଭାର୍ଡ, ଅକ୍ସଫୋର୍ଡ ଆଦି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ହାସଲ କରିଥାନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଜ୍ଞାନ ପ୍ରତି ତାଙ୍କର କୌତୂହଳ ହରାଇ ଜ୍ଞାନ ଅନୁସରଣ କରିବା ବନ୍ଦ କରିଦିଅନ୍ତି, ତେବେ ସେ ଜଣେ ଶିକ୍ଷିତ ବ୍ୟକ୍ତି, କିନ୍ତୁ ଅଶିକ୍ଷିତ ବୋଲି ବିବେଚନା କରାଯାଇପାରେ। ପଣ୍ଡିତ ହେଉଛି ସିଏ ଯିଏ କୌଣସି ସାହାଯ୍ୟ ନ ନେଇ ସମସ୍ୟାଗୁଡ଼ିକ ବ୍ୟାଖ୍ୟା କରିବାର କ୍ଷମତା ହାସଲ କରିଥିବେ, କଠିନ ପ୍ରଶ୍ନ ପଚାରିବାର କ୍ଷମତା ରହିଥିବ। ଅପ୍ରାସଙ୍ଗିକ ତଥ୍ୟର ଜନସାଧାରଣଙ୍କଠାରୁ ଆବଶ୍ୟକ ତଥ୍ୟକୁ ଶୀଘ୍ର ଅନୁକରଣ କରିବାର କ୍ଷମତା, ସମ୍ପୂର୍ଣ୍ଣ ଏକାକୀ କାମ କରିବାର କ୍ଷମତା, ଅନ୍ୟମାନଙ୍କୁ ମନାଇବା ପାଇଁ କ୍ଷମତା, ସୂଚନାକୁ ନୂତନ ଢାଞ୍ଚାରେ ଧାରଣା ଏବଂ ପୁନଃ ସଂଗଠିତ କରିବାର କ୍ଷମତା ଥିବ।

ଲେଖକ, ବିଦ୍ୟାଳୟର ପ୍ରତିଷ୍ଠାତା, ଉପନିବେଶର ନେତା କିମ୍ବା ଜାତିର ବିଜେତାମାନଙ୍କ ପାଇଁ ଏକ ବିଶ୍ୱବିଦ୍ୟାଳୟ ଜନ୍ମସ୍ଥାନ ନୁହେଁ। ମୂଳତଃ ଏକ ବିଶ୍ୱବିଦ୍ୟାଳୟ ସମାଲୋଚକ କିମ୍ବା ପରୀକ୍ଷାମୂଳକ, ଅର୍ଥନୀତିଜ୍ଞ କିମ୍ବା ଇଞ୍ଜିନିୟର ଗଠନ କରିବାରେ ଏହା ବିଷୟବସ୍ତୁ ନୁହେଁ। ଆଜି ମାର୍ଟିନ ଲୁଥର, ଆଲବର୍ଟ ଆଇନଷ୍ଟାଇନ ଏବଂ ଚାର୍ଲି ଚାପଲିନ ପରି ପୁରୁଷମାନେ ଜ୍ଞାନର ଭଣ୍ଡାରରେ ରହି ଜ୍ଞାନର ବିସ୍ତାର କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଯାଇଛନ୍ତି। ତେଣୁ ପଣ୍ଡିତମାନେ ହେଉଛନ୍ତି ସମସ୍ତ ଜ୍ଞାନର ଅଧିକାରୀ ଓ ସେମାନେ ଯାହା କହିଥାନ୍ତି ବା କରିଥାନ୍ତି ଅନ୍ୟମାନେ ତାହା ଅନୁକରଣ ଓ ଅନୁସରଣ କରିଥାନ୍ତି। ତେବେ ସମାଜରେ ମୂର୍ଖମାନଙ୍କର ସ୍ଥିତି ନ ରହିଲେ ପଣ୍ଡିତମାନେ ଆଦୃତ ହୋଇପାରନ୍ତି ନାହିଁ। ତେଣୁ ପଣ୍ଡିତମାନେ ଜ୍ଞାନର ଅସ୍ତ୍ରରେ ସମାଜକୁ ତଥା ବିଶେଷତଃ ମୂର୍ଖମାନଙ୍କୁ ବୌଦ୍ଧିକ କ୍ଷେତ୍ରରେ ପରିବର୍ତ୍ତନ କରି ଏକ ସୁସ୍ଥ ସମାଜ ଗଠନ କରିବାର ଭୂମିକା ନିର୍ବାହ କରିଥାନ୍ତି।

ବର୍ତ୍ତମାନର ଗଣତନ୍ତ୍ରରେ ମଧ୍ୟ ଆଚାର ସଂହିତାର ନାମ ପରିବର୍ତ୍ତନ କରି ମୁଖ୍ୟ ପଦ ପଦବୀର ଅଧିଷ୍ଠାନ କରୁଥିବା ମୁଖ୍ୟ ଶାସନ ଅଧିକାରୀମାନଙ୍କର ଜଣେ ଜଣେ ପରାମର୍ଶଦାତା ନିଯୁକ୍ତ ହୋଇଥାନ୍ତି, ଯାହାକୁ ଅତି ସରଳ ଭାବରେ ବୁଝାଇ କହିଲେ ପଣ୍ଡିତ ବୋଲି ନିର୍ଦ୍ଦିଷ୍ଟ କରାଯାଇଥାଏ। ପରାମର୍ଶଦାତା ବା ପଣ୍ଡିତଙ୍କ ପରାମର୍ଶରେ ଦେଶର ବା ରାଜ୍ୟର ଶାସନ ଚାଳିତ ହୋଇଥାଏ। ବର୍ତ୍ତମାନର ଦୃଷ୍ଟିକୋଣକୁ ବିଚାର କଲେ ସମାଜରେ ଆଜିକାଲି ମୂର୍ଖ ଅପେକ୍ଷା ଶିକ୍ଷିତ ବା ଜ୍ଞାନୀ ବା ପଣ୍ଡିତ ମାନେ ଅଧିକ ସଂଖ୍ୟାରେ ବିରାଜମାନ କରୁଛନ୍ତି। ମୂର୍ଖ ଭୁଲ୍ କଲେ ପଣ୍ଡିତ ସଂଶୋଧନ କରିଥାନ୍ତି, ତେବେ ଯେହେତୁ ବର୍ତ୍ତମାନ ପଣ୍ଡିତ ସଂଖ୍ୟା ସମାଜରେ ଅଧିକ ତଥା ଶାସନର ନିୟନ୍ତ୍ରକ ହେଉଛନ୍ତି ପଣ୍ଡିତମାନେ,ତେଣୁ ସମାଜରେ ଅନ୍ୟାୟ, ଅନୀତି, ବିଶୃଙ୍ଖଳା, ବ୍ୟଭିଚାର, ଦୁର୍ନୀତି ଆଦିର ପ୍ରାଦୁର୍ଭାବର ପ୍ରତିଷ୍ଠା କ୍ରମେ କ୍ରମେ ବୃଦ୍ଧି ହେବାରେ ଲାଗିଛି ଓ ଏଠାରେ ଯେହେତୁ ପଣ୍ଡିତମାନଙ୍କର ସଂଖ୍ୟା ଅଧିକ ତେଣୁ ବିଧାନ ଅନୁଯାୟୀ ପଣ୍ଡିତମାନେ ବର୍ତ୍ତମାନ କାହାକୁ ଦାୟୀ କରିବେ ଓ କାହାକୁ ପରାମର୍ଶ ଦେବେ। ଜ୍ଞାନୀ ବ୍ୟକ୍ତି ସମସ୍ତଙ୍କ ପ୍ରତି ସମାନ ଦୃଷ୍ଟିଶକ୍ତି ପ୍ରୟୋଗ କରିଥାନ୍ତି, ଯଦ୍ଦ୍ୱାରା ସମାଜରେ ସମାନତାର ତରାଜୁର ସମସ୍ତଙ୍କୁ ବାନ୍ଧି ରଖିବାରେ ସହାୟକ ହୋଇଥାଏ। ଜଣେ ମୂର୍ଖ ବ୍ୟକ୍ତି ଅନୀତି, ଦୁର୍ନୀତି ଅସ୍ଥିରତା ସୃଷ୍ଟି କରିଥାନ୍ତି ଏବଂ ପାର୍ଥକ୍ୟ ସୃଷ୍ଟି କରନ୍ତି କିନ୍ତୁ ପଣ୍ଡିତମାନେ ଉକ୍ତ ସ୍ଥିତିକୁ ପରାହତ କରି ଶୃଙ୍ଖଳା ଓ ଆଦର୍ଶର କ୍ଷେତ୍ର ପ୍ରସ୍ତୁତ କରିଥାନ୍ତି। ମାତ୍ର ଯେଉଁଠି ପଣ୍ଡିତ ମାନଙ୍କର ସଂଖ୍ୟା ସମାଜରେ ଅଧିକ ତେଣୁ ସମାଜର ସମସ୍ତ ନୀତିନିୟମ ପଣ୍ଡିତମାନଙ୍କ ଦ୍ୱାରା ହିଁ ନିର୍ଦ୍ଧାରିତ ଓ ନିୟନ୍ତ୍ରିତ ହୋଇଥାଏ ଏଥିରେ ମୂର୍ଖମାନଙ୍କର ଭୂମିକା କିଛି ନ ଥାଏ । ତେଣୁ ଆଜିର ସାମାଜିକ ପରିସ୍ଥିତିରେ ଆମେ କାହାକୁ ଦାୟୀ କରିବା କାରଣ ଆମେ ପରା ସବୁ ପଣ୍ଡିତ !

ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର, ଭାରତ ସରକାର,
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

## ପାଠକ ଶ୍ରେଷ୍ଠ ବିଚାରକ

### ସଂରକ୍ଷଣର ଆବଶ୍ୟକତା ନାହିଁ

ମହାଶୟ,

ଆମ ଦେଶରେ ଜାତିଭିତ୍ତିକ ସଂରକ୍ଷଣର ଆବଶ୍ୟକତା ନାହିଁ। ସ୍ୱାଧୀନୋତ୍ତର ଭାରତର ଯେଉଁ ରାଷ୍ଟ୍ରନିର୍ମାତାମାନେ ଏହି ବ୍ୟବସ୍ଥାକୁ ପ୍ରଥମେ ୧୦ ବର୍ଷ ପାଇଁ ଲାଗୁ କରିଥିଲେ ସେମାନେ ବହୁ ଭାବିଚିନ୍ତି ଏହି ନିଷ୍ପତ୍ତି ନେଇଥିଲେ। ପ୍ରତି ୧୦ ବର୍ଷରେ ଥରେ ଏହାର ଆବଶ୍ୟକତାକୁ ନେଇ ସମୀକ୍ଷା କରିବାର କଥା। ମାତ୍ର ଗତ ସାତ ଦଶନ୍ଧି ଧରି ସରକାର ବାରମ୍ବାର ଏହାର ଅବଧିକୁ ବୃଦ୍ଧି କରି ଚାଲିଛନ୍ତି। କେବଳ ଭୋଟ୍ ବ୍ୟାଙ୍କ ସୃଷ୍ଟି ଉଦ୍ଦେଶ୍ୟରେ ଏହା କରାଯାଉଛି। ଏହା ଦ୍ୱାରା କୌଣସି ଜାତିର ବା ଦେଶର ଉନ୍ନତି ହେଉନାହିଁ। ବରଂ ଲୋକଙ୍କୁ ଯୋଡ଼ିବା ପରିବର୍ତ୍ତେ ଜାତି ଭିତ୍ତିରେ ବିଭାଜିତ କରାଯାଉଛି। ପ୍ରତିଭାବାନ୍, ମେଧାବୀ ଓ ଯୋଗ୍ୟ ଯୁବତୀଯୁବକଙ୍କୁ ଅବହେଳିତ ଓ ଉପେକ୍ଷିତ କରାଯାଉଛି। ପ୍ରଶାସନର ଦକ୍ଷତା ହ୍ରାସ ପାଉଛି। ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ପାଇଁ ସମ୍ବିଧାନରେ ଥିବା ବ୍ୟବସ୍ଥାର ଉଲ୍ଲଂଘନ ହେଉଛି। ରାଜନୈତିକ ଦଳଙ୍କ ମଧ୍ୟରେ ଭୋଟବ୍ୟାଙ୍କ ସୃଷ୍ଟି ପାଇଁ ପ୍ରତିଯୋଗିତା ଚାଲିଛି। ଅର୍ଥନୈତିକ ବୈଷମ୍ୟ ଲୋପ ହେବା ଉଚିତ। ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ସମାପ୍ତି ଘଟାଇ ଆର୍ଥିକ ଅନଗ୍ରସରତା ଆଧାରରେ ସଂରକ୍ଷଣ ମିଳିବା ଦରକାର।

–ଅକ୍ଷୟ କୁମାର ମହାନ୍ତି, ହାଜିପୁରା, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଣ୍ଟୁ ବେଦନା ବାଜଇ ବାଣୀ। –(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜିଠୁ ଏଗ୍ରି-କନ୍‌କ୍ଲେଭ

ଭୁବନେଶ୍ୱର,(ବ୍ୟୁରୋ):ଲୋକସେବା ଭବନସ୍ଥିତ ନୂତନ କନ୍‌ଭେନ୍‌ସନ୍ ହଲ୍‌ଠାରେ ଶୁକ୍ରବାର ଏଗ୍ରି-କନ୍‌କ୍ଲେଭ୍ ୨୦୨୧ ଆୟୋଜନ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଯୋଗଦେବେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୫୦ଟି ବଡ଼ କମ୍ପାନୀ ଅଂଶଗ୍ରହଣ ପାଇଁ ସ୍ୱୀକୃତି ପ୍ରଦାନ କରିଥିବାବେଳେ ୨୪ଟି କମ୍ପାନୀ ଅନ୍‌ଲାଇନ୍ ନାମ ପଞ୍ଜୀକୃତ କରିଥିବା ଜଣାପଡ଼ିଛି । ଏଥିସହ ୪୧ଟି ସଂସ୍ଥା ୱେବ୍‌ଲିଙ୍କ୍ ଯୋଗେ ତାଙ୍କର ଯୋଗଦାନର ସ୍ୱୀକୃତି ଦେଇଛନ୍ତି। ଓଡ଼ିଶାରେ କାର୍ଯ୍ୟ କରୁଥିବା ସମସ୍ତ କୃଷିଭିତ୍ତିକ କମ୍ପାନୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଇପିକଲ ପକ୍ଷରୁ କୁହାଯାଇଛି ।

## ସଂକ୍ଷେପରେ

### ୮ ଜିଲାରେ ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର,୭।୧୦(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା , କଳାହାଣ୍ଡି, କନ୍ଧମାଳ, ଗଜପତି ଏବଂ ଗଞ୍ଜାମ ଜିଲାରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ, ଦେବଗଡ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧୧ ତାରିଖ ଯାଏ ପାଗ ଶୁଖିଲା ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ବାଣ ବିସ୍ଫୋରଣରେ ନାବାଳକ ଗୁରୁତର

**ବେଗୁନିଆପଡା,୭।୧୦(ଡି.ଏନ.ଏ.):** ଗଞ୍ଜାମ କୋଦଳା ଥାନା ଅନ୍ତର୍ଗତ ଫାଶୀ ପଞ୍ଚାୟତ ମେଦିନିପୁର ଗ୍ରାମର ଏକ ଘରେ ବାଣ ବିସ୍ଫୋରଣ ହେବାରୁ ଜଣେ ୭ ବର୍ଷୀୟ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଫାଶୀ ଗ୍ରାମର ବିବେକାନନ୍ଦ ସାହୁ। ତାଙ୍କୁ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ବିବେକାନନ୍ଦ ମେଦିନୀପୁର ଗ୍ରାମକୁ ତାଙ୍କ ମାମୁ ଘରକୁ ଯାଇଥିଲେ। ସେଠାରେ ଏକ ଘରେ ବାଣ ତିଆରି କରାଯାଇ ଶୁଖାଯାଇଥିଲା। ବିବେକାନନ୍ଦ ଗୋଟିଏ ବାଣଧରି ଫୁଟାଇବା ବେଳେ ନିଆଁ ଲାଗି ସବୁ ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ମୁହଁ, ହାତ ଓ ଗୋଡ଼ରେ ଆଘାତ ଲାଗିଛି। ପ୍ରଚଣ୍ଡ ଶବ୍ଦରେ ଘରର କାନ୍ଥ ମଧ୍ୟ ଫାଟିଛି। କୋଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଟ୍ରେଲର ଧକ୍କାରେ ଯବାନ ମୃତ

#### ପ୍ରତିବାଦରେ ରାସ୍ତାରୋକୋ

**ବାରିପଦା ଅଫିସ/କୁଳିଅଣା, ୭।୧୦(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର କୁଳିଅଣା ଛକଠାରେ ଟ୍ରେଲର ଧକ୍କାରେ ଜଣେ ଯବାନଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଥାନା ଅନ୍ତର୍ଗତ ମହାଗବ ଗ୍ରାମର ମଧୁସୂଦନ ଦୋ ବାରିପଦାସ୍ଥିତ ଓଏସ୍‌ଏପି ୫ମ ବାଟାଲିୟନରେ ସେ କାର୍ଯ୍ୟ କରୁଥିଲେ। ଗୁରୁବାର ପୂର୍ବାହ୍ନ ୧୦ଟା୪୫ ସମୟରେ ବାଇକ୍ ଯୋଗେ ଲକ୍ଷ୍ମୀପୋଷିରୁ କୁଳିଅଣା ଆଡ଼କୁ ଆସୁଥିବା ବେଳେ ଟ୍ରେଲରଟି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବିଭିନ୍ନ ଦାବି ନେଇ ଜାତୀୟ ରାଜପଥକୁ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ। କୁଳିଅଣା ବଜାର ରାସ୍ତା ସମ୍ପ୍ରସାରଣ କରିବା, ରାସ୍ତା ପାର୍ଶ୍ୱରେ ଅଟକି ରହୁଥିବା ଯାନ ଗୁଡ଼ିକ ପାଇଁ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରିବା, ରାସ୍ତାରେ ହମ୍ପସ୍ ନିର୍ମାଣ ଓ ଗୋଲାପୋଲ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦାବି ନେଇ ଲୋକେ ବିକ୍ଷୋଭ କରିଥିଲେ। ଖବରପାଇ ତହସିଲଦାର ଅଭିଷେକ ଦାସ, ଏସ୍‌ଡିପିଓ କେ.କେ.ହରିପ୍ରସାଦ, କୁଳିଅଣା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ଯାନୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଡ୍ରାଇଭର ରାମଚନ୍ଦ୍ର ଚୌଧୁରୀଙ୍କୁ କୁଳିଅଣା ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

### ବିସ୍ଫୋରକ ଜବତ

**ଯାଜପୁର ଅଫିସ/ଚଣ୍ଡେଇଧରା,(ଡି.ଏନ.ଏ. ୭।୧୦:** ଯାଜପୁର ଜିଲା ଜେନାପୁର ଥାନା ଧର୍ମଶାଳା ତହସିଲ ଅନ୍ତର୍ଗତ ସହନିଡ଼ିହ ଗ୍ରାମପଞ୍ଚାୟତ ଲୁଣିବର ମୌଜାର ଗଙ୍ଗେଇଡୁବୁରୀ କଳାପଥର ଖାଦାନ ମାଟି ତଳୁ ଗୁରୁବାର ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଜେନାପୁର ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୁଧବାର ରାତିରେ ଟର୍ଚ୍ଚ ଧରି ଜେସିବି ଲଗାଇ ୫୦ ବସ୍ତା ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ପୁଣି ଗୁରୁବାର ସକାଳେ ସେହି ଗର୍ତ୍ତରୁ ବିସ୍ଫୋରକ ସାମଗ୍ରୀରେ ବ୍ୟବହାର ହେଉଥିବା ୧୫୦ ବସ୍ତା ସାର ଜବତ କରିଛି। ଜେନାପୁର ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଓ ପୋଲିସ ଫୋର୍ସ ସହ ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତିଙ୍କ ଉପସ୍ଥିତରେ ଉପରୋକ୍ତ ସାମଗ୍ରୀ ଜବତ କରାଯାଇଛି।

# ଆଜି ପ୍ରକାଶ ପାଇବ ଚିଠା ସଂରକ୍ଷଣ ତାଲିକା

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

- ପଛୁଆ ଅଞ୍ଚଳରେ ଏସ୍‌ଇବିସି ଆସନ କମିବ

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

ଆସନ୍ତା ଫେବୃୟାରୀରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ସ୍ଥାନ ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ସମସ୍ତ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ବେଳେ ନିର୍ବାଚନ ପ୍ରସ୍ତୁତିକୁ ପ୍ରାଥମିକତା ଭିତ୍ତିରେ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସଂରକ୍ଷଣ କାର୍ଯ୍ୟ ଚଳିତ ମାସ ୩୦ ତାରିଖ ସୁଦ୍ଧା ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶୁକ୍ରବାର ତଥା ଅକ୍ଟୋବର ୮ରେ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତିସଭ୍ୟ ଏବଂ ବ୍ଲକ ଅଧ୍ୟକ୍ଷମାନଙ୍କ ଲାଗି ଚିଠା ସଂରକ୍ଷଣ ତାଲିକା ଜିଲାସ୍ତରରେ ପ୍ରକାଶ ପାଇବ। ଅକ୍ଟୋବର ୧୬ରୁ ଏହା ଉପରେ ଆପତ୍ତି ଅଭିଯୋଗ ଶୁଣାଣି କରାଯିବ। ୨୧ ତାରିଖ ସୁଦ୍ଧା ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ଅକ୍ଟୋବର ୨୯ ସୁଦ୍ଧା ସଂରକ୍ଷଣ ତାଲିକା ଚୂଡ଼ାନ୍ତ କରି ରାଜ୍ୟ ସରକାର ୩୦ ତାରିଖରେ ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବେ। ସେହିପରି ଜିଲା ପରିଷଦ ଅଧ୍ୟକ୍ଷ ପାଇଁ ଅକ୍ଟୋବର ୧୬ରେ ଚିଠା ତାଲିକା ଜାରି କରାଯିବ। ୨୬ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ସହ ୨୯ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଜଣାଇ ଦିଆଯିବ।

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ । ଏହା ପୂର୍ବରୁ ୱାର୍ଡଠାରୁ ଆରମ୍ଭ କରି ଜିଲା ପରିଷଦ ପର୍ଯ୍ୟନ୍ତ ବିଭିନ୍ନ ପଦ ପଦବୀ ଲାଗି ସଂରକ୍ଷଣ ସ୍ଥିର ହେବ। ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ଡେଇଁବ ନାହିଁ। ଏହାକୁ ନେଇ ବିଭିନ୍ନ ଦଳର ବହୁ ଆଶାୟୀ ଆଶଙ୍କା ଭିତରେ ରହିଛନ୍ତି। ଆଞ୍ଚଳିକ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ସଂଶୋଧିତ ଆଇନରେ ବ୍ୟବସ୍ଥା ହୋଇଛି । ଫଳରେ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ପଛୁଆବର୍ଗ (ଏସ୍‌ଇବିସି)ଙ୍କ ସଂରକ୍ଷଣ କମିବା ଆଶଙ୍କା ଥିବାବେଳେ ଅଣଆଦିବାସୀ ଅଞ୍ଚଳରେ ପଛୁଆବର୍ଗଙ୍କ ପ୍ରତିନିଧିତ୍ୱ ଅଧିକ ରହିପାରେ ।

ରାଜ୍ୟର ୩୦ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ମଧ୍ୟରୁ ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ୧୫ ଆସନ ଅଣସଂରକ୍ଷିତ ରହିବ । ଅନ୍ୟ ୧୫ଟି ମଧ୍ୟରୁ ପଛୁଆବର୍ଗଙ୍କ ପାଇଁ ୩, ଅନୁସୂଚିତ ଜନଜାତି ପାଇଁ ୭ ଏବଂ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ୫ ଆସନ ସଂରକ୍ଷିତ ରହିପାରେ। ତେବେ ଅଣସଂରକ୍ଷିତ ଆସନରୁ ସଂରକ୍ଷିତ ବର୍ଗର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବାରେ କୌଣସି ସମସ୍ୟା ହେବ ନାହିଁ ।ଅନ୍ୟପକ୍ଷରେ ଏସ୍‌ସି, ଏସ୍‌ଟି ସଂରକ୍ଷିତ ଆସନରେ ଅଣସଂରକ୍ଷିତ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ଏହାଛଡ଼ା ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗ ପାଇଁ ଯେଉଁ ଆସନ ଚିହ୍ନଟ ହେବ ସେଥିରୁ ମହିଳାଙ୍କ ଲାଗି ବି ସଂରକ୍ଷଣ ରହିବ। ସେହିପରି ୩୦ ଜିଲାରେ ଜିଲା ପରିଷଦ ଉପାଧ୍ୟକ୍ଷ କ୍ଷେତ୍ରରେ ମଧ୍ୟ ଅନୁରୂପ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ।

ରାଜ୍ୟରେ ଥିବା ୩୧୪ଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଲାଗି ମଧ୍ୟ ଅତି ବେଶିରେ ୧୫୭ଟି ଆସନ ଅଣ ସଂରକ୍ଷିତ ରହିବ ଏବଂ ଅବଶିଷ୍ଟ ଆସନଗୁଡ଼ିକ ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୫୦ରୁ ଅଧିକ ଏବଂ ଅନୁସୂଚିତ ଜନଜାତି ପାଇଁ ୭୦ରୁ ଅଧିକ ଆସନ ସଂରକ୍ଷିତ ରହିପାରେ । ଫଳରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଲାଗି ପଛୁଆବର୍ଗଙ୍କ ପାଇଁ ୩୦ରୁ ୩୩ ପର୍ଯ୍ୟନ୍ତ ଆସନ ରହିବ । ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦବୀ ଲାଗି ମଧ୍ୟ ଅନୁରୂପ ସଂରକ୍ଷଣ ବ୍ୟବସ୍ଥା ହେବ। ଏହି ପଦବୀ ଲାଗି କେଉଁ ବ୍ଲକରେ କେଉଁ ବର୍ଗର ମହିଳା ସଂରକ୍ଷିତ ଆସନରୁ ନିର୍ବାଚିତ ହେବେ ସେ ସଂକ୍ରାନ୍ତରେ ନିଷ୍ପତ୍ତି ଏକପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି ।

ସେହିପରି ରାଜ୍ୟର ୬୭୯୮ ପଞ୍ଚାୟତ ଲାଗି ପ୍ରତି ପଞ୍ଚାୟତରେ ଜଣେ ସରପଞ୍ଚ, ନାଏବ ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚିତ ହେବେ। ଏ କ୍ଷେତ୍ରରେ ବି ଅନୁରୂପ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ। ଉଲ୍ଲେଖଯୋଗ୍ୟ, ୩୧୪ ବ୍ଲକରୁ ରାଜ୍ୟରେ ୧୧୮ଟି ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବାରୁ ଅନ୍ୟ ବର୍ଗର ଆଶାୟୀଙ୍କ ଚିନ୍ତା ବଢିଯାଇଛି। ପ୍ରତି ପଞ୍ଚାୟତରେ ଥିବା ୱାର୍ଡଗୁଡ଼ିକରୁ ଜଣେ କରି ୱାର୍ଡମେମ୍ବର ନିର୍ବାଚିତ ହେବେ। ଏହି ସଂଖ୍ୟା ୬୦ହଜାରରୁ ଅଧିକ ହେବ। ତେବେ ଏ କ୍ଷେତ୍ରରେ ସଂରକ୍ଷଣ ଆଞ୍ଚଳିକସ୍ତରରେ ହେବାର ଅଛି। ଏହାଛଡ଼ା ରାଜ୍ୟରେ ଥିବା ୮୫୩ ଜିଲା ପରିଷଦ ଜୋନ୍ ମଧ୍ୟରୁ ୪୨୬ଟି ଆସନ ଏସ୍‌ସି, ଏସ୍‌ଟି ଓ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷିତ ରହିବ ।

ସାଧାରଣତଃ ଓଡ଼ିଶାରେ ଜନସଂଖ୍ୟା ଦୃଷ୍ଟିରୁ ଏସ୍‌ଇବିସିଙ୍କ ସଂଖ୍ୟା ଅଧିକ ରହୁଥିବାରୁ ଏହି ବର୍ଗର ପ୍ରାର୍ଥୀମାନେ ବହୁ ସ୍ଥାନରେ ବିଭିନ୍ନ ପଦ ପଦବୀ ପାଇଁ ଅଣସଂରକ୍ଷିତ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥାଆନ୍ତି। ଅନୁସୂଚିତ ଅଞ୍ଚଳରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଜନସଂଖ୍ୟା ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିଯୋଗୁ ବହୁ ଆଶାୟୀ ଆସନ୍ତା ନିର୍ବାଚନରେ ବାଦ୍‌ପଡ଼ିବା ସମ୍ଭାବନା ରହିଛି। ସଂରକ୍ଷଣ ତାଲିକା ପ୍ରକାଶ ପାଇ ନ ଥିବାରୁ ଆଶାୟୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ତେବେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ଚଳିତମାସ ଶେଷ ସୁଦ୍ଧା ପ୍ରକାଶ ପାଇବା ପରେ ସବୁ କିଛି ସ୍ପଷ୍ଟ ହୋଇଯିବ।

# ଡ୍ୟୁଟିରେ ଶୋଇପଡ଼ିଲେ ଡାକ୍ତର




ନିଘୋଡ଼ ନିଦରେ ଶୋଇପଡ଼ିଥିବା ଡାକ୍ତରଙ୍କୁ ଜଣେ ସୁରକ୍ଷା କର୍ମଚାରୀ ଉଠାଉଛନ୍ତି।

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ଇନ୍‌ଚାର୍ଜଙ୍କୁ ରିପୋର୍ଟ ତଲବ କଲେ ସିଡିଏମ୍‌ଓ

**ଢେଙ୍କାନାଳ ଅଫିସ, ୭।୧୦**

ଡ୍ୟୁଟିରେ ଥାଇ ନିଘୋଡ଼ ନିଦରେ ଶୋଇପଡ଼ିଲେ ଡାକ୍ତର। ତାଙ୍କୁ ଉଠାଇବାକୁ ସହକର୍ମୀ ଏବଂ ସୁରକ୍ଷାକର୍ମୀଙ୍କୁ କରିବାକୁ ପଡ଼ିଲା ବେଶ୍ କିଛି ସମୟ କସରତ, ତଥାପି ଡାକ୍ତରଙ୍କ ନିଦ ଭାଙ୍ଗିଲାନି କି ଅପେକ୍ଷାରତ ରୋଗୀଙ୍କୁ ମିଳିଲାନି ଚିକିତ୍ସା ପରାମର୍ଶ। ଢେଙ୍କାନାଳ ଜିଲା ଗଁଦିଆ ଥାନା ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା ଏଭଳି ଅଭାବନୀୟ ଦୃଶ୍ୟ। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାପରେ ମେଡିକାଲ ଇନ୍‌ଚାର୍ଜଙ୍କୁ ସିଡିଏମ୍‌ଓ ରିପୋର୍ଟ ତଲବ କରିଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସମ୍ପୃକ୍ତ ଡାକ୍ତରଜଣକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟ କରୁଛନ୍ତି। ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ସେ ଗାଢ଼ ନିଦରେ ଶୋଇପଡ଼ିଥିବା କେତେଜଣ କହୁଥିବାବେଳେ ନିଶାଦ୍ରବ୍ୟ ସେବନ କାରଣରୁ ଏଭଳି ହୋଇଥିବା ଅନ୍ୟ କେତେଜଣ କହିଛନ୍ତି, ଯାହା ତଦନ୍ତ ସାପେକ୍ଷ। ଅନ୍ୟପଟେ ବୁଧବାର ସନ୍ଧ୍ୟାରୁ ଗୁରୁବାର ଦିନତମାମ ଭିଡିଓ ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିବା ପରେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ସୁଜାତାରାଣୀ ମିଶ୍ର ଜିଲା ଦାୟିତ୍ୱରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିକାରୀଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ କୁହନ୍ତି, ଭାଇରାଲ୍ ହୋଇଥିବା ଭିଡିଓ ଦେଖିଛନ୍ତି। ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଡ୍ୟୁଟି ସମୟରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।




# ଡାକ୍ତରୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ବଲାଙ୍ଗୀର ଅଫିସ, ୭।୧୦**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଲେଡିଜ୍ ହଷ୍ଟେଲରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ଛାତ୍ରୀ ଦ୍ୱିତୀୟ ବର୍ଷର ନିରୁପମା ନନ୍ଦ (୨୦) । ସ୍ଥାନୀୟ ସିଭିଲ କୋର୍ଟ ପଛପାଖରେ ତାଙ୍କ ଘର। ହଷ୍ଟେଲ ଝରକା ଲୁହା ରେଲିଂରେ ଏକ ଶାଲ୍‌ରେ ଝୁଲିବା ଅବସ୍ଥାରେ ନିରୁପମାଙ୍କ ମୃତଦେହ ମିଳିଛି। ଲେଡିଜ୍ ହଷ୍ଟେଲର ୩୦୮ ନମ୍ବର ରୁମ୍‌ରେ ନିରୁପମା ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ଜଣେ ଅଜଣା ଯୁବକ ଲେଡିଜ୍ ହଷ୍ଟେଲରେ ରହୁଥିବା ନିରୁପମାଙ୍କ ସହପାଠିନୀଙ୍କୁ ଫୋନ୍ କରିଥିଲେ। ନିରୁପମା ତାଙ୍କ ହଷ୍ଟେଲ ରୁମ୍‌ରେ ଠିକ୍ ଅଛନ୍ତି କି ନାହିଁ ପଚାରିଥିଲେ। ସହପାଠିନୀମାନେ ତାଙ୍କ ହଷ୍ଟେଲ ରୁମ୍ କବାଟ ବାଡେଇଥିଲେ ମଧ୍ୟ ଭିତରୁ କିଛି ଉତ୍ତର ମିଳି ନ ଥିଲା। ଧକ୍କାଦେଇ କବାଟ ଭାଙ୍ଗିବା ପରେ ସେହି ରୁମ୍‌ର ଝରକା ରେଲିଂରେ ଏକ ଶାଲ୍‌ରେ ଝୁଲିବା ଅବସ୍ଥାରେ ନିରୁପମା ରହିଥିବା ଦେଖାଯାଇଥିଲା। ଲେଡିଜ୍ ହଷ୍ଟେଲ ୱାର୍ଡେନ ଓ ମେଡିକାଲ କଲେଜ ଡିନ୍ ଟାଉନ୍ ଥାନା ପୋଲିସ ଓ ନିରୁପମାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ରାତିରେ ସେଠାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଏହି ଘଟଣାକୁ ନେଇ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା (୭୩/୨୧) ରୁଜୁ ହୋଇଛି। ମୃତା ନନ୍ଦଙ୍କ ପିତା ସମାରୁ ନନ୍ଦ ଓ ତାଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଯେଉଁ ଯୁବକ ଜଣକ ହଷ୍ଟେଲ ରୁମ୍‌ରେ ନିରୁପମା ଠିକ୍ ଅଛନ୍ତି କି ନାହିଁ ଦେଖିବାକୁ କହିଥିଲେ ତାଙ୍କ ନମ୍ବରକୁ ପୋଲିସକୁ ହସ୍ତାନ୍ତର କରାଯାଇଥିବା ମେଡିକାଲ କଲେଜ ଡିନ୍ ଡା. ସବିତା ମହାପାତ୍ର ଜଣାଇଛନ୍ତି। ଫୋନ୍ ନମ୍ବର ସହ ସମଗ୍ର ଘଟଣା ଉପରେ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ତୋଫାନ୍ ବାଗ କହିଛନ୍ତି।

# ପାରାଦୀପ ବନ୍ଦର ଅଧ୍ୟକ୍ଷ ଭାବେ ଯୋଗଦେଲେ ପି.ଏଲ୍. ହାରାନ୍ଧ

**ପାରାଦୀପ, ୭।୧୦(ସ୍ୱ.ପ୍ର.)–** ପାରାଦୀପ ବନ୍ଦରର ନୂତନ ଅଧ୍ୟକ୍ଷ ଭାବେ ଗୁରୁବାର ପି.ଏଲ୍.(ପୋଲାମରାଜୁ ଲକ୍ଷ୍ମୀ) ହାରାନ୍ଧ କାର୍ଯ୍ୟରେ ଯୋଗଦେଇଛନ୍ତି।



ତାଙ୍କୁ ବନ୍ଦର ପ୍ରଶାସନିକ ଭବନ ପରିସରରେ ସିଆଇଏସ୍‌ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ହାରାନ୍ଧ କହିଥିଲେ, ପାରାଦୀପ ବନ୍ଦର ଖୁବ୍‌ଶୀଘ୍ର ଦେଶର ୧ ନଂ. ବୃହତ୍ ବନ୍ଦର ହେବାକୁ ଯାଉଛି। ଏଥିପାଇଁ ସେ ପ୍ରାଥମିକତା ଆଧାରରେ ଆଗକୁ ହେବାକୁ ଥିବା ନୂତନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବେ। ହାରାନ୍ଧ ଭାରତୀୟ ରେଲୱେ ଟ୍ରାଫିକ ସେବା (ଆଇଆରଟିଏସ୍)ରେ ୨୨ ବର୍ଷ ଧରି ଚାକିରି କରିଥିଲେ। ପରେ ୨୦୧୫ ରୁ ୨୦୨୦ ପର୍ଯ୍ୟନ୍ତ ବିଶାଖାପାଟଣା ବନ୍ଦର ଉପାଧ୍ୟକ୍ଷ ଥିଲେ।

# ସାପ ଗବେଷଣା କ୍ଷେତ୍ରରେ ପୁଣି ଚମକିଲେ ଓଡ଼ିଆ

## ଏକାଥରେ ୪ ନୂଆ ପ୍ରଜାତି ସାପ ଆବିଷ୍କାର କଲେ କେନ୍ଦ୍ରାପଡ଼ାର ଅଶୋକ

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ସାପ ଗବେଷଣା କ୍ଷେତ୍ରରେ ଧ୍ରୁବତାରା ହୋଇ ପୁଣି ଚମକିଛନ୍ତି ଜଣେ ଓଡ଼ିଆ। ସେ ଏକାଥରକେ ୪ଟି ନୂଆ ପ୍ରଜାତିର ସାପ ଆବିଷ୍କାର କରିଛନ୍ତି। ସେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ଡେରାବିଶ ଡିଗ୍ରୀ କଲେଜର ଜୁଲୋଜି ଅଧ୍ୟାପକ ଡ. ଅଶୋକ ମଲ୍ଲିକ। ତାଙ୍କର ଏହି ଗବେଷଣା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଜର୍ନାଲ୍ 'ଭର୍ଟିବ୍ରେଟ୍ ଜୁଲୋଜି'ରେ ପ୍ରକାଶିତ ହୋଇଛି। ଏହି ଗବେଷଣା ପେପରରେ ଭାରତରୁ ଏକାଥରେ ୪ଟି ନୂଆ ପ୍ରଜାତିର ପିଟ୍ ଭାଇପର ବା ବୋଡ଼ା ସାପ ପ୍ରଜାତି ଆବିଷ୍କୃତ ହୋଇଛି। ନୂଆ ପ୍ରଜାତିର ସାପଗୁଡ଼ିକ ହେଲେ କ୍ରାସେଡୋସେଫାଲସ୍ ମାକ୍ରୋଲେପିସ୍, କ୍ରାସେଡୋସେଫାଲସ୍ ପେଲଟୋପେଲୋର, କ୍ରାସେଡୋସେଫାଲସ୍ ଟ୍ରାଭାନ୍‌କୋରିକସ୍ ଓ କ୍ରାସେଡୋସେଫାଲସ୍ ଅକ୍ସିଡେଣ୍ଟାଲିସ୍। ଏହି ପିଟ୍ ଭାଇପର ସାପଗୁଡ଼ିକ ଦକ୍ଷିଣ ଭାରତରେ ଦେଖିବାକୁ ମିଳିଛନ୍ତି। ଅଶୋକ ୨୦୦୮ ମସିହାରୁ ଏହି ସାପଙ୍କ ଉପରେ ଗବେଷଣା ଆରମ୍ଭ କରିଥିଲେ। ସେତେବେଳେ ସେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ପିଏଚ୍‌ଡି କରୁଥିଲେ। ଦୀର୍ଘ ୮ବର୍ଷର ଗବେଷଣା ଫଳରେ ଖାଲି ଏହି ୪ ଟି ନୂଆ ସାପଙ୍କ ଆବିଷ୍କାର ଯେ ହେଲା ତାହା ନୁହେଁ, କ୍ରାସେଡୋସେଫାଲସ୍ ଜିନସ୍‌କୁ ମଧ୍ୟ ମାନ୍ୟତା ମିଳିଲା। ଏହି ୪ ପ୍ରଜାତିର ସାପଙ୍କୁ ଆଗରୁ ଟ୍ରାଇମେରେସେରସ୍ ଜିନସ୍ ଅଧୀନରେ ରଖାଯାଇଥିଲା।



ଟ୍ରାଭାନ୍‌କୋରିକସ୍



ପେଲଟୋପେଲୋର



ମାକ୍ରୋଲେପିସ୍



ଅକ୍ସିଡେଣ୍ଟାଲିସ୍

ଏହି କ୍ରାସେଡୋସେଫାଲସ ସାପଗୁଡ଼ିକ ବିଷଧର। ଏମାନଙ୍କ ମୁହଁରେ ଉତ୍ତାପକୁ ବାରିବା ପାଇଁ ଦୁଇପଟେ ଦୁଇଟି ପିଟ୍ ବା ଗର୍ତ୍ତ ଥାଏ। ଏହି ପ୍ରଜାତିର ସାପ ସାଧାରଣତଃ ଜଙ୍ଗଲ ଓ ପାର୍ବତୀୟ ଅଞ୍ଚଳରେ ଦେଖାଯାଇଥାନ୍ତି। ମାକ୍ରୋଲେପିସ୍ ହେଉଛି ମଧ୍ୟମ ଧରଣର ପିଟ୍ ଭାଇପର। ମୁଣ୍ଡ ତିନିକୋଣିଆ, ଗାଢ଼ ସବୁଜ ରଙ୍ଗର ଶରୀର। ଲାଞ୍ଜରେ ଦୁର୍ବଳ ନୀଳ ରଙ୍ଗର ବ୍ୟାଣ୍ଡ୍ ପଡ଼ିଥାଏ। ପେଲଟୋପେଲୋର ହେଉଛି ଗାଢ଼ରୁ ହଳଦିଆ ସବୁଜ ରଙ୍ଗର ଶରୀର। ମାଡ଼ି ନିକଟରେ ମଲାଇ ଧଳା ରଙ୍ଗ, ମୁଣ୍ଡ ଓ ଦେହରେ ନୀଳ ରଙ୍ଗର ଦାଗ ଦେଖାଯାଏ। ଟ୍ରାଭାନକୋରିକସ୍‌ର ମୁଣ୍ଡ ଗାଢ଼ ମାଟିଆରୁ ପର୍ପଲ ମାଟିଆ ରଙ୍ଗ। ଶରୀର ଫିକା ସବୁଜରେ ମାଟିଆ ଛାପ ଓ ଲାଞ୍ଜ କଳା। ଅକ୍ସିଡେଣ୍ଟାଲିସର ମୁଣ୍ଡ ଓ ଶରୀର ଫିକା ସବୁଜ ରଙ୍ଗର। ଲାଞ୍ଜ ମଇଳା ଧଳା ରଙ୍ଗର ହୋଇଥାଏ। ଅଶୋକଙ୍କ ସହିତ ଏହି ଗବେଷଣାରେ ଦେଶ ତଥା ବିଦେଶର ଆଉ ୬ଜଣ ଗବେଷକ ସାମିଲ ଥିଲେ। ସେମାନେ ହେଲେ ଏ. ଏନ୍. ଶ୍ରୀକାନ୍ତମ୍, ଏସ୍. ଆର୍. ଗଣେଶ, ଏସ୍. ପି. ବିଜୟକୁମାର, ପି. ଡି. କ୍ୟାମ୍ପବେଲ, ଏ. ମାଲହୋତ୍ରା, ଏବଂ କେ. ଶଙ୍କର। ବାଙ୍ଗାଲୋରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସର ସେଣ୍ଟର ଫର୍ ଇକୋଲୋଜିକାଲ ସାଇନ୍ସ, ଚେନ୍ନାଇ ସ୍ନେକ ପାର୍କ, ଲଣ୍ଡନର ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ଏବଂ ବ୍ରିଟେନ୍‌ର ବାଙ୍ଗୋର ବିଶ୍ୱବିଦ୍ୟାଳୟ ତରଫରୁ ମିଳିତ ଭାବେ ଏହି ଗବେଷଣା କରାଯାଇଥିଲା। ଏହି ଗବେଷଣା ପେପରରେ ଅଶୋକ ହିଁ କରେସ୍‌ପଣ୍ଡିଂ ଅଥର ଭାବେ ଦାୟିତ୍ୱ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଏହି ଭଳି ଏକ ଗବେଷଣା ପେପରରେ ଏକାଥରକେ ୫ଟି ନୂଆ ଭାଇନ୍ ସ୍ନେକ୍ ପ୍ରଜାତି ସାପ ଆବିଷ୍କାର କରି ଆନ୍ତର୍ଜାତିକ ସ୍ତରରେ ଅଶୋକ ଚହଳ ସୃଷ୍ଟି କରିଥିଲେ।



ଅଶୋକ ମଲ୍ଲିକ

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ସହସମ୍ପାଦକ (ଫିଚର)
• ପ୍ରାର୍ଥୀଙ୍କର ଫିଚର ସମ୍ପାଦନା, ଅନୁବାଦ ଓ ରିପୋର୍ଟିଂ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply Immediately to
Email: recruitment@dharitri.com

CIME Bhubaneswar | No. KK-121 | NAAC Accredited
COLLEGE OF IT & MANAGEMENT EDUCATION
(A Constituent College of BPUT, Odisha)
Plot No.4, Sector-A, Zone-B, Mancheswar Indl. Estate, Bhubaneswar-751010, Tel: 0674-2582442, www.cime.ac.in
ADMISSION NOTICE
ADMISSION INTO REGULAR M.Sc. (COMPUTER SCIENCE) PROGRAMME - 2021
The College of IT and Management Education (CIME), Bhubaneswar intends to admit students in the Regular 2-year M.Sc. (Computer Science) Programme with the approval of State Government and Biju Patnaik University of Technology, BPUT, Odisha.
Eligibility :
a) B.Sc. Degree with Computer Science as Honours or
b) B.Sc. Degree in Information Technology and Management or
c) BCA (with +2 Science only)
with at least 50% marks in aggregate (45% for SC/ST Candidate) in the qualifying examination.
Admission Process :
a) The candidate should have valid Rank of OJEE – 2021.
b) The interested candidate needs to opt for the M.Sc (Computer Science Course in the Web based Counseling process of OJEE – 2021.
For further enquiry: Please contact Course Coordinator : Mr. Sudhir Senapati, Mobile No.7205958848
OIPR-14087/11/0004/2122 PRINCIPAL

**ଆକ୍ରମଣରେ ୯ ସୈନ୍ୟ ନିହତ**

ବନ୍ଧୁକଧାରୀଙ୍କ ଆକ୍ରମଣ ଯୋଗୁ ବୁଧବାର ମାଲିର ୯ ସୈନ୍ୟ ନିହତ ହୋଇଛନ୍ତି। ଆହୁରି ୧୧ ଜଣ ଆହତ ହୋଇଛନ୍ତି। ମୋପ୍‌ତି ଅଞ୍ଚଳରେ ସେନାର ଗାଡ଼ିଗୁଡ଼ିକୁ ବିସ୍ଫୋରଣରେ ଉଡ଼ାଇ ଦିଆଯାଇଛି। କୌଣସି ସଙ୍ଗଠନ ଏଥିପାଇଁ ନିଜକୁ ଦାୟୀ କରି ନ ଥିବାବେଳେ ଆତଙ୍କବାଦୀ ଗୋଷ୍ଠୀ ଅଲ୍-କାଏଦା ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।



## ସଂକ୍ଷେପରେ

### ବସ୍-ଟ୍ରକ୍ ଧକ୍କା: ୧୫ ମୃତ



**ଲକ୍ଷ୍ନୌ, ୭।୧୦:** ଉତ୍ତରପ୍ରଦେଶର ବାରବାଙ୍କି ଜିଲାରେ ଗୁରୁବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୬ ଜଣ ଆହତ ହୋଇଛନ୍ତି। ୫୫ ଜଣ ଯାତ୍ରୀଙ୍କୁ ନେଇ ବାହାରିଚ୍‌ରୁ ଦିଲ୍ଲୀ ଯାଉଥିବା ଏକ ଡବଲ ଡେକର ଘରୋଇ ବସ୍‌କୁ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ମୃତକଙ୍କ ମଧ୍ୟରେ ୯ ଜଣ ପୁରୁଷ, ୨ ମହିଳା ଓ ୩ ଜଣ ପିଲା ଥିବାବେଳେ ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ବାରବାଙ୍କି ପୋଲିସ କହିବା ଅନୁଯାୟୀ ଟ୍ରକ୍‌ଟି ଭୁଲ୍ ରୁଟ୍‌ରେ ଆସିଥିଲା ଏବଂ ବୁଲା ଗୋରୁଗୁଡ଼ିକୁ ରକ୍ଷା କରିବାକୁ ଯାଇ ଭାରସାମ୍ୟ ହରାଇବାରୁ ବସ୍‌କୁ ଧକ୍କା ଦେଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କ ଲାଗି ୫୦,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ବାରବାଙ୍କିର ବରିଷ୍ଠ ଅଧିକାରୀମାନେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସାମିଲ ହୋଇଛନ୍ତି।

### କୋର୍ଟରେ ହତ୍ୟା ଘଟଣା: ୨ ଗିରଫ

**ନୂଆଦିଲ୍ଲୀ, ୭।୧୦:** ଦିଲ୍ଲୀର ରୋହିଣୀ କୋର୍ଟରେ ସେପ୍ଟେମ୍ବର ୨୪ରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ଗ୍ୟାଙ୍ଗଷ୍ଟର ଟିଲୁ ତାଜପୁରିୟା ଏବଂ ନବୀନ ବାଲିଙ୍କୁ ଗିରଫ କରିଛି। କୋର୍ଟରୁମ୍‌ରେ ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ର ଯୋଗୀଙ୍କ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଟିଲୁଙ୍କୁ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୋଲିସ କିଛିଦିନ ତଳେ ହେପାଜତକୁ ନେଇ ପଚରାଉଚରା କରୁଥିଲା। ପରେ ବାଲିଙ୍କୁ ମଧ ମଙ୍ଗଳବାର ୨ ଦିନିଆ କଷ୍ଟେଡିରେ ନେଇଥିଲା। ଯୋଗୀଙ୍କୁ ହତ୍ୟା ଘଟଣାରେ ବାଲି ସମ୍ପୃକ୍ତ ଥିଲେ ବୋଲି ପୋଲିସ କହିଛି। ତାଙ୍କ ନିର୍ଦ୍ଦେଶରେ ସହଯୋଗୀ ନବୀନ ହୁଡ୍ଡା ବନ୍ଧୁକ ସହ ଜଣେ ନେପାଳ ନାଗରିକଙ୍କୁ ଓକିଲ ବେଶରେ କୋର୍ଟକୁ ଆଣିଥିଲେ। ଅଭିଯୁକ୍ତ ରାହୁଲ ଏବଂ ଜଗାଙ୍କ ସହଯୋଗରେ ଅଦାଲତ ଭିତରେ ସେମାନେ ଯୋଗୀଙ୍କୁ ହତ୍ୟା କରିଥିଲେ।

### ଆଲୋଚନା ପାଇଁ ତାଲିବାନ୍‌କୁ ରୁଷିଆର ଆମନ୍ତ୍ରଣ

**ମସ୍କୋ, ୭।୧୦:** ଆଫଗାନିସ୍ତାନ ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ପାଇଁ ରୁଷିଆ ତାଲିବାନ୍‌କୁ ଆମନ୍ତ୍ରଣ କରିଛି। ଆସନ୍ତା ୨୦ରେ ତାଲିବାନ୍‌ର ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ମସ୍କୋ ଡାକି ଏକ ବୈଠକ ବସିବାର ଯୋଜନା ରହିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ପ୍ରତିନିଧି ଜାମିର୍ କାବୁଲୋଭ୍ ଗୁରୁବାର ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ଆଫଗାନିସ୍ତାନ ଉପରେ ମସ୍କୋ ଆୟୋଜନ କରିଥିବା ଅନ୍ତର୍ଜାତୀୟ ବୈଠକରେ ରୁଷିଆ ସମେତ ଚାଇନା, ଆମେରିକା ଏବଂ ପାକିସ୍ତାନ ଯୋଗ ଦେଇଥିଲେ। କୌଣସି ହିଂସାକାଣ୍ଡ ନ କରିବାକୁ ସେତେବେଳେ ଉକ୍ତ ଆଲୋଚନାରେ ତାଲିବାନ୍‌କୁ କୁହାଯାଇଥିଲା। ଏହା ପରଠାରୁ ଆମେରିକା ନେତୃତ୍ୱାଧୀନ ସୈନ୍ୟ ଆଫଗାନିସ୍ତାନରୁ ପ୍ରତ୍ୟାହାର କରିଥିଲେ।

### 'ପାକିସ୍ତାନକୁ ଏକଘରିକିଆ କରାଯାଉ'

**ୱାଶିଂଟନ୍, ୭।୧୦:** ଗତ ଅଗଷ୍ଟରେ ତାଲିବାନ୍ କବ୍‌ଜାକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଦେଇଥିବା ମନ୍ତବ୍ୟ ପାଇଁ ସେ ଉତ୍ତରଦାୟୀ। ମାନବ ସମାଜ ପାଇଁ ବିପଦଜ୍ଜନକ ହକ୍କାନୀ ନେଟ୍‌ୱର୍କ, ତାଲିବାନ୍ ସମେତ ଲଶ୍କର-ଇ-ତୋଇବା ଭଳି ଜିହାଦୀ ଆତଙ୍କବାଦୀ ଗୋଷ୍ଠୀକୁ ସମର୍ଥନ କରୁଥିବାରୁ ପାକିସ୍ତାନ ନେତୃତ୍ୱକୁ ଅନ୍ତର୍ଜାତୀୟ ସ୍ତରରେ ଏକଘରିକିଆ କରାଯିବା ଉଚିତ ବୋଲି ଆମେରିକାର ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଏଚ୍. ଆର୍. ମ୍ୟାକ୍‌ମାଷ୍ଟର କହିଛନ୍ତି। ଆଫଗାନିସ୍ତାନ ଉପରେ ଅନୁଷ୍ଠିତ ଏକ କଂଗ୍ରେସ କମିଟି ବୈଠକରେ ସେ କହିଛନ୍ତି, ମାନବିକ ସହାୟତା ପାଇଁ ତାଲିବାନ୍ ନିକଟକୁ ଯିବାକୁ ଥିବା ଅର୍ଥ ସିଧାସଳଖ ଭାବେ ଆତଙ୍କବାଦୀ ଗୋଷ୍ଠୀଙ୍କ ହାତରେ ପଡ଼ିବ ଏବଂ ଏହାଦ୍ୱାରା ସେମାନେ ଆହୁରି ଶକ୍ତିଶାଳୀ ହେବେ। ବାସ୍ତବରେ ଆମେ ଏପରି ଅସୁବିଧାଜନକ ସ୍ଥିତିରେ ପଡ଼ିଛୁ ଯେ, ତାଲିବାନ୍‌କୁ ସଶକ୍ତ କରିବା ବିନା ଆଫଗାନିସ୍ତାନରେ ମାନବୀୟ ସଙ୍କଟକୁ ଏଡ଼ାଇବା ମଧ କଷ୍ଟକର ହେବ। ଏଥିସହ ପାକିସ୍ତାନକୁ କୌଣସି ପ୍ରକାରର ସହାୟତା ପ୍ରଦାନ କରାଯିବା କଥା ନୁହେଁ ବୋଲି ମ୍ୟାକ୍‌ମାଷ୍ଟର କହିଛନ୍ତି।

# କଶ୍ମୀରରେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ

## ୨ ସ୍କୁଲ ଶିକ୍ଷକଙ୍କୁ ହତ୍ୟା କଲେ ଆତଙ୍କବାଦୀ

## ୫ ଦିନରେ ୭ ନିହତ



ଶିକ୍ଷକ ଦୀପକ ଚାନ୍ଦଙ୍କ ମୃତ୍ୟୁରେ ଶୋକସନ୍ତପ୍ତ ପରିବାର ଲୋକ।

**ଶ୍ରୀନଗର, ୭।୧୦(ପି.ଟି.)**

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ କିଛିଦିନ ହେଲା ନିରୀହ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି। ଗୁରୁବାର ଶ୍ରୀନଗରସ୍ଥିତ ଏକ ସରକାରୀ ସ୍କୁଲ୍‌ର ଜଣେ ମହିଳା ପ୍ରିନ୍ସିପାଲ ଓ ଜଣେ ଶିକ୍ଷକଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ଏହାକୁ ମିଶାଇ କଶ୍ମୀର ଉପତ୍ୟକାରେ ୫ ଦିନରେ ଆତଙ୍କବାଦୀ ୭ ନିରୀହ ଲୋକଙ୍କ ଜୀବନ ନେଲେଣି। ସେମାନଙ୍କ ମଧ୍ୟରୁ ୪ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବାବେଳେ ୬ଟି ହତ୍ୟାକାଣ୍ଡ କେବଳ ଶ୍ରୀନଗରରେ ହିଁ ଘଟିଛି।

ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ମିନିଟ ସମୟରେ ଶ୍ରୀନଗରର ଇଦ୍‌ଗାହସ୍ଥିତ ସରକାରୀ ବଏଜ୍ ହାୟର ସେକେଣ୍ଡାରି ସ୍କୁଲ୍‌ରେ କେହି ଛାତ୍ର ନ ଥିବାବେଳେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେମାନଙ୍କ ଗୁଳିରେ ପ୍ରିନ୍ସିପାଲ ସୁପିନ୍ଦର କୌର ଏବଂ ଶିକ୍ଷକ ଦୀପକ ଚାନ୍ଦଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସମଗ୍ର ଉପତ୍ୟକାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆତଙ୍କବାଦୀମାନେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ହତ୍ୟା କରୁଥିବା ଜମ୍ମୁ-କଶ୍ମୀର ପୋଲିସ ଡିଜି ଦିଲ୍‌ବାଗ ସିଂ କହିଛନ୍ତି। ସେମାନେ ଭୟର ବାତାବରଣ ସୃଷ୍ଟି କରିବା ସହ ଦୀର୍ଘଦିନର ସାମ୍ପ୍ରଦାୟିକ ସଦ୍‌ଭାବକୁ ନଷ୍ଟ କରିବା ଲକ୍ଷ୍ୟରେ ଏଭଳି ଆକ୍ରମଣ କରୁଥିବା ଜଣାପଡ଼ିଛି। ମାନବିକତା, ଭ୍ରାତୃଭାବ, ସ୍ଥାନୀୟ ଲୋକାଚାର ଓ ମୂଲ୍ୟବୋଧକୁ ଯେଉଁମାନେ ଟାର୍ଗେଟ କରୁଛନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ଖୋଜି ବାହାର କରାଯିବ। କଶ୍ମୀରର ମୁସଲମାନ ସମ୍ପ୍ରଦାୟକୁ ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ଲଗାତର ଆକ୍ରମଣ କରାଯାଉଛି। ଉପତ୍ୟକାର ଶାନ୍ତି ବ୍ୟାହତ କରିବା ଲାଗି ଆତଙ୍କବାଦୀମାନେ ପାକିସ୍ତାନର ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ କରୁଥିବା ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି।

ଗୁଳିମାଡ଼ରେ ନିହତ ହୋଇଥିବା ପ୍ରିନ୍ସିପାଲ ସୁପିନ୍ଦର ଶିଖ୍ ସମ୍ପ୍ରଦାୟର ହୋଇଥିବାବେଳେ ଶିକ୍ଷକ ଚାନ୍ଦ୍ ହିନ୍ଦୁ ସମ୍ପ୍ରଦାୟର। ମଙ୍ଗଳବାର ଘଟିଥିବା ୩ଟି ହତ୍ୟାକାଣ୍ଡ ପାଇଁ ବେଆଇନ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବାର ପାଇଁ କାର୍ଯ୍ୟ କରୁଥିବା ରେଜିଷ୍ଟାନ୍ସ ଫୋର୍ସ ନିଜକୁ ଦାୟୀ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଜଣେ ଖ୍ୟାତନାମା କଶ୍ମୀର ପଣ୍ଡିତ ମାଖନଲାଲ୍ ବିନ୍ଦ୍ରୁଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତାଙ୍କର ଶ୍ରୀନଗରରେ ଏକ ଔଷଧ କମ୍ପାନୀ ରହିଛି। ଏହାର କିଛି ସମୟ ପରେ ଜଣେ ଚାଟ୍ ଦୋକାନୀ ବୀରେନ୍ଦ୍ର ପାଶ୍ୱାନ ଏବଂ ମହମ୍ମଦ ଶାଫି ଲୋନ୍ ନାମକ ଅନ୍ୟ ଜଣେ ସାଧାରଣ ନାଗରିକଙ୍କୁ ହତ୍ୟା କରାଯାଇଥିଲା। ଏହାର ୩ ଦିନ ପୂର୍ବରୁ ଶ୍ରୀନଗରର କରନ ନଗରରେ ମାଜିଦ ଅହମଦ ଗୋଜ୍ରିଙ୍କୁ ଏବଂ ଶନିବାର ରାତିରେ ବଟମାଲୁଠାରେ ମହମ୍ମଦ ଶାଫି ଦର୍‌ଙ୍କୁ ହତ୍ୟା କରାଯାଇଥିଲା।

୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଉପତ୍ୟକାରେ ସାଧାରଣ ଲୋକଙ୍କ ଉପରେ ଏହା ସବୁଠୁ ବଡ଼ ଆକ୍ରମଣ। ୯୦ ଦଶକରେ ଆତଙ୍କବାଦୀମାନେ ମନଇଚ୍ଛା ଲୋକଙ୍କୁ ଟାର୍ଗେଟ କରୁଥିଲେ, ଯେଉଁଥିପାଇଁ ସଂଖ୍ୟାଲଘୁ ବିଶେଷ କରି କଶ୍ମୀରୀ ପଣ୍ଡିତମାନେ ଉପତ୍ୟକା ଛାଡ଼ି ପଳାଇଯାଇଥିଲେ।

### ସୁରକ୍ଷା ଦେବାରେ ସରକାର ବିଫଳ: କଂଗ୍ରେସ

**ନୂଆଦିଲ୍ଲୀ, ୭।୧୦**

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣରେ ଗତ ୪୮ ଘଣ୍ଟା ମଧ୍ୟରେ ୫ ନିରୀହ ଲୋକଙ୍କ ଜୀବନ ଯାଇଛି। ସରକାର ଉପତ୍ୟକାରେ କଶ୍ମୀରୀ ପଣ୍ଡିତମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଗୁରୁବାର କଂଗ୍ରେସ ଅଭିଯୋଗ କରିବା ସହ ଏଭଳି ଆକ୍ରମଣକୁ ନିନ୍ଦା କରିଛି। ମୃତକଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦଳର ଜମ୍ମୁ-କଶ୍ମୀର ଶାଖାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ସରକାର କଶ୍ମୀରୀ ପଣ୍ଡିତ ଏବଂ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବାରେ ଅକ୍ଷମ। ଫଳରେ ଉକ୍ତ ଅଞ୍ଚଳରେ ଅସ୍ଥିରତା ଦେଖାଦେଇଛି। ଆତଙ୍କବାଦ ଏବଂ ହିଂସା ବଢ଼ିବା ଘଟଣାରୁ ସରକାର ଦୁର୍ବଳ ଏବଂ ଉଦାସୀନ ବୋଲି ପ୍ରମାଣିତ ହୋଇଥିବା କଂଗ୍ରେସ କହିଛି। ୪୮ ଘଣ୍ଟାରେ ଖ୍ୟାତନାମା କଶ୍ମୀରୀ ପଣ୍ଡିତ ଏମ୍.ଏଲ୍. ବିନ୍ଦ୍ରୁଙ୍କ ସମେତ ୫ ଜଣଙ୍କୁ ଆତଙ୍କବାଦୀ ହତ୍ୟା କଲେଣି। ଏହାକୁ କଂଗ୍ରେସ ତୀବ୍ର ନିନ୍ଦା କରୁଛି ବୋଲି ଦଳ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

## ପାକିସ୍ତାନରୁ ଆତଙ୍କବାଦୀଙ୍କୁ ଅସ୍ତ୍ର ଯୋଗାଣ ଉଦ୍ୟମ ପଣ୍ଡ

**ଜମ୍ମୁ, ୭।୧୦(ପି.ଟି.)**

### ବିପୁଳ ଅସ୍ତ୍ର ଜବତ କଲା ବିଏସ୍ଏଫ୍

ଅନ୍ତର୍ଜାତୀୟ ସୀମା ଦେଇ ପାକିସ୍ତାନରୁ ଆତଙ୍କବାଦୀଙ୍କୁ ଅସ୍ତ୍ର ଯୋଗାଣ ଉଦ୍ୟମକୁ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ପଣ୍ଡ କରିଦେଇଛି। ଜମ୍ମୁ-କଶ୍ମୀରର ସାମ୍ବା ଜିଲାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅନ୍ତର୍ଜାତୀୟ ସୀମା ଦେଇ ଅସ୍ତ୍ର ଚୋରା ଚାଲାଣ ଯୋଜନା ପଣ୍ଡ ହୋଇଥିବା ବିଏସ୍ଏଫ୍ ଡିଆଇଜି ଏସ୍.ପି.ଏସ୍. ସାନ୍ଧୁ କହିଛନ୍ତି। ସୀମାରୁ ୪ ପିସ୍ତଲ, ୮ ପିସ୍ତଲ ମାଗାଜିନ ଏବଂ ୨୩୨ ରାଉଣ୍ଡ ଗୁଳିଗୋଳା ଜବତ ହୋଇଛି। ବିଭିନ୍ନ ସମୟରେ ସୀମାପାର ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟ ଚୋରା ଚାଲାଣ ପାଇଁ ଉଦ୍ୟମ ଚଳାଇଥାନ୍ତି। ଗତ ୬ ମାସ ମଧ୍ୟରେ ସୀମାରେ ଅନେକ ଥର ପାକିସ୍ତାନୀ ଡ୍ରୋନ୍‌ରୁ ଅସ୍ତ୍ର ପକାଗଲାଣି। ଗତ ଶନିବାର ଅନ୍ତର୍ଜାତୀୟ ସୀମାରୁ ଗୋଟିଏ ଏକେ ରାଇଫଲ, ୩ଟି ମାଗାଜିନ ଏବଂ ୩୦ ରାଉଣ୍ଡ ଗୁଳି ଜବତ ହୋଇଥିଲା। ସେହିପରି ସେପ୍ଟେମ୍ବର ୨୭ରେ ଅଖନୁର ସେକ୍ଟର ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମା ନିକଟରୁ ୪ ପିସ୍ତଲ, ୮ ମାଗାଜିନ ଓ ୧୦୦ ରାଉଣ୍ଡ ଗୁଳି ଓ ୧ କିଲୋଗ୍ରାମ ଓଜନର ନିଶାଦ୍ରବ୍ୟ ମିଳିଥିଲା। ଏଥିସହିତ ୨,୭୫,୦୦୦ ଲକ୍ଷ ଟଙ୍କାର ଜାଲ୍ ଭାରତୀୟ ନୋଟ୍ ଜବତ ହୋଇଥିଲା।

## ପାର୍ବଣ ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍ ସତର୍କତା

**ନୂଆଦିଲ୍ଲୀ, ୭।୧୦**

ପାର୍ବଣ ଋତୁ ଆରମ୍ଭ ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜନସାଧାରଣଙ୍କ ପାଇଁ କୋଭିଡ୍ ସତର୍କ ସୂଚନା ଜାରି କରିଛି। ଅକ୍ଟୋବରରୁ ଡିସେମ୍ବର ସତର୍କ ରହିବା ସହ ଭର୍ଚୁଆଲି ଉତ୍ସବ ପାଳନ କରିବା ଲାଗି ପରାମର୍ଶ ଦିଆଯାଇଛି।

ଏବେ ବି କରୋନା ମହାମାରୀ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ତେଣୁ ଉତ୍ସବ ଋତୁରେ ଆମକୁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଗୁରୁବାର ନବରାତ୍ରି ଉତ୍ସବର ପ୍ରଥମ ଦିନ ଏବଂ ପାର୍ବଣ ଋତୁର ଆରମ୍ଭ। ସେଥିପାଇଁ ଭର୍ଚୁଆଲି ଦୁର୍ଗାପୂଜା ଓ ରାମଲୀଲା ଉତ୍ସବରେ ଯୋଗଦେବା ପାଇଁ ଏବଂ ଦୀପାବଳିରେ ନିକଟ ସମ୍ପର୍କୀୟଙ୍କୁ ଅନ୍‌ଲାଇନରେ ଭେଟିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି। କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମାସ୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଟିକା ରକ୍ଷା କବଚ ବୋଲି ସେ କହିଛନ୍ତି। ଏପର୍ଯ୍ୟନ୍ତ ଭାରତ ମହାମାରୀର ସଫଳ ମୁକାବିଲା କରିଆସିଛି ଏବଂ କୋଭିଡ୍ ମାମଲାକୁ ସ୍ଥିର ରଖିବା ଲାଗି ସରକାର ଚାହୁଁଛନ୍ତି। ବର୍ତ୍ତମାନ ସୁଦ୍ଧା ଦେଶରେ ୩.୩୯ କୋଟି କୋଭିଡ୍ ଆକ୍ରାନ୍ତ ହୋଇଥିବାବେଳେ ସେଥିରୁ ୨.୪୪ ଲକ୍ଷ ସକ୍ରିୟ ମାମଲା ରହିଛି। ଗତ ସପ୍ତାହରେ ପଜିଟିଭିଟି ହାର ୧.୬୮ ପ୍ରତିଶତକୁ ହ୍ରାସ ପାଇଥିବା ଲବ ଅଗ୍ରୱାଲ କହିଛନ୍ତି। ଏବେ ବି ଦୈନିକ ହଜାର ହଜାର ଲୋକ କରୋନାରେ ସଂକ୍ରମିତ ହେଉଥିବାବେଳେ ଦୈନିକ ମୃତ୍ୟୁସଂଖ୍ୟା ୩ ଶହରୁ ଅଧିକ ରହିଛି।

## ଜେଲ ଗଲେ ଆର୍ଯ୍ୟନ୍: ଆଜି ଜାମିନ ଶୁଣାଣି

**ମୁମ୍ବାଇ, ୭।୧୦(ପି.ଟି.)**



କ୍ରୁଜ୍ ଜାହାଜରେ ନିଶାଦ୍ରବ୍ୟ କାରବାର ମାମଲାରେ ଗିରଫ ହୋଇଥିବା ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କ ସମେତ ଅନ୍ୟ ୭ ଅଭିଯୁକ୍ତଙ୍କୁ ମୁମ୍ବାଇର ଏକ ଅଦାଲତ ଗୁରୁବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ରିମାଣ୍ଡରେ ନେବା ଲାଗି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) କରିଥିବା ଅନୁରୋଧକୁ ଅଦାଲତ ଖାରଜ କରିଦେଇଛନ୍ତି। ଆର୍ଯ୍ୟନ୍‌ଙ୍କ ଜାମିନ ଆବେଦନର ଶୁଣାଣି ପାଇଁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଦୀର୍ଘ ସମୟ ଶୁଣାଣି ପରେ ଏହାକୁ ଶୁକ୍ରବାରକୁ ସ୍ଥଗିତ ରଖାଯାଇଛି। ଆର୍ଯ୍ୟନ୍‌ଙ୍କୁ ଅଧିକ ଦିନ ଅଟକ ରଖାଯାଇପାରିବ ନାହିଁ ବୋଲି ତାଙ୍କ ଓକିଲ ସତୀଶ ମାନେଶିନ୍ଦେ ଯୁକ୍ତି ଦର୍ଶାଇଥିଲେ। ଅତିରିକ୍ତ ସଲିସିଟର ଜେନେରାଲ ଅନିଲ ସିଂ ଜାମିନ ଆବେଦନକୁ ବିରୋଧ କରିଥିଲେ।

## ଭାଜପା ଏମ୍‌ପିଙ୍କ କାର୍‌କେଡ୍ ଦୁର୍ଘଟଣାରେ ଚାଷୀ ଆହତ

**ଚଣ୍ଡିଗଡ଼, ୭।୧୦:** ଉତ୍ତରପ୍ରଦେଶର ଲଖିମପୁର ଖେରିରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରଙ୍କ ଗାଡ଼ି ମାଡ଼ିଯାଇ ୪ ଜଣ ଚାଷୀଙ୍କ ମୃତ୍ୟୁ ଘଟିବା ଓ ତତ୍‌ପରବର୍ତ୍ତୀ ହିଂସାରେ ଅନ୍ୟ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ଏହାର ୪ ଦିନ ପରେ ହରିୟାଣାରେ ଜଣେ ଭାଜପା ଏମ୍‌ପିଙ୍କ କାର୍‌କେଡ ଧକ୍କାରେ ଜଣେ ଚାଷୀ ଆହତ ହୋଇଥିବା ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଅମ୍ବାଲାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ଭାଜପା ଏମ୍‌ପି ନୟାବ ସାଇନିଙ୍କ ସହ ଥିବା ଗୋଟିଏ ଗାଡ଼ି ଜଣେ ଚାଷୀଙ୍କୁ ଧକ୍କା ଦେଇଥିଲା। ଆହତ ଚାଷୀଙ୍କୁ ନାରାୟଣଗଡ଼ସ୍ଥିତ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କୁ ଛାଡ଼ିଦିଆଯାଇଛି।



ବେଙ୍ଗାଲୁରୁର ରାମମୂର୍ତ୍ତି ନଗରଠାରେ ଏକ ୪ ମହଲା କୋଠା ଭୁଶୁଡ଼ିପଡୁଥିବାବେଳେ ସ୍ଥାନୀୟ ଲୋକେ ଚାହିଁ ରହିଛନ୍ତି।

## ଫୋର୍ବସ ଧନୀ ତାଲିକାରେ ୬ ମହିଳା

**ନୂଆଦିଲ୍ଲୀ, ୭।୧୦**



ସାବିତ୍ରୀ ଜିନ୍ଦଲ

ଫୋର୍ବସ ତାଲିକାରେ ଭାରତର ୧୦୦ ଧନୀବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ୬ ମହିଳା। ସେମାନଙ୍କ ମଧ୍ୟରେ ଓ.ପି. ଜିନ୍ଦଲ ଗ୍ରୁପ୍‌ର ସାବିତ୍ରୀ ଜିନ୍ଦଲ(୭୧)ଙ୍କ ସମ୍ପତ୍ତି ସର୍ବାଧିକ ୧୩.୪୬ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ସେ ତାଲିକାର ୭ ନମ୍ବରରେ ରହିଛନ୍ତି। ୨୪ ତମ ସ୍ଥାନରେ ଥିବା ଦ୍ୱିତୀୟ ଧନୀ ମହିଳା ହାଭେଲ୍ସର ବିନୋଦ ରାୟ ଗୁପ୍ତା(୭୬)ଙ୍କ ସମ୍ପତ୍ତି ପ୍ରାୟ ୫.୬୮ ଲକ୍ଷ କୋଟି ହେବ। ୪୩ତମ ର୍‍ୟାଙ୍କ୍ ପାଇଥିବା ଫାର୍ମା କମ୍ପାନୀ ୟୁଏସ୍‌ଭି ପ୍ରା. ଲିମିଟେଡ୍‌ର ଲିନା ତିୱାରୀ(୪୩) ପ୍ରାୟ ୩.୨୮ ଲକ୍ଷ କୋଟି ଟଙ୍କା ସହ ତୃତୀୟ ଧନୀ ମହିଳା ହୋଇଛନ୍ତି। ବାଇଜୁସ୍ ପ୍ରତିଷ୍ଠାତା ଦିବ୍ୟା ଗୋକୁଳନାଥ ୪୭ତମ ର୍‍ୟାଙ୍କ୍ ପାଇଛନ୍ତି। ତାଙ୍କ ମୋଟ ସମ୍ପତ୍ତି ୩.୦୨ ଲକ୍ଷ କୋଟି ରହିଛି। ଡିଜିଟାଲ ଶିକ୍ଷାଦାନର ଚାହିଦା ବଢ଼ିବାରୁ ତାଙ୍କ ସମ୍ପତ୍ତି ପ୍ରାୟ ୭,୪୭୭ କୋଟି ଟଙ୍କା ବୃଦ୍ଧି ପାଇଛି। ବାୟୋକନ୍‌ର କିରଣ ମଜୁମଦାର ଶ'(୬୮) ଫୋର୍ବସ ତାଲିକାର ୫୩ତମ ସ୍ଥାନରେ ଥିବାବେଳେ ୫ମ ଧନୀ ମହିଳା ଭାବେ ସେ ପ୍ରାୟ ୨.୯୧ ଲକ୍ଷ କୋଟି ଟଙ୍କାର ଅଧିକାରୀ। ଟ୍ରାକ୍ଟର ଏବଂ କୃଷି ଉପକରଣ ନିର୍ମାଣକାରୀ କମ୍ପାନୀ ଅମଲାଗେମେଶନ୍ ଫାମିଲିର ମଲ୍ଲିକା ଶ୍ରୀନିବାସନ୍ ୨.୧୬ ଲକ୍ଷ କୋଟି ଟଙ୍କା ସହ ତାଲିକାର ୭୩ତମ ସ୍ଥାନରେ ରହିଛନ୍ତି। ଧନୀ ମହିଳାଙ୍କ ମଧ୍ୟରେ ସେ ଷଷ୍ଠରେ ରହିଛନ୍ତି।

## ଶାସନରେ ମୋଦିଙ୍କ ୨୦ ବର୍ଷ

**ନୂଆଦିଲ୍ଲୀ, ୭।୧୦(ପି.ଟି.)**

### ୩୫ ଅକ୍ସିଜେନ୍ ପ୍ଲାଣ୍ଟ ଲୋକାର୍ପିତ



ଗୁଜରାଟ ମୁଖ୍ୟମନ୍ତ୍ରୀ ଏବଂ ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଗୁରୁବାର ୨୦ ବର୍ଷ ପୂରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ସେ ୧୩ ବର୍ଷ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ। ଭାଜପା ନେତୃବୃନ୍ଦ ତାଙ୍କ ନେତୃତ୍ୱର ପ୍ରଶଂସା କରିବା ସହ ସୁଶାସନ ଓ ବିକାଶ ପାଇଁ ତାଙ୍କୁ ଶ୍ରେୟ ଦେଇଛନ୍ତି। ୨୦୦୧ରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମେ ଶପଥ ନେବା ଦିନଠାରୁ ସୁଶାସନ ଓ ବିକାଶର ଯାତ୍ରା ଆରମ୍ଭ ହୋଇଥିଲା ଯାହା ନିରବଚ୍ଛିନ୍ନ ଭାବେ ଆଗେଇ ଚାଲିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ମୋଦିଙ୍କ ଘନିଷ୍ଠ ସହଯୋଗୀ ଅମିତ୍ ଶାହା କହିଛନ୍ତି। ମୋଦି ଭାରତକୁ ସମୃଦ୍ଧି ପଥରେ ଆଗେଇନେବା ସହ ବିଶ୍ୱ ଗୁରୁ ହୋଇପାରିଛନ୍ତି ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି।

ଏହି ଅବସରରେ ମୋଦି ପିଏମ୍ କେୟାର୍ସ ପାଣ୍ଠିରେ ନିର୍ମିତ ୩୫ଟି ପ୍ରେସର ସୁଇଙ୍ଗ୍ ଆଡସର୍ପଶନ (ପିଏସ୍ଏ) ଅକ୍ସିଜେନ୍ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଉତ୍ତରାଖଣ୍ଡର ଋଷିକେଶସ୍ଥିତ ଏମ୍ସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, କରୋନା ମହାମାରୀର ମୁକାବିଲା ପାଇଁ ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଯଥେଷ୍ଟ ବିକାଶ ହୋଇଛି। ୩,୦୦୦ ପରୀକ୍ଷା ଲାବ୍ ସାଙ୍ଗକୁ ଦେଶରେ ଟିକା, ମାସ୍କ ଓ ସୁରକ୍ଷା କିଟ୍ ଉତ୍ପାଦନ ହେଉଛି।

## ଭୂକମ୍ପରେ ଥରିଲା ବେଲୁଚିସ୍ତାନ

### ୨୨ ମୃତ, ୩୦୦ ଆହତ

**କରାଚି, ୭।୧୦**



ଭୂମିକମ୍ପରେ ଭାଙ୍ଗିଯାଇଥିବା ଘର।

ପାକିସ୍ତାନର ଦକ୍ଷିଣ-ପଶ୍ଚିମ ରାଜ୍ୟ ବେଲୁଚିସ୍ତାନରେ ଗୁରୁବାର ବଡ଼ ଧରଣର ଭୂମିକମ୍ପ ହୋଇଛି। ଏଥିରେ ଅନ୍ୟୂନ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୬ ଶିଶୁ ରହିଛନ୍ତି। ଅନେକେ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି ବୋଲି ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି।

ସକାଳ ପ୍ରାୟ ସାଢ଼େ ୩ଟାରେ ବେଲୁଚିସ୍ତାନରେ ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ଇସ୍‌ଲାମାବାଦ୍‌ରେ ଥିବା ଜାତୀୟ ଭୂମିକମ୍ପ ନିରୀକ୍ଷଣ କେନ୍ଦ୍ର ମୁତାବକ, ହର୍ନାଇ ଭୂକମ୍ପର କେନ୍ଦ୍ରସ୍ଥଳ ଥିବାବେଳେ ଏହାର ଗଭୀରତା ପ୍ରାୟ ୧୫ କିଲୋମିଟର ଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୯ ରହିଥିଲା। ଭୂକମ୍ପ ଯୋଗୁ ବେଲୁଚିସ୍ତାନର କ୍ୱେଟା, ସିବି, ହର୍ନାଇ, ପିଶିନ୍, କ୍ୱିଲା ସୈଫୁଲ୍ଲା, ଚମନ୍, ଜିଆରତ୍ ଏବଂ ଜୋବ୍ ଅଞ୍ଚଳ ପ୍ରଭାବିତ ହୋଇଛି। ଅନେକ ଘର ଭାଙ୍ଗିରୁଜି ଯାଇଛି। ହର୍ନାଇ ଜିଲାର ଉତ୍ତର-ପୂର୍ବାଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଶତାଧିକ ମାଟିଘର ଭାଙ୍ଗିଯାଇଥିବାରୁ ଅନେକେ ବାସହରା ହୋଇପଡ଼ିଛନ୍ତି। ଇଣ୍ଡିଆନ ଏବଂ ୟୁରୋସିଆନ୍(ୟୁରୋପ ଓ ଏସିଆ) ଟେକ୍ଟୋନିକ୍ ପ୍ଲେଟ୍ ମଧ୍ୟରେ ପାକିସ୍ତାନ ରହିଛି। ହିମାଳୟ ଫ୍ରଣ୍ଟରୁ ୨୦୦ କିମି ଉତ୍ତରରେ ଇଣ୍ଡସ୍-ସାଙ୍ଗ୍‌ପୋ ସୁଚର୍ ଜୋନ୍‌ରେ ମଧ ପାକିସ୍ତାନ ରହୁଥିବାରୁ ସେଠାରେ ଭୂମିକମ୍ପ ହେବା ଆଶଙ୍କା ଅଧିକ। ୨୦୧୩ ସେପ୍ଟେମ୍ବରରେ ବେଲୁଚିସ୍ତାନରେ ଭୂମିକମ୍ପ ଯୋଗୁ ୮୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ୨୦୦୫ ଅକ୍ଟୋବରରେ ପାକିସ୍ତାନରେ ବିଶାଳ ଭୂମିକମ୍ପ ୭୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଥିଲା।

ଧରିତ୍ରୀ
DHARITRI
ଶୁକ୍ରବାର, ୮ ଅକ୍ଟୋବର, ୨୦୨୧

## ଅନୁଗୋଳରୁ ଦିନକରେ ୩ ସୁସ୍ଥ

**ଅନୁଗୋଳ ଅଫିସ:** ଦୀର୍ଘଦିନ ପରେ ଗୁରୁବାର ଅନୁଗୋଳ ଜିଲାରୁ ଜଣେ ବି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। କରୋନା ଦ୍ୱିତୀୟ ଲହରରେ ଜିଲାର ବିଭିନ୍ନ ସ୍ଥାନରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିଲା। ଏବେ ସ୍ଥିତି ନିୟନ୍ତ୍ରଣକୁ ଆସୁଛି। ସେହିପରି ଦିନରେ ଜିଲାରୁ ୩ ଜଣ ସୁସ୍ଥ ହୋଇଥିବାର ଜିଲାପାଳ ସିଦ୍ଧାର୍ଥଙ୍କ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।



### ସଂକ୍ଷେପରେ

## ଆଉଟ୍‌ସୋର୍ସିଂ ଜରିଆରେ ନିଯୁକ୍ତିକୁ ବିରୋଧ

**ଅନୁଗୋଳ ଅଫିସ, ୭।୧୦:** ଆଉଟସୋର୍ସିଂ ଜରିଆରେ ନିଯୁକ୍ତିକୁ ତୀବ୍ର ବିରୋଧ କରିଛନ୍ତି ଆବାସ ଯୋଜନାରେ କାର୍ଯ୍ୟରତ କର୍ମଚାରୀ। ଗୁରୁବାର ଅନୁଗୋଳ ଜିଲାରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବଭଳି ୟୁଏନ୍‌ଡିପି ସଂସ୍ଥାକୁ ଦାୟିତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ରରେ କର୍ମଚାରୀମାନେ ଦର୍ଶାଇଛନ୍ତି, ଗ୍ରାମୀଣ ଆବାସ ଯୋଜନାକୁ ଲୋକାଭିମୁଖୀ କରିବା ଓ ହିତାଧିକାରୀଙ୍କ ନିକଟରେ ଏହା କିଭଳି ପହଞ୍ଚିପାରିବ ସେଥିପାଇଁ ୟୁଏନଡିପି ମାଧ୍ୟମରେ ସରକାର ବ୍ଲକ ଓ ଜିଲାସ୍ତରରେ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ଦେଇଥିଲେ। ଏଥିପାଇଁ ହୋଇଥିବା ଚୁକ୍ତିପତ୍ର ଅବଧି ଅକ୍ଟୋବର ୩୧ ପର୍ଯ୍ୟନ୍ତ ରହିଛି। ତେଣୁ ଏହା ପରଠାରୁ କର୍ମଚାରୀଙ୍କୁ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ଦେବାକୁ ସରକାରଙ୍କୁ ନିଷ୍ପତ୍ତି ନେଇଥିବାରୁ ଏହାକୁ ବିରୋଧ କରିଛନ୍ତି ଜିଲାର ୨୦ରୁ ଅଧିକ କର୍ମଚାରୀ। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ ବୈଠକ

**କଣିହାଁ,୭।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ଭାଜପାର ଏକ ବୈଠକ ଜିଲା ଉପସଭାପତି ନୃସିଂହ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୩ଟି ମଣ୍ଡଳ ସଭାପତି, ପ୍ରଭାରୀ, ସାଧାରଣ ସମ୍ପାଦକ ଏଥିରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜିଲା ମିଡିଆସେଲ୍ ଅଧ୍ୟକ୍ଷ ତଥା କଣିହାଁ ମଣ୍ଡଳ ପ୍ରଭାରୀ ପର୍ଶୁରାମ ବାରିକ, ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, କୃଷକମୋର୍ଚ୍ଚା ଉପସଭାପତି ସୁଶାନ୍ତ ସାମଲ, ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ, ପ୍ରହ୍ଲାଦ ସାମଲ, ରେଙ୍ଗାଳି ମଣ୍ଡଳ ପ୍ରଭାରୀ ସୁବୋଧ ପାଣି, ଜିଲା ସମ୍ପାଦକ ସବ୍ୟସାଚୀ ପାଣି ପ୍ରମୁଖ ଯୋଗ ଦେଇଥିଲେ।

## ଭାରୋତ୍ତୋଳନରେ ରୌପ୍ୟ



**ଛେଣ୍ଡିପଦା,୭।୧୦(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ପଞ୍ଚାୟତ କେରେଜାଙ୍ଗ ଗ୍ରାମର ଚକ୍ରଧର ପ୍ରଧାନ ସମ୍ବଲପୁରଠାରେ ଭାରୋତ୍ତୋଳନରେ କୃତକାର୍ଯ୍ୟ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ସମ୍ବଲପୁରଠାରେ ପାୱାର ଲିଫ୍ଟିଂ ପକ୍ଷରୁ ଚମ୍ପିଅନସିପ ୨୦୨୧ ଅନୁଷ୍ଠିତ ହୋଇଥିଲା। ଛେଣ୍ଡିପଦାଠାରେ ଥିବା ଶକ୍ତି ଜିମରୁ ଚକ୍ରଧର ମନୋନୀତ ହୋଇଥିଲେ। ଚକ୍ରଧର କୃତକାର୍ଯ୍ୟ ହୋଇ ଓଡ଼ିଶାରୁ ୩ୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି।

## ବାଲ୍ୟ ବିବାହ ରୋକିବ ପ୍ରତିରୋଧ ମଞ୍ଚ

ବାଲେଶ୍ୱର ଅଫିସ, ୭।୧୦-ବାଲେଶ୍ୱର ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ, ଆକ୍ସନଏଡ଼ ଓ ୟୁନିସେଫ ଓଡ଼ିଶାର ମିଳିତ ଉଦ୍ୟମରେ ଗୁରୁବାର ଜିଲାର ୧୫ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଞ୍ଚଳରେ ବାଲ୍ୟବିବାହକୁ ନାଁ କହିଥିବା, ବାଲ୍ୟବିବାହରୁ ଉଦ୍ଧାର ପାଇଥିବା ଓ ଏହି ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ କିଶୋର ଓ କିଶୋରୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲାରୁ ବାଲ୍ୟବିବାହକୁ ଜିଲାରୁ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ପ୍ରତିରୋଧ ମଞ୍ଚ ଗଠନ କରାଯାଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ବାଲ୍ୟ ବିବାହ ରୋକିବା ନିମନ୍ତେ କିଶୋରୀକିଶୋରଙ୍କ ଭୂମିକା ଓ ଜନସଚେତନତା ସୃଷ୍ଟି ଦିଗରେ ସେମାନଙ୍କର ଦାୟିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ କର୍ମଶାଳାକୁ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ବନ୍ଧରେ କିଶୋରୀମାନଙ୍କ ସହିତ ଆଲୋଚନା କରିଥିଲେ। ଚାଇଲ୍ଡଲାଇନ କେନ୍ଦ୍ର ମୁଖ୍ୟ ପ୍ରଶାନ୍ତ ରାଉତ ଏବଂ ଆକ୍ସନଏଡ ଯୁନିସେଫ ଜିଲା ସଂଯୋଜକ ପ୍ରିୟବ୍ରତ ଶତପଥୀ ପ୍ରମୁଖ ଉପସ୍ଥିତ ରହି କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ।

# ହାତୀ କରୁଛନ୍ତି ହିନସ୍ତା

- ୮ ଏକର ଜମିର ଫସଲ ନଷ୍ଟ
- ତୀବ୍ର ହେଉଛି ଚାଷୀ ଅସନ୍ତୋଷ



ହାତୀପଲ ଚାଷଜମିରେ ପଶି ଦଳିଦେଇଛନ୍ତି।

**ଢେଙ୍କାନାଳ ଅଫିସ, ୭।୧୦**

ଧାନଗଛ ବଢ଼ିବା ସମୟରେ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ହାତୀ ଉପଦ୍ରବ। ବିଶେଷ କରି ହିନ୍ଦୋଳ, କପିଳାସ ରେଞ୍ଜ୍‌ରେ ଦଳବଦ୍ଧ ହାତୀ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଝାଳବୁହା ପରିଶ୍ରମରେ କରିଥିବା ଫସଲର ସୁରକ୍ଷା ଲାଗି ଚାଷୀ ଜୀବନକୁ ବାଜି ଲଗାଉଥିବାବେଳେ ଉପଦ୍ରୁତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ସଦର ଥାନା କପିଳାସ ରେଞ୍ଜ୍ ବେଲଟିକିରି ଗ୍ରାମରେ ଗୁରୁବାର ସକାଳେ ଏକ ପଲରେ ୭ ହାତୀ ଚାଷଜମିରେ ପଶି ୭ରୁ ୮ ଏକର ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଫଳରେ ବର୍ଷକର ପରିଶ୍ରମ ପାଣିରେ ପଡ଼ିଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ହାତୀ ଉପଦ୍ରବ ସମ୍ପର୍କରେ ରେଞ୍ଜ ଅଧିକାରୀଙ୍କୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ କେହି ଆସି ନ ଥିଲେ ବୋଲି ଚାଷୀ ବଳଭଦ୍ର ସାମଲ ଅଭିଯୋଗ କରିଛନ୍ତି। ବନ ବିଭାଗର ଅସହଯୋଗ ପାଇଁ ଚାଷୀ ଫସଲ କ୍ଷତି ସହୁଥିବାବେଳେ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ କପିଳାସ ରେଞ୍ଜର ଗୌତମ ପ୍ରଧାନ କୁହନ୍ତି, ସୂଚନା ମିଳିବା ପରେ ଗୁରୁବାର କର୍ମଚାରୀମାନେ ଅଞ୍ଚଳରେ ଥିଲେ। କ୍ଷୟକ୍ଷତି ସମ୍ପର୍କରେ ଲିଖିତ ଅଭିଯୋଗ ପାଇବା ପରେ ଏହାକୁ ଅନୁକମ୍ପା ଆପ୍‌ରେ ଅପଲୋଡ୍ କରାଯାଇଛି। ଶୁକ୍ରବାର ଚାଷଜମି ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରାଯିବ। ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ସେ କହିଛନ୍ତି।

# ତପୋବନରେ ହେଉ ଭିକ୍ଷାମଣ୍ଡପ

**ଢେଙ୍କାନାଳ ଅଫିସ, ୭।୧୦**

ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଗୁରୁବାର ଅପରାହ୍ଣରେ ସଦର ବ୍ଲକ କାଦୁଆ ଗ୍ରାମ ନିକଟସ୍ଥ ତପୋବନ ଆଶ୍ରମ ପରିଦର୍ଶନ କରିଛନ୍ତି। ଜିଲାପାଳଙ୍କ ସହ ଏସ୍‌ପି କେ. ଶିବା ସୁବ୍ରମଣି, ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ତପୋବନରେ ଏକ ଭିକ୍ଷା ମଣ୍ଡପ ନିର୍ମାଣ କରିବାକୁ ସାଧୁମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ମହିମା ଧର୍ମର ସ୍ୱତନ୍ତ୍ର ପୀଠ ତପୋବନରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଆଶ୍ରମକୁ ସବୁଦିନିଆ ରାସ୍ତା, ଜଳ ସଂରକ୍ଷଣ ଲାଗି ଚେକ୍ ଡ୍ୟାମ, ସୌର ଆଲୋକ, ପାନୀୟ ଜଳ ବ୍ୟବସ୍ଥା ସହ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ପଦକ୍ଷେପ ନେବାକୁ ବାବା ରଘୁନାଥ ଦାସ, ବାବା ସୁଶାନ୍ତ ଦାସ, ବାବା ଅଭୟ ଦାସ, ବାବା କରୁଣାକର ଦାସ, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଜିଲା ସକ୍ରିୟ ନାଗରିକ ପରିଷଦ ଉପସଭାପତି ଅଖିଳ ମହାପାତ୍ର, କୋଷାଧ୍ୟକ୍ଷ ମହେନ୍ଦ୍ର ସାହୁ ଦାବି କରିଥିଲେ। ଏହି ଅବସରରେ କାଦୁଆରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ସହ ରାସ୍ତାର ଉନ୍ନତୀକରଣ ଲାଗି ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଜିଲାପାଳ ସାଧୁସନ୍ନ୍ୟାସୀଙ୍କଠାରୁ ସମସ୍ୟା ପଚାରି ବୁଝୁଛନ୍ତି।

## ଚଢ଼ିଗଲା ୧୪ ଚକିଆ ଟ୍ରକ୍ ବାଇକ୍ ଆରୋହୀ ମୃତ

**ଭୁବନ, ୭।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ନୀଳମାଧବ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ରାତି ୭ଟା ୪୫ରେ ଏକ ୧୪ ଚକିଆ ଟ୍ରକ୍ ମାଡ଼ିଯିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାମାକ୍ଷାନଗର ବ୍ଲକ ଗଡ଼ସନ୍ତରୀ ଅଞ୍ଚଳର ସରୋଜ ପ୍ରଧାନ (୨୩)। ଭୁବନ ଏନ୍‌ଏସି ୧ନମ୍ବର ୱାର୍ଡ ଲତାବିଲର ଜିତୁ ବେହେରା (୨୨)ଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ୧୪ ଚକିଆ ଟ୍ରକ୍ (ଓଡ଼ି ୦୪ କେ ୭୨୯୪) ଯାଜପୁରରୁ କାମାକ୍ଷାନଗର ଆଡ଼କୁ ଆସୁଥିଲା। ଏହି ସମୟରେ ସରୋଜ ଏବଂ ଜିତୁ ଫିଲିଂ ଷ୍ଟେଶନରୁ ପେଟ୍ରୋଲ ପକାଇ ଆସୁଥିବା ବେଳେ ପଛପଟୁ ଟ୍ରକ୍‌ଟି ଧକ୍କାଦେଇ ଚଢ଼ିଯାଇଥିଲା। ଏଥିରେ ଜିତୁଙ୍କ ଡାହାଣ ପାର୍ଶ୍ୱ କାନ ଛିଣ୍ଡିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସେହିପରି ସରୋଜଙ୍କ ଅଣ୍ଟା ଏବଂ ଗୋଡ଼ ଉପରେ ଗାଡ଼ିଟି ଚଢ଼ିଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଭୁବନ ଡାକ୍ତରଖାନାକୁ ଆଣିଥିଲେ। ତେବେ ଆମ୍ବୁଲାନ୍ସ ନ ଥିବାରୁ ତାଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇପାରିଲା ନାହିଁ। ଦୁଇ ଘଣ୍ଟା ପରେ ସୁକିନ୍ଦାରୁ ଆମ୍ବୁଲାନ୍ସ ଆସିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସରୋଜଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୁକନ୍ୟା ସମୃଦ୍ଧି ମେଳା



ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

**ଢେଙ୍କାନାଳ ଅଫିସ, ୭।୧୦**

ଜାତୀୟ ଡାକ ସପ୍ତାହ-୨୦୨୧ ଉପଲକ୍ଷେ ଢେଙ୍କାନାଳ ଡାକମଣ୍ଡଳ ପକ୍ଷରୁ ୫ ତାରିଖଠାରୁ ଆରମ୍ଭ ହୋଇଛି ସୁକନ୍ୟା ସମୃଦ୍ଧି ମେଳା ଓ ଶୋଭାଯାତ୍ରା। 'ବେଟି ପଢ଼ାଓ, ବେଟି ବଚାଓ' ଅଭିଯାନର ଅଂଶବିଶେଷ ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୦ରୁ ୧୦ ବର୍ଷର ସମସ୍ତ କନ୍ୟା ସନ୍ତାନଙ୍କ ନାମରେ ଡାକଘରେ ଜମାଖାତା ଖୋଲିବାକୁ ଲୋକଙ୍କୁ ସଚେତନ କରାଯାଉଛି। ଅନୁଗୋଳ ଜିଲାର ବନ୍ତଳା, କୁମୁରିସିଙ୍ଗା, ପାଟଲା, ବାଉଁଶପୋଖରୀ, ତୁରଙ୍ଗ, କାଙ୍ଗୁଲା, ପୁରୁଣାକୋଟ, ଢେଙ୍କାନାଳ ଜିଲାର ଇନ୍ଦିପୁର, ସପ୍ତଶଯ୍ୟା ମହିଷାପାଟ, ବାବନ୍ଧ, କରମୂଳ, ବଳରାମପ୍ରସାଦ ଆଦି ସ୍ଥାନରେ ଏ ସମ୍ପର୍କିତ ଜନସଚେତନତା ମେଳା ଆୟୋଜିତ ହୋଇଛି। ଡାକ ଅଧୀକ୍ଷକ ଜଗଦୀଶ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଜିଲା ପ୍ରଶାସନିକ ଅଧିକାରୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

# ବଜରଙ୍ଗ କ୍ଲବକୁ ମିଳିଲା ଆମ୍ବୁଲାନ୍ସ

**ଢେଙ୍କାନାଳ ଅଫିସ, ୭।୧୦**

ଢେଙ୍କାନାଳ ବଜରଙ୍ଗ କ୍ଲବକୁ ଗୁରୁବାର ବ୍ୟବସାୟୀ ସ୍ୱର୍ଗତ ସୁବାସ ଚନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ସ୍ୱର୍ଣ୍ଣମୟୀ ଏକ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ଗତବର୍ଷ ସୁବାସ କରୋନାରେ ଆକ୍ରାନ୍ତ ହୋଇଥିଲେ। ଅକ୍ସିଜେନ୍‌ସ୍ତର କମିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ବଜରଙ୍ଗ କ୍ଲବର ଆଜୀବନ ସଦସ୍ୟ ଥିବା ସୁବାସଙ୍କ ପରଲୋକ ପରେ ଅନୁଷ୍ଠାନ ପକ୍ଷରୁ ନିଃଶୁଳ୍କ ଅକ୍ସିଜେନ୍ ସିଲିଣ୍ଡର ସେବା ଆରମ୍ଭ ହୋଇଥିଲା। ଆମ୍ବୁଲାନ୍ସ ସେବା ମଧ୍ୟ ଯୋଗାଇ ଦିଆଯାଉଥିଲା। ସୁବାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପରିବାର ପକ୍ଷରୁ



ବଜରଙ୍ଗ କ୍ଲବକୁ ଆମ୍ବୁଲାନ୍ସ ପ୍ରଦାନ କରାଯାଉଛି।

ଉକ୍ତ ଆମ୍ବୁଲାନ୍ସ କ୍ଲବକୁ ପ୍ରଦାନ କରାଯାଇଛି। କ୍ଲବ ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, ବରିଷ୍ଠ ସଭ୍ୟ ସୁବ୍ରତ ଦାସ, ପ୍ରିୟରଞ୍ଜନ ଛୋଟରାୟ, ବିଭୁପ୍ରସାଦ ମହାପାତ୍ର, ସ୍ମାରକ ରଞ୍ଜନ ଦାସ, ରବୀନ୍ଦ୍ର ସୋନି, ଦେବାଶିଷ ନାୟକ, ସନ୍ଦୀପ ଷଡ଼ଙ୍ଗୀ, ରୋଜେଶ ପରିଡା, କୃଷ୍ଣଚନ୍ଦ୍ର ନାୟକ, ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଡିକି ଭାଙ୍ଗି ନେଇଗଲେ ୮୦୦୦

**ଗଁଦିଆ, ୭।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ ନାଟିମା ବଜାରରୁ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୮୦୦୦ ଟଙ୍କା ନେଇଯାଇଛନ୍ତି। ୨ ବାଇକ୍ ଆରୋହୀ ଅଭିଯୁକ୍ତଙ୍କ କାରନାମା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଯୋରନ୍ଦା ଫାଣ୍ଡି ଅଧିକାରୀ ପଙ୍କଜ ମାଝି ପହଞ୍ଚି ସମସ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଚିରୁଳେଇ ଗ୍ରାମର ରାହାସ ବିହାରୀ ବେହେରା ସ୍ତ୍ରୀ ସୁନିତାଙ୍କ ସହ ଯୋରନ୍ଦା ଷ୍ଟେଟ୍‌ବ୍ୟାଙ୍କରୁ ୮୬୦୦ ଟଙ୍କା ଉଠାଇଥିଲେ। ନାଟିମା ବଜାରରେ ଥିବା ଏକ ଗାର୍ମେଣ୍ଟ ଦୋକାନକୁ ୬୦୦ ଟଙ୍କା ଧରି ଡ୍ରେସ୍ କିଣିବାକୁ ଯାଇଥିଲେ। ଏହାର ସୁଯୋଗରେ ଅଭିଯୁକ୍ତମାନେ ଗାଡ଼ି ଡିକି ଭାଙ୍ଗି ୮୦୦୦ ଟଙ୍କା, ଆଧାରକାର୍ଡ, ପାସ୍‌ବୁକ୍ ନେଇଯାଇଥିଲେ। ନିକଟରେ ଥିବା ଏକ ଦୋକାନର ସିସିଟିଭିରେ ଚୋରିବେଳର ଦୃଶ୍ୟ ରେକର୍ଡିଂ ହୋଇଛି। ରାହାସବିହାରୀଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ଗତ ୬ମାସ ମଧ୍ୟରେ ଅଞ୍ଚଳରେ ଅନୁରୂପ ୩ ଚୋରି ଘଟଣା ଘଟିଲାଣି। ଏଭଳି ଲୁଟେରାଙ୍କୁ ଧରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଜାର ବଣିକ ସଂଘ ପକ୍ଷରୁ ଦାବି କରାଯାଇଛି।

## ଭୁଜାଲି ଦେଖାଇ ଲୁଟିନେଲେ ଦେଢ଼ଲକ୍ଷ

**ଖଇରା/ସିମୁଳିଆ, ୭।୧୦ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଅନ୍ତରା ଗର୍ସଙ୍ଗ ରାସ୍ତାରେ ଲମ୍ବୋଦର ପଣ୍ଡା ନାମକ ଜନସେବା କେନ୍ଦ୍ର ମାଲିକଙ୍କ ନିକଟରୁ ଭୁଜାଲି ଦେଖାଇ ଦେଢଲକ୍ଷ ଟଙ୍କା ଓ ଲାପ୍‌ଟପ୍ ଲୁଟ୍ କରାଯିବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ଲମ୍ବୋଦରଙ୍କର ରପେୟା ବଜାରରେ ଏକ ଜନସେବା କେନ୍ଦ୍ର ଓ ଏସ୍‌ବିଆଇର ଗ୍ରାହକ ସେବା କେନ୍ଦ୍ର ଅଛି। ବୁଧବାର ରାତି ୮ଟା ବେଳେ ସେ କେନ୍ଦ୍ର ବନ୍ଦ କରିଅନ୍ତରା ବଜାରରେ କାମ ସାରିଅନ୍ତରା-ଗର୍ସଙ୍ଗ ରାସ୍ତାରେ ଘରକୁ ଫେରୁଥିଲେ। ଅଗଣି ନରେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନିକଟରେ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଦ୍ରୁତଗତିରେ ଆସି ତାଙ୍କୁ ଅଟକାଇବା ସମୟରେ ସେ ଗାଡିରୁ ପଡିଯାଇଥିଲେ । ପରେ ତାଙ୍କ ଲାପ୍‌ଟପ୍ ବ୍ୟାଗ ଛଡାଇନେବା ସହ ଡିକି ଭାଙ୍ଗି ପାଖାପାଖି ଦେଢଲକ୍ଷ ଟଙ୍କା, ଲାପ୍‌ଟପ୍ ଓ ଅନେକ କାଗଜପତ୍ର ନେଇ ପଳାଇଥିଲେ । ଲମ୍ବୋଦରଙ୍କୁ ଚିକିତ୍ସା ପାଇଁ ଭଦ୍ରକର ଏକ ଘରୋଇ ଚିକିତ୍ସା କେନ୍ଦ୍ରକୁ ପଠାଯାଇଥିଲା। ପରେ ସେ ସାମାନ୍ୟ ସୁସ୍ଥ ହେବା ପରେ ଗୁରୁବାର ସନ୍ଧ୍ୟାରେ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ନାବାଳିକା ଅପହରଣକୁ ୯ମାସ ବିତିଲା: ଟେର୍ ପାଉନି ପୋଲିସ

**କେନ୍ଦୁଝର, ୭।୧୦ (ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ଘଟଣାକୁ ୯ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଉଦ୍ଧାର କରିପାରି ନାହିଁ। ପୋଲିସ ଅଭିଯୁକ୍ତଙ୍କୁ ଧରି ଝିଅକୁ ଉଦ୍ଧାର କରିବାରେ ବିଳମ୍ବ କରୁଥିବା ନେଇ ନାବାଳିକାଙ୍କ ମା' ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ, ଘଟଣା ଦିନ ଅପହରଣ କରିଥିବା ଅଭିଯୁକ୍ତମାନେ ସନ୍ଧ୍ୟାରେ ଆସି ପରିବାର ଲୋକଙ୍କୁ ବାହାର ପଟୁ କବାଟ ଦେଇ ଝିଅକୁ ଜୋରଜବରଦସ୍ତ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗତ ଜାନୁୟାରୀ ୨୪ରେ ଟାଉନ ଥାନାରେ ଏତଲା ଦେବା ପରେ ମାମଲା (ନଂ.୩୮/୨୧) ରୁଜୁ ହୋଇଛି। ପରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ଓ ପୋଲିସ ଆଇଜିଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଡିଜି ଏଥିପ୍ରତି ଗୁରୁତ୍ୱ ଦେବାକୁ ନାବାଳିକାଙ୍କ ବାପା ନିବେଦନ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ କରୁଥିବା ଥାନା ଏଏସ୍‌ଆଇ କ୍ଷଣପ୍ରଭା ନାୟକଙ୍କୁ ପଚାରିବାରୁ ଅପହୃତା ନାବାଳିକା ଓ ଅପହରଣକାରୀଙ୍କ ସନ୍ଧାନ ମିଳି ନ ଥିବାବେଳେ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ଚିକିତ୍ସାରେ ଅର୍ଥ ବାଧକ



ବିଛଣାରେ ଭଜନା ନାଏକଙ୍କ ସେବା କରୁଛନ୍ତି ତାଙ୍କ ମା'।

**ପାଟଣା, ୭।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମର ଭଜନା ନାଏକ ଏକ ଅଜଣାରୋଗରେ ତିନି ବର୍ଷ ହେବ ବିଛଣାରେ ପଡ଼ିରହିଛନ୍ତି। ଭଜନାଙ୍କୁ ପ୍ରଥମେ ପେଟ ଯନ୍ତ୍ରଣା ତାପରେ ଗୋଡ଼ ହାତ ପଡିଯିବା ପରେ ଏବେ ୬ ମାସ ହେବ ଦୃଷ୍ଟି ଶକ୍ତି ମଧ୍ୟ ସେ ହରାଇ ବସିଛନ୍ତି। ଅସହ୍ୟ ଯନ୍ତ୍ରଣାରେ ଅର୍ଥ ଅଭାବରୁ ଭାଗ୍ୟକୁ ଆଦରି ସେ ଘରେ ପଡି ରହିଛନ୍ତି। ପୂର୍ବରୁ ବାପାଙ୍କୁ ହରାଇଥିବା ଭଜନାଙ୍କ ମା'ଶାନ୍ତିଲତାଙ୍କ ଉପରେ ଘରର ସବୁ ବୋଝ। ଶାନ୍ତି ଗାଁରେ ମଜୁରିଆ କାମ କରି ଯାହା ପାଆନ୍ତି ସେତକରେ ଚୁଲି ଜଳିବା କଷ୍ଟକର ହୋଇପଡୁଥିବା ବେଳେ ପୁଅର ଚିକିତ୍ସା ଖର୍ଚ୍ଚ ବା କେମିତି ଉଠାଇବେ। ଘରର ଭେଣ୍ଡିଆ ପୁଅ ଭଜନା ଯେଉଁ ବୟସରେ ବୃଦ୍ଧା ମା'ର ସାହା ଭରଷା ଆଉ ଆଶା ବାଡ଼ି ସାଜିବା କଥା ସେ ନିଜେ ମା' ଉପରେ ବୋଝ ହୋଇପଡିଛନ୍ତି। ଶାନ୍ତି ଘରେ ଯାହା ଥିଲା ବିକି ଭାଙ୍ଗି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୁଅକୁ ନେଇ ଅନେକ ଡାକ୍ତରଙ୍କୁ ଦେଖାଇଲେଣି ହେଲେ ଲାଭ କିଛି ହେଉନି। ମୂଲ ମଜୁରୀ କରି ଗୁଜୁରାଣ ମେଣ୍ଟାଉଥିବା ଶାନ୍ତିଙ୍କ ପକ୍ଷେ ପୁଅକୁ କଟକ ବଡ଼ ଡାକ୍ତରଖାନା ନେଇ ଦେଖାଇବାକୁ ସମ୍ବଳ ନାହିଁ। ଜିଲା ପ୍ରଶାସନ ଚିକିତ୍ସା କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## ଜାଲ୍ ସାର୍ଟିଫିକେଟରେ ଆଶାକର୍ମୀ ନିଯୁକ୍ତି

**ଜଳେଶ୍ୱର, ୭।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳର ୫ନଂ. ୱାର୍ଡ଼ ନନ୍ଦିକା ଅଞ୍ଚଳର ଜଣେ ଆଶାକର୍ମୀ ସଂଯୁକ୍ତା ସୁର ନିଯୁକ୍ତି ପାଇଥିବା ଦର୍ଶାଯାଇଥିବା ବେଳେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ମହିଳାଜଣକ ମାଟ୍ରିକ ପାସ୍ କରି ନାହାନ୍ତି। କିନ୍ତୁ ସେ ପ୍ରଦାନ କରିଥିବା ମାଟ୍ରିକ ପାସ୍ ସାର୍ଟିଫିକେଟ୍ ଓ ସ୍କୁଲ ଲିଭିଂ ସାର୍ଟିଫିକେଟ ମଧ୍ୟରେ ତାଳମେଳ ରହୁ ନ ଥିବା ଜଣାଯାଇଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ସାର୍ଟିଫିକେଟ ଯାଞ୍ଚ ନ କରି କିପରି ନିଯୁକ୍ତି ଦେଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ନିଯୁକ୍ତି ଅସିଦ୍ଧ ଘୋଷଣା କରିବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଜଗନ୍ନାଥ ଭଞ୍ଜ, ସସ୍ମିତା ଭଞ୍ଜ, ସପନ କୁମାର ପାତ୍ର, ସ୍ମିତା ପାତ୍ର, ତନ୍ମୟ ପାତ୍ର, ମଲ୍ଲିକା ଭଞ୍ଜ, ରୁପାରାଣୀ ସାହୁ, କଳ୍ପନା ସାହୁ ଓ ରେଖାରାଣୀ ସେଠୀ ପ୍ରମୁଖ ଦାବି କରିଛନ୍ତି ।

## ଆଇଆଇଏମ୍‌ସିରେ ପାଠପଢ଼ା ଆରମ୍ଭ

**ଢେଙ୍କାନାଳ ଅଫିସ, ୭।୧୦**

ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସିରେ ୨୦୨୧-୨୨ ଶିକ୍ଷାବର୍ଷ ଲାଗି ଗୁରୁବାରଠାରୁ ଉଭୟ ଇଂଲିଶ ଏବଂ ଓଡ଼ିଆ ସ୍ନାତକୋତ୍ତର ଡିପ୍ଲୋମା ବିଭାଗରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ଆରମ୍ଭ ହୋଇଛି। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଢେଙ୍କାନାଳ, ଆଇଜଲ ଏବଂ କୋଟ୍ଟାୟମ ଆଇଆଇଏମ୍‌ସି ଶାଖା ଇଂଲିଶ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମର ପ୍ରଥମ ସେମିଷ୍ଟର ଢେଙ୍କାନାଳ ଆଇଆଇଏମ୍‌ସି ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଚଳିତବର୍ଷ ସମ୍ପୃକ୍ତ ୩ ଶାଖାରେ ୫୩ ଛାତ୍ରୀଛାତ୍ର ଇଂଲିଶ ସାମ୍ବାଦିକତା ଏବଂ ଢେଙ୍କାନାଳ ଆଇଆଇଏମ୍‌ସି ଓଡ଼ିଆ ସାମ୍ବାଦିକତାରେ ୧୯ ଶିକ୍ଷାର୍ଥୀ ନାମ ଲେଖାଇଛନ୍ତି। ଆଇଜଲସ୍ଥିତ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ରୁଲିଆନା ସାଇଲୋ ଏବଂ କୋଟ୍ଟାୟମର ଆଞ୍ଚଳିକ ନିର୍ଦ୍ଦେଶକ ଅନିଲ କୁମାର ବଡ଼ାବାଥୁର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବା ଲାଗି ଆହ୍ୱାନ ଦେଇଥିଲେ। ସହକାରୀ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର, ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ଆଇଆଇଏମ୍‌ସି ମହାନିର୍ଦ୍ଦେଶକ ପ୍ରଫେସର ସଞ୍ଜୟ ଦ୍ୱିବେଦୀ ସମସ୍ତ ୬ ଶାଖାର ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

# 'ସଫଳତା ଲାଗି ଆତ୍ମବିଶ୍ୱାସ ଲୋଡ଼ା'

**ହରିନାରାୟଣ ମହାନ୍ତି**
**ବନ୍ତ,୭।୧୦**

ରୁଚି ଥିବା ଖେଳକୁ ଛାଡ଼ିବା ଠିକ୍ ନୁହେଁ। ଖେଳରେ ଉତ୍ଥାନ ପତନ ଲାଗି ରହିଥାଏ। ଆତ୍ମବିଶ୍ୱାସ ରଖି ଧୈର୍ଯ୍ୟର ସହ ଆଗକୁ ଗଲେ ଭବିଷ୍ୟତରେ ଜଣେ ଭଲ କ୍ରୀଡ଼ାବିତ୍ ହୋଇପାରିବେ ବୋଲି କହନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ଗ୍ରାମର ଯୁବ କ୍ରୀଡ଼ାବିତ୍ ବିସ୍ମିତ ରଞ୍ଜନ ନାୟକ। ବୟସ ଏବେ ତାଙ୍କୁ ୨୬। ଚଳିତବର୍ଷ ସେ ସମ୍ବଲପୁର ସ୍ଥିତ ସରକାରୀ ଶାରୀରିକ ଶିକ୍ଷା କଲେଜରୁ ୨ ବର୍ଷ ତାଲିମ ନେଇ ଫେରିଛନ୍ତି। ପିଲାଟି ବେଳୁ ଖେଳ ପ୍ରତି ଥିବା ରୁଚି ଆଗାମୀ ଦିନରେ ତାଙ୍କୁ କ୍ରୀଡ଼ା ଶିକ୍ଷକ ହେବାର ସୁଯୋଗ ଆଣି ଦେଇଥିବା ସେ କହିଛନ୍ତି।

ବାପା ସ୍ୱର୍ଗତ ଭରତ କୁମାର ନାୟକ ଅନୁଗୁଳ ଜିଲା କଣିହାଁ ସ୍ଥିତ ଏନ୍‌ଟିପିସିରେ ଚାକିରି କରିଥିଲେ। ୨୦୧୭ରେ ତାଙ୍କର ଦେହାନ୍ତ ହୋଇଗଲା। ମା' ମନୋରମା ମହାନ୍ତି ବନ୍ତ ବ୍ଲକ ଟିଲୋ ଗଡ଼ଚଣ୍ଡି ମଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ବିସ୍ମିତ କଣିହାଁସ୍ଥିତ ଚିନ୍ମୟ ବିଦ୍ୟାଳୟରେ ହାଇସ୍କୁଲ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ୨୦୦୮-୦୯ରେ ୧୪ବର୍ଷରୁ କମ୍ ବର୍ଗର ପିଲାଙ୍କ ପାଇଁ ମଧ୍ୟପ୍ରଦେଶ ରାଜ୍ୟର ସାଗରଠାରେ ଆୟୋଜିତ ସ୍କୁଲ ଗେମ୍ ଫେଡେରେଶନ ଅଫ୍ ଇଣ୍ଡିଆ ପ୍ରତିଯୋଗିତାରେ



ସେ ଖୋଖୋ ଖେଳରେ ଭାଗ ନେଇଥିଲେ। ୨୦୦୯ରେ ତାମିଲନାଡୁର କୋଏମ୍ବାଟୁରଠାରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ଚିନ୍ମୟ ଖେଲ୍ ମେଲା ପ୍ରତିଯୋଗିତାରେ ଡିସ୍କସ୍ ଥ୍ରୋରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୦୯-୧୦ରେ ଝାରସୁଗୁଡ଼ାଠାରେ ରାଜ୍ୟ ସ୍ତରୀୟ ଫୁଟ୍‌ବଲ ଓ କେନ୍ଦ୍ରାପଡ଼ାର ଆଳିଠାରେ ଆଥ୍‌ଲେଟିକ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅନୁଗୁଳ ସରକାରୀ ଜୁନିୟର କଲେଜରେ ଯୁକ୍ତ ୨ ପଢ଼ିବା ସମୟରେ ସେ ଆଥ୍‌ଲେଟିକ୍ ମିଟ୍‌ରେ ଭାଗ ନେଇ ଚାମ୍ପିୟନ ହୋଇଥିଲେ। ୨୦୧୭ରେ ସେ ଭଦ୍ରକ ଜିଲା ଧାମନଗର କଲେଜରୁ ଯୁକ୍ତ ୩ ବିଜ୍ଞାନ ପାସ୍ କରିଥିଲେ। ୨୦୨୦ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୫ବର୍ଷରୁ କମ୍ ବର୍ଗର ପିଲାଙ୍କ ପାଇଁ ଆୟୋଜିତ ଇଷ୍ଟ ଜୋନ୍ କ୍ରିକେଟରେ ଭାଗ ନେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ଟିମ୍ ରନର୍ସଅପ୍ ହୋଇଥିଲା। ଏହାବ୍ୟତୀତ ସେ ବିଭିନ୍ନ କ୍ରିକେଟ କ୍ଲବ ତରଫରୁ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ଅନୁଗୁଳ, ସମ୍ବଲପୁର ଆଦି ଜିଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଆଗାମୀ ଦିନରେ ସେ ପିଲାମାନଙ୍କୁ ଉପଯୁକ୍ତ ଶାରୀରିକ ଶିକ୍ଷା ପ୍ରଦାନ କରି ଭଲ କ୍ରୀଡ଼ାବିତ୍ ଗଠନ କରିବେ ବୋଲି ବିସ୍ମିତ କହିଛନ୍ତି।

**ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ୮୦ ସଦସ୍ୟ**

# ମାନେକା, ବରୁଣ ବାଦ୍ ପଡ଼ିଲେ

**କେନ୍ଦ୍ରରେ କ୍ଷମତାସୀନ ଭାଜପା ପକ୍ଷରୁ ଗୁରୁବାର ଦଳର ଗୁରୁତ୍ୱପୂର୍ଣ୍ଣ ବିଚାରକ ମଣ୍ଡଳୀ ବା ଜାତୀୟ କାର୍ଯ୍ୟକାରୀ କମିଟିରେ ୮୦ ଜଣଙ୍କୁ ସାମିଲ କରାଯାଇଛି। କିନ୍ତୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଓ ତାଙ୍କ ପୁଅ ତଥା ପିଲିଭିତ୍ ଏମ୍‌ପି ବରୁଣ ଗାନ୍ଧୀଙ୍କୁ ନୂଆ ଟିମ୍‌ରୁ ବାଦ୍ ଦେଇଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଜଡ଼ିତ ଥିବା ଉତ୍ତର ପ୍ରଦେଶର ଲଖିମପୁର ହିଂସାକାଣ୍ଡକୁ ବରୁଣ ଖୋଲାଖୋଲି ନିନ୍ଦା କରିଥିବାରୁ ମା’ପୁଅଙ୍କୁ ଏହି କମିଟିରୁ ବିଦା କରାଯାଇଥିବା ଚର୍ଚ୍ଚା ହେଉଛି।**

## ଲଖିମପୁର ଖେରି ହିଂସାକୁ ନିନ୍ଦା କରିଥିଲେ ପିଲିଭିତ୍ ଏମ୍‌ପି

ନୂଆଦିଲ୍ଲୀ,୭।୧୦

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୁରୁବାର ଦଳର ଜାତୀୟ କାର୍ଯ୍ୟକାରୀ କମିଟିର ପୁନର୍ଗଠନ କରିଛନ୍ତି। ଏଥିରେ ୮୦ ସଦସ୍ୟଙ୍କୁ ସାମିଲ କରାଯାଇଛି। ତେବେ ରବିବାର ୟୁପିର ଲଖିମପୁର ଖେରି ହିଂସାକାଣ୍ଡକୁ ନେଇ ଟୁଇଟରରେ ନିନ୍ଦା କରିଥିବା ପିଲିଭିତ୍ ଏମ୍‌ପି ବରୁଣ ଗାନ୍ଧୀଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସେହିପରି ବରୁଣଙ୍କ ମା’ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ମଧ୍ୟ ଜାତୀୟ କାର୍ଯ୍ୟକାରିଣୀରେ ସ୍ଥାନ ଦିଆଯାଇ ନାହିଁ। ୩ ବିବାଦୀୟ କୃଷି ଆଇନକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚୌଧରୀ ବୀରେନ୍ଦ୍ର ସିଂଙ୍କୁ ମଧ୍ୟ ଦଳର ନୂଆ କମିଟିରୁ ବିଦା କରାଯାଇଛି।

ନଡ୍ଡାଙ୍କ ୮୦ ଜଣିଆ ନୂଆ ଟିମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ପୂର୍ବରୁ ଅଣଦେଖା କରାଯାଇଥିବା ଲାଲକୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀଙ୍କ ଭଳି ନେତାଙ୍କୁ ସ୍ଥାନ ମିଳିଛି। ଭାଜପା ନ୍ୟାଶନାଲ ଏକ୍‌ଜିକ୍ୟୁଟିଭ୍‌ରେ ସ୍ଥାନ ପାଇଥିବା ୮୦ ନିୟମିତ ସଦସ୍ୟଙ୍କ ମଧ୍ୟରୁ ୩୭ ଜଣ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ। ଭାଜପା ଶାସିତ ରାଜ୍ୟଗୁଡ଼ିକର ମନ୍ତ୍ରୀମାନଙ୍କୁ ମଧ୍ୟ ଏଥିରେ ରଖାଯାଇଛି। ଏହା ବ୍ୟତୀତ ୫୦ ସ୍ୱତନ୍ତ୍ର ନିମନ୍ତ୍ରିତ ଓ ୧୭୯ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରହିଛନ୍ତି। ତେବେ ବରୁଣ ଗାନ୍ଧୀ ଓ ତାଙ୍କ ମା’ ମାନେକା ଗାନ୍ଧୀଙ୍କୁ ଉକ୍ତ କମିଟିରୁ ବାହାର କରିଦିଆଯାଇଛି। ଅକ୍ଟୋବର ୩ରେ ଲଖିମପୁର ଖେରି ହିଂସାକାଣ୍ଡକୁ ନେଇ ସମାଲୋଚନା କରିଥିବା ବରୁଣ ଗୁରୁବାର ପୁଣି ଏକ ଭିଡିଓ ଟୁଇଟ୍ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ନିରୀହ କୃଷକଙ୍କ ରକ୍ତପାତ ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରାଯାଉ।

ଆସନ୍ତା ବର୍ଷ ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ୟୁପି ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଜପା କାର୍ଯ୍ୟକାରୀ କମିଟିରେ ଯୋଗୀ କ୍ୟାବିନେଟର ମନ୍ତ୍ରୀ ସିଦ୍ଧାର୍ଥନାଥ ସିଂ, ପୂର୍ବତନ ଏମ୍‌ପି ବିନୟ କଟିଆର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ କଲ୍ୟାଣ ସିଂଙ୍କ ପୁଅ ରାଜବୀର ସିଂ(ଲୋଧି ସମୁଦାୟ ନେତା)ଙ୍କୁ ମଧ୍ୟ ସାମିଲ କରାଯାଇ ନାହିଁ। ତେବେ ଓବିସି ବର୍ଗର ଲୋଧି ସମୁଦାୟକୁ ସନ୍ତୁଷ୍ଟ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ବି.ଏଲ୍. ସନ୍ତୋଷଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କରାଯାଇଛି। ସେହିପରି ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ୍ ସ୍ୱାମୀଙ୍କୁ ଉକ୍ତ କମିଟିରୁ ବାଦ୍ ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ସାମିଲ କରାଯାଇଛି। ୟୁପିର ଭାଜପା ବିଧାୟକ ରାଜେଶ ଅଗ୍ରୱାଲଙ୍କୁ କୋଷାଧ୍ୟକ୍ଷ ଏବଂ ମଧ୍ୟପ୍ରଦେଶ ଏମ୍‌ପି ସୁଧୀର ଗୁପ୍ତାଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ କରାଯାଇଛି। ଏହାବାଦ ୧୧ ସମ୍ପାଦକ ଓ ୨୩ ଜଣଙ୍କୁ ରାଷ୍ଟ୍ରୀୟ ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ଏଥିରେ ରବିଶଙ୍କର ପ୍ରସାଦ, ହର୍ଷବର୍ଦ୍ଧନ ଓ ପ୍ରକାଶ ଜାଭଡେକରଙ୍କ ଭଳି ପୂର୍ବତନ କେନ୍ଦ୍ରମନ୍ତ୍ରୀମାନଙ୍କୁ ସଦସ୍ୟ ରଖାଯାଇଛି। ନଭେମ୍ବର ୭ରେ ଦିଲ୍ଲୀରେ ପ୍ରଥମ ଜାତୀୟ କାର୍ଯ୍ୟକାରୀ ପରିଷଦ ବୈଠକ ହେବ।



> “ଭିଡିଓରୁ ସବୁକିଛି ସ୍ପଷ୍ଟ ଜଣାପଡୁଛି। ବିକ୍ଷୋଭକାରୀଙ୍କୁ ହତ୍ୟାକରି ନୀରବ କରାଯାଇପାରିବ ନାହିଁ। ନିରୀହ ଲୋକଙ୍କ ରକ୍ତପାତ ପାଇଁ ଦାୟୀ ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯିବା ଆବଶ୍ୟକ। ପ୍ରତ୍ୟେକ କୃଷକ କ୍ରୋଧିତ ହେବା ପୂର୍ବରୁ ସେମାନଙ୍କୁ ନ୍ୟାୟ ମିଳିବା ଜରୁରୀ।
> –ବରୁଣ ଗାନ୍ଧୀ, ପିଲିଭିତ୍ ଏମ୍‌ପି



ପଞ୍ଜାବର କଂଗ୍ରେସ ନେତା ନବଜୋତ୍ ସିଂ ସିଦ୍ଧୁ ଉତ୍ତର ପ୍ରଦେଶର ହିଂସା ପ୍ରଭାବିତ ଲଖିମପୁର ଖେରି ଅଭିମୁଖେ ଶୋଭାଯାତ୍ରା କରୁଛନ୍ତି।

# କାର୍ଯ୍ୟକାରିଣୀରେ ଓଡ଼ିଶାରୁ ୧୦ ଜଣ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ଭାଜପାର ନୂଆ କାର୍ଯ୍ୟକାରୀ କମିଟିରେ ଓଡିଶାରୁ ୧୦ ଜଣଙ୍କୁ ସ୍ଥାନ ମିଳିଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ନିଜ ପୂର୍ବ ସ୍ଥାନ ବଜାୟ ରଖିଛନ୍ତି। ଏମାନଙ୍କ ସହ ନୂଆ କେନ୍ଦ୍ରମନ୍ତ୍ରୀ ଭାବେ ଅଶ୍ୱିନୀ ବୈଷ୍ଣବ, ବସନ୍ତ ପଣ୍ଡାଙ୍କ ନାମ ଯୋଡି ହୋଇଛି। ସେହିପରି କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ପୁନର୍ବାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ କରାଯାଇଛି। ରାଷ୍ଟ୍ରୀୟ ମୁଖପାତ୍ର ଭାବେ ସମ୍ବିତ ପାତ୍ର ଏବଂ ଅପରାଜିତା ଷଡଙ୍ଗୀ ରହିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଏବଂ ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି କାର୍ଯ୍ୟକାରୀ କମିଟିରେ ସ୍ଥାନ ପାଇଛନ୍ତି। ଏହି ନେତାମାନେ ଭାଜପା ଦ୍ୱାରା ପ୍ରକାଶିତ ଜାତୀୟ କାର୍ଯ୍ୟକାରୀ ସଦସ୍ୟ ତାଲିକାରେ ରହିଛନ୍ତି।

# ଲଖିମପୁର ଖେରି ହିଂସା: ୨ ଗିରଫ

ଲକ୍ଷ୍ନୌ,୭।୧୦

ଲଖିମପୁର ଖେରି ହିଂସା ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ଉତ୍ତର ପ୍ରଦେଶ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ



ଆଶିଷ ମିଶ୍ରା

### ମନ୍ତ୍ରୀଙ୍କ ପୁଅଙ୍କୁ ସମନ

ମିଶ୍ରା ଓରଫ ଟେନିଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ସମନ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଲବ୍ କୁଶ ଏବଂ ଆଶିଷ ପାଣ୍ଡେ। ପୋଲିସ ଅନ୍ୟ ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆଶିଷ ମିଶ୍ରାଙ୍କୁ ଧରିବା ପାଇଁ ତଲାସି ଚାଲିଛି। କୌଣସି ମୁହୂର୍ତ୍ତରେ ତାଙ୍କୁ ଗିରଫ କରାଯିବ। ଏନେଇ ମୋଟ ୧୩ ଜଣଙ୍କ ବିରୋଧରେ ମାମଲା ଦାଏର ହୋଇଛି ବୋଲି ଲକ୍ଷ୍ନୌ ରେଞ୍ଜ ପୋଲିସ ଆଇଜି ଲକ୍ଷ୍ମୀ ସିଂ କହିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ଆଲ୍ଲାହାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରଦୀପ କୁମାର ଶ୍ରୀବାସ୍ତବଙ୍କୁ ଏହି ସମ୍ବେଦନଶୀଳ ଘଟଣାର ନ୍ୟାୟିକ ତଦନ୍ତ ଦାୟିତ୍ୱ ଦେଇଛନ୍ତି।



ଭବାନୀପୁର ଉପନିର୍ବାଚନରେ ବିଜୟୀ ହୋଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଗୁରୁବାର ବିଧାନସଭାରେ ବିଧାୟିକା ଭାବେ ଶପଥ ପାଠ କରାଉଛନ୍ତି ରାଜ୍ୟପାଳ ଜଗଦୀପ ଧନକର।

# ‘ସଭାପତି ପଦ ଚିରସ୍ଥାୟୀ ନୁହେଁ’



ନିରଞ୍ଜନ ପଟ୍ଟନାୟକ



ମହମ୍ମଦ ମୋକିମ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ପିପିଲି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅମାନତ ହରାଇଛନ୍ତି। ଏଥିଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପରିବର୍ତ୍ତନ କରି ନୂଆ ନେତାଙ୍କୁ ଦାୟିତ୍ୱ ମିଳିବା ଦାବିରେ ଦଳୀୟ କର୍ମୀମାନେ କଂଗ୍ରେସ ଭବନ ପରିସରରେ ବିକ୍ଷୋଭ କରିଥିଲେ। ଏହି ଘଟଣାରେ ଗୁରୁବାର ପିସିସି ସଭାପତି ମୁହଁ ଖୋଲିଛନ୍ତି। ନିରଞ୍ଜନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ପିସିସି ସଭାପତି ପଦ ବିଜେଡି ଭଳି ଚିରସ୍ଥାୟୀ ନୁହେଁ। ବହୁଦିନ ହେଲା ସଭାପତି ରହିଲିଣି। ଏହି ପଦକୁ ପରିବର୍ତ୍ତନ କରାଯାଇପାରେ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସେ ସଭାପତି ପଦରେ ରହି କାମ କରିବେ ବୋଲି ନିରଞ୍ଜନ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଓଡିଶାର ଯେଉଁସବୁ ସ୍ଥାନରେ ଉପନିର୍ବାଚନ ସରିଛି ସବୁଠି କଂଗ୍ରେସ ନେତୃତ୍ୱ ବିଫଳତାର ମୁହଁ ଦେଖିଛି। ସବୁ ନିର୍ବାଚନ ଫଳାଫଳକୁ ଦେଖିଲେ ଦଳର ସଙ୍ଗଠନ ଦୁର୍ବଳ ଅବସ୍ଥାକୁ ଚାଲିଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ କଂଗ୍ରେସ ରାଜ୍ୟରେ ମାତ୍ର ୯ଟି ଆସନରେ ବିଜୟୀ ହୋଇଥିଲା। ନିରଞ୍ଜନଙ୍କ ନେତୃତ୍ୱ କାଳରେ ଦଳର ସ୍ଥିତି ଖରାପ ଆଡ଼କୁ ଚାଲିଯାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ନିରଞ୍ଜନ ଦାୟିତ୍ୱ

### ଦଳରେ ସବୁ ଭଲ, ନେତୃତ୍ୱ ଠିକ୍ ହେବା ଦରକାର: ମୋକିମ

ନେବା ପୂର୍ବରୁ ଦଳର ବହୁ ଆଗ ଧାଡିର ନେତା ପିସିସି ପରିବର୍ତ୍ତନ ଲାଗି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନଙ୍କ ବିରୋଧରେ ଲଗାତାର ଦିଲ୍ଲୀ ଯାଇ ଜାତୀୟ ନେତାମାନଙ୍କ ନିକଟରେ ଫେରାଦ ହେଉଥିଲେ। ନିରଞ୍ଜନଙ୍କୁ ଦାୟିତ୍ୱ ମିଳିଲେ କଂଗ୍ରେସ ରାଜ୍ୟରେ ଭଲ ପ୍ରଦର୍ଶନ କରିବାର ଯୁକ୍ତି ରଖୁଥିଲେ। ସେମାନଙ୍କ ମଧ୍ୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ସାମିଲ ଥିଲେ। ହେଲେ ନିକଟରେ ନିରଞ୍ଜନଙ୍କ ନେତୃତ୍ୱକୁ ନେଇ ତାରା ମଧ୍ୟ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶ୍ନ ଉଠାଇଥିଲେ। ତେବେ ନିକଟରେ ପିସିସି ସଭାପତି ପରିବର୍ତ୍ତନ ହୋଇପାରନ୍ତି ବୋଲି ଦିଲ୍ଲୀର ଏକ ବିଶେଷ ସୂତ୍ରରୁ ଜଣାପଡିଛି। ଅନ୍ୟପଟେ ମହମ୍ମଦ ମୋକିମଙ୍କ ନାଁକୁ ନେଇ ଚର୍ଚ୍ଚା ଜୋର୍ ଧରୁଛି। ଏପଟେ ମୋକିମ କହିଛନ୍ତି, ଦଳର ଭବିଷ୍ୟତ ଭଲ ଅଛି, କଂଗ୍ରେସକୁ ଲୋକମାନେ ଭଲ ପାଆନ୍ତି ସେହି ଅନୁଯାୟୀ ଦଳର ନେତୃତ୍ୱ ଠିକ୍ ହେବା ଦରକାର। ପିପିଲି ଉପନିର୍ବାଚନରେ ଦଳର ପ୍ରସ୍ତୁତି ଓ ରଣନୀତି କିଛି ନ ଥିଲା। ଯିଏ ନେତୃତ୍ୱ ନେଉଛନ୍ତି ଏହାର ପ୍ରସ୍ତୁତ ତାଙ୍କ ଦାୟିତ୍ୱ ଥିଲା ବୋଲି କହିଛନ୍ତି। ମୋକିମ ପରୋକ୍ଷରେ ସଭାପତି ପରିବର୍ତ୍ତନ ନେଇ ମତ ରଖିଥିବା କୁହାଯାଉଛି।

# ଭାଜପାରୁ ଟିଏମ୍‌ସିକୁ ଫେରିଲେ ସବ୍ୟସାଚୀ ଦତ୍ତା

କୋଲକାତା,୭।୧୦

ପଶ୍ଚିମବଙ୍ଗରେ ଗତ ବିଧାନସଭା ନିର୍ବାଚନବେଳେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଅନେକ ନେତା ବଡ଼ ପଦବୀ ପାଇବା ଆଶାରେ ଭାଜପାକୁ ଡେଇଁଥିଲେ। ଏବେ ସେମାନେ ଜଣ ଜଣ କରି ପୁରୁଣା ଦଳକୁ ବାହୁଡ଼ିବାରେ ଲାଗିଛନ୍ତି। ଏହି କ୍ରମରେ ଗୁରୁବାର ଭାଜପା ନେତା ସବ୍ୟସାଚୀ ଦତ୍ତା ଟିଏମ୍‌ସିକୁ ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କ୍ୟାବିନେଟ ମନ୍ତ୍ରୀ ଫିରହାଦ ହାକିମ ଓ ପାର୍ଥ ଚାଟାର୍ଜୀ କୋଲକାତାରେ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ପାର୍ଥ ପ୍ରାୟ ଦୁଇବର୍ଷ ତଳେ ଭାଜପାରେ ମିଶିଥିଲେ।



ବିଧାନନଗର ନିର୍ବାଚନମଣ୍ଡଳୀରୁ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ହାରିଯାଇଥିଲେ। ଘରବାହୁଡ଼ାର ଦିନକ ପୂର୍ବରୁ ସେ ଭାଜପା ଶାସିତ ୟୁପିର ଲଖିମପୁର ଖେରି ହିଂସାକୁ ବର୍ବର ବୋଲି ସମାଲୋଚନା କରିଥିଲେ।

# ଟିପିସିଓଡିଏଲ୍ ବିରୋଧରେ କଂଗ୍ରେସର ଧାରଣା

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ଟିପିସିଓଡିଏଲ୍ ବିରୋଧରେ ଭୁବନେଶ୍ୱର କଂଗ୍ରେସ କମିଟି ପକ୍ଷରୁ ବକେୟା ବିଦ୍ୟୁତ ଦେୟକୁ ନେଇ ଗୁରୁବାର ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୁରୁବାର ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ଆହ୍ୱାନ କ୍ରମେ ଏହି ଗଣ ଆନ୍ଦୋଳନ ସ୍ଥାନୀୟ ଫୁଲନଖରା ଛକ ନିକଟସ୍ଥ ସବଡିଭିଜନ କାର୍ଯ୍ୟାଳୟ ନିକଟରେ ଧାରଣା ଦିଆଯାଇଥିଲା। ଭୁବନେଶ୍ୱର ଜିଲା ୩ନଂ ଜୋନର ସଭାପତି ବ୍ରହ୍ମାନନ୍ଦ ସାହୁ ଓ ୨ନଂ ଜୋନର ସଭାପତି ଅଶୋକ ଦାସ ଏହି ଧାରଣା ନେତୃତ୍ୱ ନେଇଥିଲେ। କରୋନା ମହାମାରୀ ସମୟରେ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ଦେଢ଼ ବର୍ଷ ଆଦାୟ ହୋଇ ନ ଥିବା ବିଦ୍ୟୁତ ଦେୟକୁ ଟିପିସିଓଡିଏଲ ଜୋର ଜବରଦସ୍ତ ଆଦାୟ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଏଥିସହ ଟାଟା କମ୍ପାନୀ ପୁରୁଣା ମିଟର ବଦଳରେ କମ୍ପାନୀର ନୂଆ ମିଟର ଲଗେଇବାକୁ ବିରୋଧ କରାଯାଇଛି। ଟାଟା କମ୍ପାନୀ ଆଉ ରାଜ୍ୟ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଓଡ଼ିଶାବାସୀ ଶୋଷିତ ହେଉଛନ୍ତି। ତାକୁ ଆଉ ବରଦାସ୍ତ କରାଯିବନାହିଁ। ଟାଟା କମ୍ପାନୀର ମନମୁଖୀ କାର୍ଯ୍ୟକ୍ରମ ବିରୋଧରେ ଗଳି କନ୍ଦିରେ କଂଗ୍ରେସ କର୍ମୀ ଲଢ଼େଇ କରିବେ। ଏହାକୁ ନେଇ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଟିପିସିଓଡିଏଲ ମୁଖ୍ୟଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପିସିସି ଉପସଭାପତି ଶିବାନନ୍ଦ ରାୟ, କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ପୂର୍ବତନ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଆତ୍ମାରାମ ପତି ପ୍ରମୁଖ ଯୋଗଦେଇଥିଲେ।

# କୃଷକଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଶ୍ରମିକ ସଂଗଠନର ବିକ୍ଷୋଭ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖେରିଠାରେ ଆନ୍ଦୋଳନରତ କୃଷକଙ୍କ ଉପରକୁ ଗାଡ଼ି ଚଢାଇବା ଘଟଣା ଏବଂ କେନ୍ଦ୍ର ସରକାରଙ୍କ ମୁଦ୍ରିକରଣ ନୀତିକୁ ଏଥିନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପ୍ରତିବାଦ କରିଛନ୍ତି। ଗୁରୁବାର ମାଷ୍ଟରକ୍ୟାଣ୍ଟିନଠାରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି ଓ ସେୱା ପ୍ରମୁଖ ଯୋଗଦେଇଥିଲେ। ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ମହେନ୍ଦ୍ର ପରିଡା କହିଛନ୍ତି, ମୋଦୀ ସରକାର କୃଷକ-ଶ୍ରମିକ ଦମନ ନୀତି ବନ୍ଦ କରନ୍ତୁ। ଉତ୍ତର ପ୍ରଦେଶର ଲଖିମ୍‌ପୁରରେ କୃଷକଙ୍କୁ ହତ୍ୟା କାରାଯିବା ଏକ ନିନ୍ଦନୀୟ ଘଟଣା। ସେହିପରି କେନ୍ଦ୍ର ସରକାର ଦେଶର ସମ୍ପତ୍ତିକୁ ମୁଦ୍ରିକରଣ ନୀତି ମାଧ୍ୟମରେ ପୁଞ୍ଜିପତିଙ୍କୁ ବିକିଦେଉଛନ୍ତି। ଏହିଭଳି ଦେଶର କରଦାତାଙ୍କ ଅର୍ଥରୁ ନିର୍ମିତ ସମ୍ପତ୍ତିକୁ ପୁଞ୍ଜିପତିଙ୍କ ହାତକୁ ଟେକିଦେବା ଲଜ୍ୟାଜନକ। ଲଖିମ୍‌ପୁର କୃଷକଙ୍କ ଉପରକୁ ଗାଡ଼ି ଚଢାଇବା ଘଟଣାରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଏବଂ ମୁଦ୍ରୀକରଣ ନୀତିକୁ ରଦ୍ଦ କରିବାକୁ ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ବିକ୍ଷୋଭରେ ଆଇଏନ୍‌ଟିୟୁସିର କିଶୋର ଜେନା ଓ ଶ୍ୟାମ ସୁନ୍ଦର ମହାପାତ୍ର, ଏଆଇଟିୟୁସିର ନେତା ରାମକୃଷ୍ଣ ପଣ୍ଡା, ସିଆଇଟିୟୁର ନେତା ରମେଶ ଜେନା ଓ ପୂର୍ଣ୍ଣ ପାଢ଼ୀ, ଏଆଇୟୁଟିୟୁସିର ନେତା ପୂର୍ଣ୍ଣଚନ୍ଦ୍ର ବେହେରା, ଏଆଇସିସିଟିୟୁର ନେତା ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା, ଟିୟୁସିସିର ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସେୱାର ନେତ୍ରୀ ପରିଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।




ଲଖିମପୁର ଖେରିରେ ଆନ୍ଦୋଳନରତ କୃଷକଙ୍କ ଉପରକୁ ଗାଡ଼ି ଚଢ଼ାଇବା ଘଟଣାର ପ୍ରତିବାଦରେ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଜୟ ସହ ପଞ୍ଜାବର ଅଭିଯାନ ଶେଷ

ଦୁବାଇ,୭।୧୦

ପ୍ଲେ- ଅଫ୍ ଖେଳିବା ପୂର୍ବରୁ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସକୁ ଜବରଦସ୍ତ ଝଟକା ଲାଗିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସ ଅତି ସହଜରେ ୭ ଓଭର ବାକି ଥାଇ ୬ ଉଇକେଟରେ ଚେନ୍ନାଇକୁ ହରାଇଛି। ଉଭୟ ଦଳ ପାଇଁ ଏହି ମୁକାବିଲା ଅନ୍ତିମ ଲିଗ୍ ମ୍ୟାଚ୍ ଥିଲା। ଏଥିସହ ଚେନ୍ନାଇ କ୍ରମାଗତ ତୃତୀୟ ପରାଜୟ ବରଣ କରିଛି। ୧୪ ମ୍ୟାଚ ଖେଳି ଚେନ୍ନାଇ ୯ ବିଜୟ ଓ ୫ ପରାଜୟ ସହ ୧୮ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ପଞ୍ଜାବ କିଙ୍ଗ୍ସ ସବୁ ୧୪ ମ୍ୟାଚ ଖେଳି ୬ ବିଜୟ, ୮ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି। ପୂର୍ବରୁ ପଞ୍ଜାବ ପ୍ଲେ- ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିଲା। ତେଣୁ ଏହି ବିଜୟ ପଞ୍ଜାବ ପାଇଁ ସେତେଟା ଗୁରୁତ୍ୱ ବହନ କରୁନାହିଁ। ତେବେ ବିଜୟ ସହ ପଞ୍ଜାବ ଚଳିତ ଆଇପିଏଲ୍‌ରେ ଅଭିଯାନ ଶେଷ କରିଛି।

ଟସ୍ ଜିତି ପଞ୍ଜାବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୬ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ଅଧିନାୟକ ରାହୁଲଙ୍କ ବିସ୍ଫୋରକ ଇନିଂସ ବଳରେ ୧୩ ଓଭରରେ ୪ ଉଇକେଟ ହରାଇ ୧୩୯ ରନକରି ବିଜୟୀ ହୋଇଥିଲା।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

ମାତ୍ର ୪୨ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୮ ଛକା ସହ ୯୮ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିବାରୁ ରାହୁଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୩୫ ରନ ଟାର୍ଗେଟର ପିଛା କରି ରାହୁଲ ଏକା ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ୧୨, ଶାହରୁଖ ଖାଁ ୮, ଏଡେନ ମାରକ୍ରାମ ୧୩ ରନକରି ଆଉଟ ହୋଇଥିବା ବେଳେ ମୋଇସେସ ହେନେରିକ୍ସ ୩ ରନକରି ଅପରାଜିତ ରହିଥିଲେ। ସର୍ଫରାଜ ଖାଁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ବୋଲିଂରେ ଚେନ୍ନାଇ ତରଫରୁ ଶାର୍ଦ୍ଦୁଳ ଠାକୁର ୩ ଓ ଦୀପକ ଚହର ଗୋଟିଏ ଉଇକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଧିମା ଆରମ୍ଭ କରିଥିଲା। ଫାଫ୍ ଡୁପ୍ଲେସି ୭୬ ରନ (୫୫ ବଲ, ୮ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ଇନ୍‌ଫର୍ମ ଯୁବ ଓପନର ଋତୁରାଜ ଗାଏକ୍ୱାଡ ୧୨, ରବିନ ଉଥାପ୍ପା ୨, ଅମ୍ବାତି ରାୟୁଡୁ ୪, ଧୋନୀ ୧୨ ରନକରି ଆଉଟ ହୋଇଥିବା ବେଳେ ମୋଇନ ଅଲି ଖାତା ଖୋଲିପାରି ନ ଥିଲେ। ରବୀନ୍ଦ୍ର ଜାଡେଜା ୧୫ ଓ ଡ୍ୱେନ ବ୍ରାଭୋ ୪ ରନକରି ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ଓ କ୍ରିସ୍ ଜୋର୍ଡାନ ୨ଟି ଲେଖାଏ, ମହମ୍ମଦ ସାମି ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୩୪/୬ (ଡୁପ୍ଲେସି- ୭୬, ଜାଡେଜା- ୧୫*, ଅର୍ଶଦୀପ ୨/୩୫, ଜୋର୍ଡାନ- ୨/୨୦)। ପଞ୍ଜାବ କିଙ୍ଗ୍ସ ୧୩ ଓଭରରେ ୧୩୯/୪ (ରାହୁଲ- ୯୮*, ଠାକୁର- ୩/୨୮)।

## ଟି୨୦ ବିଶ୍ୱକପ୍‌ରୁ 'ବ୍ୟାଟ୍ସମ୍ୟାନ' ପରିବର୍ତ୍ତେ 'ବ୍ୟାଟର'

**ଦୁବାଇ, ୭।୧୦ (ପି.ଟି.):** ଚଳିତ ମାସରେ ହେବାକୁଥିବା ପୁରୁଷ ଟି୨୦ ବିଶ୍ୱକପ୍‌ରୁ 'ବ୍ୟାଟ୍ସମ୍ୟାନ' ପରିବର୍ତ୍ତେ ଲିଙ୍ଗ ନିରପେକ୍ଷ ଶବ୍ଦ 'ବ୍ୟାଟର' ବ୍ୟବହାର କରାଯିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଗୁରୁବାର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଖେଳରେ ଏହା ଏକ ବୈପ୍ଲବିକ ପରିବର୍ତ୍ତନ ବୋଲି ଆଇସିସି କହିଛି। ମେରଲିବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ଗତ ମାସରେ କ୍ରିକେଟ ଆଇନରେ ସଂଶୋଧନ କରିଛି। 'ବ୍ୟାଟ୍ସମ୍ୟାନ' ସ୍ଥାନରେ 'ବ୍ୟାଟର' ଶବ୍ଦ ସ୍ଥାନିତ କରାଯାଇଛି। ଏହି ପରିବର୍ତ୍ତନ ବର୍ତ୍ତମାନ ସମସ୍ତ ଆଇସିସି ଇଭେଣ୍ଟଗୁଡ଼ିକରେ ଦେଖିବାକୁ ମିଳିବ। ଆଇସିସି କହିଛି ବିଭିନ୍ନ ଚ୍ୟାନେଲ ଗତ ୪ ବର୍ଷ ହେଲା କମେଣ୍ଟ୍ରି ବେଳେ 'ବ୍ୟାଟ୍ସମ୍ୟାନ' ବଦଳରେ 'ବ୍ୟାଟର' ଶବ୍ଦ ବ୍ୟବହାର କରି ଆସୁଛନ୍ତି। ଏଥର ଏହାର ଔପଚାରିକ ବ୍ୟବହାର ହେବ। ଆଇସିସିର କାର୍ଯ୍ୟକାରୀ ଅଧିକାରୀ ଜିଓଫ୍ ଆଲାରଡିସ୍ ଏମ୍‌ସିସିର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

# ବିପ୍ଳବଙ୍କ ଶତକ, ରଶ୍ମିଙ୍କୁ ୭ ଉଇକେଟ

ଭୁବନେଶ୍ୱର, ୭।୧୦(କ୍ରୀଡ଼ା ପ୍ରତିନିଧି)

କଟକର ବିଭିନ୍ନ ପଡ଼ିଆରେ ଓସିଏ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ ଦିନିଆ ମ୍ୟାଚ ଗୁରୁବାର ଶେଷ ହୋଇଛି। ଏଥିରେ ଖୋର୍ଦ୍ଧା, ଓଡ଼ିଶା ଗ୍ରୀନ୍, ଓଡ଼ିଶା ବ୍ଲୁ ବିଜୟୀ ହୋଇଛି। ସେହିପରି ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ କଟକ-ଏକୁ ବିଜେତା ଘୋଷଣା କରାଯାଇଛି। ବିପ୍ଳବ ସାମନ୍ତରାୟ ଶତକ ହାସଲ କରିଥିବାବେଳେ ରଶ୍ମିରଞ୍ଜନ ସାହୁ ୭ ଉଇକେଟ ଅକ୍ତିଆର କରିଛନ୍ତି। ସୁମିତ ମହାରଣା ଓ ଆଦିତ୍ୟ ବାସାଙ୍କୁ ୫ ଉଇକେଟ ଲେଖାଏ ମିଳିଛି।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧା ୨୪ ରନରେ ଇକୋର୍ସାକୁ ପରାସ୍ତ କରିଛି। ବୁଧବାର ପ୍ରଥମ ଦିବସରେ ଖୋର୍ଦ୍ଧା ୯୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ କରିଥିଲା। ଦ୍ୱିତୀୟ ଦିବସରେ ଇକୋର୍ସା ୨୬୨ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କାମେଶ୍ୱର ବାରିକ ୭୬ ରନକରି ଅପରାଜିତ ରହିଥିବାବେଳେ ମଳୟ କୁମାର ଜେନା ୩୪ ଓ ଅଧିନାୟକ ଲଗ୍ନଜିତ ସାମଲ ୨୫ ରନ କରିଥିଲେ। ଖୋର୍ଦ୍ଧାର ସୁମିତ ମହାରଣା ୫ ଉଇକେଟ ସଫଳତା ପାଇଥିବାବେଳେ ଜ୍ୟୋତିରଞ୍ଜନ ବେହେରାଙ୍କୁ ୩ଟି ଏବଂ ମୃତ୍ୟୁଞ୍ଜୟ ମାନସିଂଙ୍କୁ ୨ଟି ଉଇକେଟ ମିଳିଥିଲା। ନିମପୁର ପଡ଼ିଆରେ





ବିପ୍ଳବ ସାମନ୍ତରାୟ ଓ ରଶ୍ମିରଞ୍ଜନ ସାହୁ।

**କଳାହାଣ୍ଡି କପ୍ କ୍ରିକେଟ ସୁପରଲିଗ୍**

ଆୟୋଜିତ ମ୍ୟାଚରେ ଓଡ଼ିଶା ଗ୍ରୀନ୍ ୭୨ ରନରେ ସୁନ୍ଦରଗଡ଼କୁ ହରାଇ ଦେଇଛି। ପ୍ରଥମ ଦିବସରେ ଓଡ଼ିଶା ଗ୍ରୀନ୍ ୨୪୩ ରନରେ ଅଲ୍‌ଆଉଟ ହୋଇଥିବାବେଳେ ସୁନ୍ଦରଗଡ଼ ଦ୍ୱିତୀୟ ଦିବସରେ ୧୭୧ ରନରେ ସମସ୍ତ ଉଇକେଟ ହରାଇଥିଲା। ଅଙ୍କିତ କୁମାର ମୁଣ୍ଡା ସର୍ବାଧିକ ୫୫ ରନ କରିଥିଲେ। ବିଜୟୀ ଦଳର ରଶ୍ମି ରଞ୍ଜନ ସାହୁ ୫୩ ରନ ବିନିମୟରେ ୭ ଉଇକେଟ ଅକ୍ତିଆର କରିଥିଲେ।

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ବ୍ଲୁ ୨୧୦ ରନରେ ଓଡ଼ିଶା ୟେଲୋକୁ ହରାଇ ଦେଇଛି। ଓଡ଼ିଶା ବ୍ଲୁ ୯୦ ଓଭରରେ ୯ ଉଇକେଟ ହରାଇ ୪୩୫ ରନ କରିଥିବାବେଳେ ଓଡ଼ିଶା ୟେଲୋ ୨୨୫ ରନରେ ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ରାକେଶ ଗୋଚ୍ଛାୟତ ୭୯ ରନ ସ୍କୋର କରିଥିଲେ। ବିଜୟୀ ଦଳର ବସନ୍ତ ମହାନ୍ତିଙ୍କୁ ସର୍ବାଧିକ ୪ଟି ଉଇକେଟ ମିଳିଥିଲା। ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ କଟକ-ଏ ଓ ଓଡ଼ିଶା ଭାଓଲେଟ ମ୍ୟାଚ ଡ୍ର ରହିଛି। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ କଟକ-ଏ ବିଜୟୀ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ଭାଓଲେଟ ୨୦୯ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଦ୍ୱିତୀୟ ଦିବସ ଶେଷ ବେଳକୁ କଟକ-ଏ ୯୦ ଓଭରରେ ୯ ଉଇକେଟ ହରାଇ ୨୩୮ ରନ କରିଥିଲା। କଟକ-ଏ'ର ବିପ୍ଳବ ସାମନ୍ତରାୟ (୧୧୫ ରନ) ଶତକ ହାସଲ କରିଥିଲେ ଏବଂ ରାମଚନ୍ଦ୍ର ବେହେରା ୫୩ ରନ କରିଥିଲେ। ଓଡ଼ିଶା ଭାଓଲେଟର ଆଦିତ୍ୟ ବାସା ୫ ଉଇକେଟ ସଫଳତା ପାଇଥିଲେ।

# ପ୍ଲେ-ଅଫ୍ ଦ୍ୱାରରେ ନାଇଟ ରାଇଡର୍ସ

ଶାରଜା, ୭।୧୦

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଗୁରୁବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୮୬ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। କୋଲକାତା ୨୦ ଓଭରରେ ୪ ଉଇକେଟ ହରାଇ ୧୭୧ ରନ କରିଥିଲା। ରାଜସ୍ଥାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୧ ଓଭରରେ ୮୫ ରନରେ ଅଲଆଉଟ ହୋଇ ଯାଇଥିଲା। ରାହୁଲ ଟେୱାଟିଆ ସର୍ବାଧିକ ୪୪ ରନ କରିଥିଲେ। ୮ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଏହି ମ୍ୟାଚ ଜିତିବାଦ୍ୱାରା କୋଲକାତା ୧୪ ମ୍ୟାଚରୁ ୭ମ ବିଜୟ ସହ ୧୪ ପଏଣ୍ଟରେ ପହଞ୍ଚି ପ୍ଲେ-ଅଫ୍ ଖେଳିବା ଦ୍ୱାରରେ ପହଞ୍ଚି ଯାଇଛି। ଦଳର ରନହାର ଭଲ ଅଛି। ଅନ୍ୟତମ ଆଶାୟୀ ତଥା ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ମ୍ୟାଚରେ ଯଦି ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଏ ତେବେ ୧୪ ପଏଣ୍ଟରେ ପହଞ୍ଚିବ। ଏ କ୍ଷେତ୍ରରେ କୋଲକାତା ଓ ମୁମ୍ବାଇ ମଧ୍ୟରେ ରନହାର ଦେଖାଯିବ। ମୁମ୍ବାଇ ରନହାର -୦.୦୪୮ ଥିବାରୁ ନିଜର ଶେଷ ଲିଗ୍ ମ୍ୟାଚକୁ ୧୭୧ରେ ଜିତିବାକୁ ପଡ଼ିବ। ଯାହାକି ଅତ୍ୟନ୍ତ କଷ୍ଟସାଧ୍ୟ ମନେହୁଏ। ଅନ୍ୟପକ୍ଷରେ ୧୪ ମ୍ୟାଚରୁ ୧୦ ପଏଣ୍ଟ ସହ ରାଜସ୍ଥାନ ରୟାଲ୍ସର ଅଭିଯାନ ଶେଷ ହୋଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଶୁବମନ ଗିଲ୍ ଓ ଭେଙ୍କଟେଶ ଆୟାରଙ୍କ ଓପନିଂ ଯୋଡ଼ିରେ ୬୫ ବଲ୍‌ରୁ ୭୯ ରନ ସଂଗ୍ରହ କରି ଦୃଢ଼ ଭିତ୍ତି ପକାଇଥିଲା। ଆୟାର ୩୫ ବଲ୍‌ରୁ ୨ ଚୌକା ଓ ୨ ଛକା ସହାୟତାରେ ୩୮ ରନ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ନୀତୀଶ ରାଣା ୧୨ ରନ କରି ଆଉଟ ହୋଇଥିଲେ ହେଁ ଶୁବମନ ଅର୍ଦ୍ଧଶତକ ହାସଲ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ସେ ୪୪ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୫୬ ରନ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନାଇଟ ରାଇଡର୍ସ ୨୦ ଓଭରରେ ୧୭୧/୪ (ଗିଲ୍-୫୬, ଆୟାର-୩୮, ରାହୁଲ ତ୍ରିପାଠୀ-୨୧, କ୍ରିସ୍ ମୋରିସ-୧/୨୮, ଚେତନ ସାକାରିଆ-୧/୨୩, ରାହୁଲ ଟେୱାଟିଆ-୧/୧୧, ଗ୍ଲେନ ଫିଲିପ୍ସ-୧/୧୭)। ରାଜସ୍ଥାନ ରୟାଲ୍ସ ୧୬.୧ ଓଭରରେ ୮୫/ଅଲଆଉଟ (ରାହୁଲ ଟେୱାଟିଆ-୪୪, ଶିବମ୍ ମାଭି-୪/୨୧, ଲୋକି ଫର୍ଗୁସନ-୩/୧୮, ଶାକିବ ଅଲ୍ ହାସନ-୧/୧, ବରୁଣ ଚକ୍ରବର୍ତ୍ତୀ-୧/୧୪)।

**ଆଜିର ମ୍ୟାଚ**



ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦

ରୟାଲ ଚ୍ୟାଲେଞ୍ଜର୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ଦୁବାଇ
ସମୟ : ରାତି ୭.୩୦

ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୧୦ | ୩ | ୨୦ | +୦.୫୨୬ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୪ | ୯ | ୫ | ୧୮ | +୦.୪୫୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୩ | ୮ | ୫ | ୧୬ | -୦.୧୫୯ |
| ନାଇଟ ରାଇଡର୍ସ | ୧୪ | ୭ | ୭ | ୧୪ | +୦.୫୮୭ |
| ପଞ୍ଜାବ କିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୦୦୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୬ | ୭ | ୧୨ | -୦.୦୪୮ |
| ରାଜସ୍ଥାନ ରୟାଲ୍ସ | ୧୪ | ୫ | ୯ | ୧୦ | -୦.୯୯୩ |
| ସନ୍‌ରାଇଜର୍ସ | ୧୩ | ୩ | ୧୦ | ୬ | -୦.୪୨୨ |

## ମେନନ ଏକମାତ୍ର ଭାରତୀୟ ଅମ୍ପାୟର

**ଦୁବାଇ,୭।୧୦:** ୟୁଏଇ ଓ ଓମାନରେ ଆୟୋଜନ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଗୁରୁବାର ମ୍ୟାଚ୍ ଅଫିସିଆଲଙ୍କ ନାମ ଘୋଷଣା କରିଛି। ରାଉଣ୍ଡ ୱାନ ଓ ସୁପର ୧୨ ପର୍ଯ୍ୟାୟ ପାଇଁ ଘୋଷିତ ତାଲିକାରେ ନୀତିନ ମେନନ ଏକମାତ୍ର ଭାରତୀୟ ଅମ୍ପାୟର ଭାବେ ସ୍ଥାନ ପାଇଛନ୍ତି। ବିଶ୍ୱକପ୍ ପରିଚାଳନା ପାଇଁ ଆଇସିସି ୨୦ ଜଣ ଅଫିସିଆଲଙ୍କୁ ନିଯୁକ୍ତ କରିଛି। ଅକ୍ଟୋବର ୨୪ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଆୟୋଜନ ହେବାକୁ ଥିବା ହାଇପ୍ରୋଫାଇଲ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ଅମ୍ପାୟର ମାରାଇସ୍ ଏରାସମସ ଓ ଇଂଲଣ୍ଡର କ୍ରିସ୍ ଗଫାନି ପରିଚାଳନା କରିବେ।

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି୨୦ ଅଧାରୁ ବାତିଲ

**ଗୋଲ୍ଡକୋଷ୍ଟ, ୭।୧୦ (ପି.ଟି.):** ବର୍ଷା ଯୋଗୁ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ମଧ୍ୟରେ ଚାଲିଥିବା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଅଧାରୁ ବାତିଲ କରିବାକୁ ହୋଇଛି। ଏହି ମ୍ୟାଚ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୫.୨ ଓଭରରେ ୪ ଉଇକେଟ ବିନିମୟରେ ୧୩୧ ରନ କରି ଭଲ ସ୍ଥିତିରେ ରହିଥିବାବେଳେ ବର୍ଷା ହୋଇଥିଲା। ଖେଳ ଜାରି ରହିଥିଲେ ଭାରତ ୧୬୫ ପାଖାପାଖି ରନ ସଂଗ୍ରହ କରିଥାନ୍ତା। ଦଳ ପକ୍ଷରୁ ଜେମିମା ରୋଡ୍ରିଗୁଏଜ୍ ୩୬ ବଲ୍‌ରୁ ଦ୍ରୁତ ୪୯ ରନ ସଂଗ୍ରହ କରିଥିଲେ। ପ୍ରବଳ ବର୍ଷା ଯୋଗୁ ଖେଳକୁ ସ୍ଥଗିତ ରଖିବାକୁ ପଡ଼ିଥିଲା।

**PARADIP PORT TRUST**
**e-TENDER NOTICE**
Name of the work **"Connecting open drains and septic tanks to STPs (Two Nos.)". Estimated Cost : ₹10,02,00,823/-**, Last Date & time of submission of Bid up to : **Dt.25.10.2021 up to 17:00 Hrs.** Refer our website for details : **https://eprocure.gov.in/eprocure/app.**
Executive Engineer E&CM
PPT/PR/115/2021-22, DT.07.10.2021

**OFFICE OF THE EXECUTIVE ENGINEER, BOUDH (R&B) DIVISION, BOUDH**
Mail: eeboudhrb@gmail.com
**INVITATION FOR BIDS (IFB)**
No. 3053 Date: 04.10.21
**Cancellation of Tender Call Notice No. EE BDH-09/2021-22 Dated: 28.09.2021**
No. B-457: The tender invited vide Bid Identification No. EE BDH-09/2021-22 dated 28.09.2021 is hereby cancelled due to technical reasons.
Sd./- Executive Engineer
Boudh (R&B) Division, Boudh
OIPR-34134/11/0007/2122

See Career Appointment on every Wednesday & Saturday

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼**
(ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ)
ବିଜ୍ଞପ୍ତି ସଂଖ୍ୟା: ୨୯୨/୨୧ ତା୦୭।୧୦।୨୧
**ନିରୁଦ୍ଦିଷ୍ଟ ଶିଶୁ କନ୍ୟା ସମ୍ପର୍କରେ ସୂଚନା**



No. g-43: ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଦେବଗଡ଼ଙ୍କ ପତ୍ର ସଂଖ୍ୟା ୫୬୩, ତା୨୯।୦୯।୨୧ ଅନୁଯାୟୀ, ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଗତ ୨୮।୦୯।୨୦୨୧ରେ ଚାଇଲ୍ଡଲାଇନ୍ ଦ୍ୱାରା ରିଆମାଳ, ଦେବଗଡ଼ ବସ୍‌ଷ୍ଟାଣ୍ଡରୁ ଏକ ୧୪ବର୍ଷ ବୟସ୍କ ଶିଶୁକନ୍ୟା ଉଦ୍ଧାର କରାଯାଇଛି। ଶିଶୁ କନ୍ୟାଟି କଥା କହିପାରୁ ନାହିଁ କିମ୍ବା ଲେଖିପଢ଼ି ପାରୁନାହିଁ। ଶିଶୁକନ୍ୟାଟି ବର୍ତ୍ତମାନ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶରେ ଦେବଗଡ଼ସ୍ଥିତ ସପୋର୍ଟ ଶିଶୁ ଗୃହରେ ରହି ଆସୁଅଛି। ଯଦି ଶିଶୁକନ୍ୟାଟିର ପିତା, ମାତା କିମ୍ବା ଆଇନସିଦ୍ଧ କୌଣସି ଦାବିଦାର କିମ୍ବା କୌଣସି ବ୍ୟକ୍ତି ଶିଶୁର ପରିଚୟ ଜାଣିଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼ (ମୋ: ୯୪୩୮୩୪୮୨୯୪) କିମ୍ବା ଶିଶୁ ମଙ୍ଗଳ ସମିତି, ଦେବଗଡ଼ (ଫୋନ୍; ୦୬୬୪୧-୨୨୬୬୪୩)ଙ୍କୁ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ। ଅନ୍ୟଥା କିଶୋର ନ୍ୟାୟ ଅଧିନିୟମ-୨୦୧୫ ଅନୁଯାୟୀ ଶିଶୁଟିର ଥଇଥାନ ପାଇଁ ବ୍ୟବସ୍ଥା କରାଯିବ।
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼
OIPR-33020/11/0001/2122

Annexure-I
**ZILLA SWASTHYA SAMITI, ANGUL**
O/o. CDM & PHO-cum-District Mission Director, Angul
**TENDER CALL NOTICE FOR HIRING OF VEHICLES**
No. 2379 Date: 05.10.2021
No. E-502: Sealed tenders are invited from the Registered Agencies, firms or Individuals of the district or other district for hiring of commercial light Diesel/Petrol vehicles with & without A/C towards engagement for **DPMU, BPMU & RBSK-MHT and Mobile Vision Centre SUNETRA under National Health Mission, Angul** on monthly hiring basis. Details regarding eligibility criteria, terms & conditions and the formats of submission of tender (Technical & Price Bid) may be downloaded from the website i.e. **www.angul.nic.in**. The undersigned reserves the right to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted and the bidders are to periodically visit the above mentioned district webste for time to time information regarding the tender process & progress.
Sd./- CDM & PHO cum District Mission Director, Angul
OIPR-10142/11/0008/2122

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ**
Email: nacchatrapur@rediffmail.com, ଦୂରଭାଷ: ୦୬୮୧୧-୨୬୩୯୭୫
ପତ୍ର ସଂଖ୍ୟା: ୧୬୦୨ ତାରିଖ: ୦୫।୧୦।୨୦୨୧
**QUOTATION CALL NOTICE**
No. C-1079: Sealed quotations are invited from Suppliers/Firms/Contractor for the work "Supply & Fixing of Food Court Structure including all fittings etc complete, NAC, Chatraput" as details (Specification, Material, Type of Model etc.) mentioned in quotation paper as per requirement. The quotation paper can be available from the Office of N.A.C., Chatrapur, Chatrapur from 10.00 A.M. of 05.10.2021 to 1.00 P.M. of 21.10.2021 during office hours with payment of tender paper cost amounting Rs.2000/- by Cash. Interested parties can drop their willingness by quotation paper obtained from N.A.C., Chatrapur office on or before 4.00 P.M. of 21.10.2021 in this office.
The last date & time of selling of quotation paper is 21.10.2021 upto 1.00 P.M., E.M.D. Cost, Contract Licence, Experience Certificate, PAN, GST & TIN etc. in this regard should be produced along wtih quotation paper to this office on or before the last date & time of receipt of quotation paper i.e. 4.00 P.M. of 21.10.2021. The same will be opened at 4.30 P.M. dated 21.10.2021 in the presence of the quotationer or thier authorized representative in the Chamber of the Executive Officer, N.A.C., Chatrapur.
Sd./- Executive Officer, N.A.C., Chatrapur
OIPR-13188/11/0001/2122

GOVERNMENT OF ODISHA No. A-504
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**
At/P.O.- Laxmiposi, Dist.- Mayurbhanj
**Government of Odisha "e" Procurement Notice**
Bid Identification No. 12/21-22 of CEBM, SBB, Laxmiposi

| | | |
|---|---|---|
| i. | Name of Work | Construction of Kutuni Minor from RD 00M to RD 10730M off taking at RD 63705M of JLMC with its all Minors & Sub-Minors including all Structures with Cement Concrete lining. |
| ii. | Estimated Cost | Rs.2703.00 lakh |
| iii. | Period of Completion | 24 (Twenty Four) Calendar Months |
| iv. | Date & time of availability of bid document in the portal | 11.10.2021 at 10.00 A.M. |
| v. | Last date/time for receipt of bid in the portal | 05.11.2021 upto 5.00 P.M. |
| vi. | Name & address of the O.I.T. | Chief Engineer & Basin Manager, O/o. the CE & BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement portal **"https://tendersodisha.gov.in"**.
Sd./- Chief Engineer & Basin Manager
Subarnarekha & Budhabalanga Basin
Laxmiposi, Mayurbhanj
cebmsbb2019@gmail.com
OIPR-32074/11/0012/2122

**GOVERNMENT OF ODISHA** No.A-503
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, DRAINAGE CIRCLE, UNIT-8, BHUBANESWAR-751012**
**e-Procurement Notice No.- SEDC-BBSR-04/2021-22**
e-mail id:- sedrainagebbsr12@gmail.com

| | | |
|---|---|---|
| 1. | Name of works | 1. Improvement to Kusumi nalla from RD 11760 m to 33180m under DIP (New RD 69540m to 48120m as per approved LS) . 2. Improvement to Storm water drainage system of link drains of Debottar nalla and Balangi Drainage channel in Nayagarh town under Nayagarh Constituency. 3. Improvement to Barpa Nalla along with link drains of Kuanria system in Daspalla Constituency. |
| 2. | Total number of Packages | 3 nos. individual packages. |
| 3. | Estimated Cost | **1. Rs.2,62,32,279/- 2. Rs.4,94,03,538/- 3. Rs.1,83,31,601/-** |
| 4. | Bid Identification No. | 1) SEDC-BBSR/DD-KHR-05/2021-22 2) SEDC-BBSR/DD-KHR-06/2021-22. 3) SEDC-BBSR/DD-KHR-07/2021-22 |
| 5. | Period of Completion | 11 (Eleven) Calendar months |
| 6. | Availability of Tender On-Line | **11.10.2021, 14.00 Hours to 01.11.2021, 17.00 Hours.** |
| 7. | Date of opening of Technical Bid | **02.11.2021 at 11.00** hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 8. | Date of opening of Financial Bid | **06.11.2021 at 11.00** hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 9. | Date of Lottery (if Required) | **10.11.2021 at 11.30** hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 10. | Bid Security | Bid Security Declaration |
| 11. | Cost of Tender paper | **Rs.10,000/-** |
| 12. | Procurement Officer | Additional Chief Engineer, Drainage Circle, Unit-8, Bhubaneswar - 751012 |

Further details can be seen from the Govt. web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt. web site www.tendersorissa.gov.in
**Sd./- Additional Chief Engineer, Drainage Circle, Bhubaneswar**
OIPR-32375/11/0001/2122

**OFFICE OF THE DEPUTY DIRECTOR OF TEXTILES, SONEPUR**
At-Thanapatipada, P.O.- Sonepur / Dist.- Subarnapur, PIN - 767017
Email- ddtsnp@gmail.com
**TENDER NOTICE**
(Filling up of Posts through Outsourcing Basis)
**Bid Reference No. 1773 Dated: 05.10.2021**
No. PP-47: Bids in sealed cover are invited under two-bid system from reputed and experienced Manpower Service Provider for providing services of the Technical Personnel for a period of one year for the field offices under Deputy Director of Textiles, Sonepur. The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 08.10.2021 |
| 2 | Bid due date and time | 28.10.2021 by 5.00 P.M. |
| 3 | Opening of Technical Bid | 29.10.2021 at 11.00 A.M. |
| 4 | Opening of Financial Bid | 02.11.2021 at 11.00 A.M. |

Bidders are required to submit the Technical and Financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover super-scribed "Bid for Outsourcing of Weaving Supervisor, Inspector of Textiles & Technical Asst. services" must reach the undersigned on or before 28.10.2021 by **Speed Post/Registered Post only**.
The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website **www.subarnapur.nic.in/www.sadhacodisha.org**.
**Complete Address for submission of Bid**
**The Deputy Director of Textiles,**
**At-Thanapatipada, P.O.- Sonepur, Dist.- Subarnapur - 767017**
Sd./- U.C.Das
Deputy Director of Textiles, Sonepur
OIPR-31016/11/0004/2122

**OFFICE OF THE DEPUTY DIRECTOR OF TEXTILES, BARGARH**
At/P.O./District - Bargarh, PIN - 768028
Email: adt-bargarh@gov.in/ddtbargarh@gmail.com
Letter No. 2845 Dt.07.10.2021
**TENDER NOTICE**
No. PP-48: Sealed tenders are invited from reputed Manpower Agencies/Service Providers to provide the service of 01 (One) No. of Weaving Supervisor, 7 (Seven) No. of Inspector of Textiles & 8 (Eight) Nos. of Technical Assistant for Office of the Deputy Director of Textiles, Bargarh for period of one year on contract basis. The engagement of Manpower Agencies/Service Provider Firm shall be made through two Bid Systems i.e. Technical and Financial Bid separately. The technically qualified Manpower Agencies/Service Providers firm can only participate in the Financial Bid. The undersigned reserves the right to accept or reject any or all applications without assigning any reason(s) thereof. For details please visit website in **www.bargarh.nic.in, www.sambalpuribastralaya.com, www.sadhacodisha.org**.
1. Last date of receipt of sealed bid is on Dt.28.10.2021 upto 5.00 P.M. through Registered/Speed Post only.
2. Date and time of opening of:
 i) Technical Bid - 29.10.2021 at 11.00 A.M.
 ii) Financial Bid - 30.10.2021 at 11.00 A.M.
Sd./- S.K. Nag
Deputy Director of Textiles, Bargarh
OIPR-31032/11/0002/2122

**OFFICE OF THE NOTIFIED AREA COUNCIL, KESINGA**
Email: kesinganac@gmail.com
**PROCLAMATION**
**Notification No. 2859 Date: 06.10.2021**
No. C-1080: It is hereby notified that 116 Nos. of households from 8 slum in N.A.C., Kesinga were found eligible for receiving assistance under PMAY (U). Draft list of the beneficiaries has been affixed in the Office Notice Board of the N.A.C., Kesinga for public scrutiny. A copy of the list has also been hosted in N.A.C., Kesinga website **www.nac-kesinga.in** and **www.kalahandi.nic.in**. Objections or suggestions, if any, are invited from interested persons, within a period of 7 days from the date of publication of this notification i.e. till 13.10.2021. The list of beneficiaries will be finalised taking into conideration objections or suggestions received during the period of proclamation.
Objections or suggestions may be submitted to:
**Executive Officer, N.A.C., Kesinga**
**e-Mail id: kesinganac@gmail.com**
Sd./- Executive Officer
N.A.C., Kesinga
OIPR-13109/11/0016/2122

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**ବଇଣ୍ଡା,୭।୧୦(ଡି.ଏନ୍.ଏ.):** କିଶୋରନଗର ବ୍ଲକ ଇଚ୍ଛାପୁର ଗ୍ରାମରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଦାମୋଦର ମାଝି (୪୭ )ଙ୍କ ମୃତ୍ୟୁ ହୋଇଛି। ଦାମୋଦର ଇଚ୍ଛାପୁର ହାଇସ୍କୁଲ ନିକଟରେ ଠିଆ ହୋଇଥିବା ବେଳେ ହଣ୍ଡପାରୁ କଣ୍ଟେଇକୋଳିଆ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମଦ ଜବତ, ୨ ଗିରଫ

**ବଇଣ୍ଡା, ୭।୧୦ (ଡି.ଏନ୍.ଏ):** ହଣ୍ଡପା ଥାନା ବଇଣ୍ଡା ଛକରେ ଥିବା ମଧୁସୂଦନ ମାଲୁଆଙ୍କ ଦୋକାନରେ ପୋଲିସ ଚଢ଼ାଉ କରି ୧୨ ବୋତଲ ବିଦେଶୀ ଚୋରା ମଦ ଜବତ କରିଛି। ଏଥିସହିତ ତାଙ୍କୁ ଗିରଫ କରିଛି। ସେହିପରି ବଇଣ୍ଡା ଗ୍ରାମର ଦୁଃଶାସନ ସାହୁଙ୍କଠାରୁ ୧୦ ବୋତଲ ବିଦେଶୀ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଚୋରା ମଦ ବିକ୍ରି କରୁଥିବାବେଳେ ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢ଼ାଉ କରିଥିଲେ। ଏ ନେଇ ନଂ ୨୪୪/୨୧ ଓ ୨୪୫/୨୧ ରେ ୨ଟି ମାମଲା ରୁଜୁ କରାଯାଇଛି।

### ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପରଲୋକ


**ଆଠମଲ୍ଲିକ,୭।୧୦(ଡି.ଏନ.ଏ.):** ଆଠମଲ୍ଲିକ ସହର ବାସିନ୍ଦା ତଥା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଅରୁଣ କୁମାର ପ୍ରଧାନ (୭୨)ଙ୍କ ବୁଧବାର ପରଲୋକ ଘଟିଛି। ସେ ଜଣେ ଅତ୍ୟନ୍ତ ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଆଠମଲ୍ଲିକ ସହରରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ତାଙ୍କୁ ସମ୍ମାନ ଜଣାଇ ଆଠମଲ୍ଲିକ ସହର ଗାନ୍ଧୀ ଛକ ମାର୍କେଟକୁ ବ୍ୟବସାୟୀମାନେ ବନ୍ଦ ରଖିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଗଣ୍ଡଗୋଳ, ୫ ଗିରଫ

**କଣିହାଁ,୭।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ପୋଲିସ ମାଛଧରା ଡଙ୍ଗାକୁ ନେଇ ପାରିବାରିକ ଗଣ୍ଡଗୋଳ ଅଭିଯୋଗରେ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଲବ ବୋଡା କହିଛନ୍ତି, ବୁଧବାର କର୍ଣ୍ଣପାଳ ଗ୍ରାମର ଏକ ମତ୍ସ୍ୟଜୀବୀ ପରିବାର ମଧ୍ୟରେ ମାଛଧରା ଡଙ୍ଗାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏ ନେଇ ବିକ୍ରମ ପେଣ୍ଠୋଇଙ୍କ ଅଭିଯୋଗ କ୍ରମେ ନଂ. ୨୧୭/୨୧ରେ ଓ ସହଦେବ ପେଣ୍ଠୋଇଙ୍କ ଅଭିଯୋଗ କ୍ରମେ ନଂ. ୨୧୯/୨୧ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ ଜୟନ୍ତ ପେଣ୍ଠୋଇ, ରତ୍ନା ପେଣ୍ଠୋଇ, ପାଣ୍ଡବ ପେଣ୍ଠୋଇ, ଶରତ ପେଣ୍ଠୋଇ, ସୁମନ୍ତ ପେଣ୍ଠୋଇଙ୍କୁ ଗିରଫ କରାଯାଇଛି।

### ସ୍ୱାସ୍ଥ୍ୟକେନ୍ଦ୍ର ବଗିଚାରେ ବ୍ରହ୍ମକମଳ

**କଣିହାଁ/ ପବିତ୍ରନଗର,୭।୧୦(ଡି.ଏନ୍.ଏ):** କଣିହାଁ ବ୍ଲକ ବୀରୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବଗିଚାରେ ୩ଟି ବ୍ରହ୍ମକମଳ ଫୁଟିଥିବାରୁ ଗୁରୁବାର ସେଠାରେ ଆଧାତ୍ମିକ ପରିବେଶ




ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ନାମ ସଂକୀର୍ତ୍ତନ କରିବା ସହ ୨ଟି ଫୁଲ ନେଇ ମନ୍ଦିରରେ ଦିଅଁ ପୂଜାରେ ଲଗାଇଥିଲେ। ଅନ୍ୟଟି ବଗିଚାରେ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ରଖାଯାଇଛି। ଏ ସମ୍ପର୍କରେ ଡାକ୍ତର ଦିଲୀପ କୁମାର ପ୍ରଧାନ କହିଛନ୍ତି, ମେଡିକାଲକୁ କାୟାକଳ୍ପ ପୁରସ୍କାର ମିଳିଥିବା ବେଳେ ବଗିଚାରେ ବହୁ ପ୍ରକାର ଔଷଧୀୟ ଚାରା ଓ ଏକ ବ୍ରହ୍ମ କମଳ ଲଗାଯାଇଥିଲା। ସେଥିରେ ୩ଟି ଫୁଲ ଫୁଟିବା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭାବାବେଗ ସୃଷ୍ଟି କରିଛି। ଚିକିତ୍ସା କ୍ଷେତ୍ରରେ ଜନସାଧାରଣଙ୍କ ଆଦର ପାଇଥିବାରୁ ଏ ଦିଗରେ ଅଧିକ ସହଯୋଗ ଜାରି ରଖିବି ବୋଲି ଡାକ୍ତର ପ୍ରକାଶ କରିଛନ୍ତି।

### କରୋନା ସଚେତନତା ସଭା

**କଣିହାଁ,୭।୧୦(ଡି.ଏନ୍.ଏ):** କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ଏକ ସରକାରୀ କ୍ୱାର୍ଟର୍ସରେ କରୋନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସିଆଇଡି ଇନ୍ସପେକ୍ଟର ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଏହି ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ବିମଳ କୁମାର ବୋଇତି, ସମ୍ମାନିତ ଅତିଥି ଭାବେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ଡିଏସ୍‌ପି ଏସ.ଏସ. ପାତ୍ର, ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ନାଗ, ଭିଜିଲାନ୍ସ ଏଏସ୍‌ଆଇ ରାନୀ ପ୍ରଧାନ, ଶୁଭଜିତ୍ ବୋଇତି, ଯାଜ୍ଞସେନୀ ସେଠୀ ଓ ବଟକୃଷ୍ଣ ନାଏକ, ପପୁ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ସଚେତନ କରିଥିଲେ।

# ସାଇବର ଅପରାଧରେ ବେନାମୀ ସିମ୍

- ରହୁନି ଗ୍ରାହକଙ୍କ ଠିକଣା, ଫଟୋ
- ଚଢ଼ା ଦରରେ କିଣୁଛନ୍ତି ଅସାମାଜିକ
- ପହଞ୍ଚିପାରୁନି ପୋଲିସ ନେଟୱର୍କ



**ଅନୁଗୋଳ ଅଫିସ, ୭।୧୦**

ଠକେଇ ପାଇଁ ଇଣ୍ଟରନେଟ୍‌କୁ ମାଧ୍ୟମ କରୁଛନ୍ତି ଠକ। କେତେବେଳେ ମୋବାଇଲ ଆପ୍ ତ ଆଉ କେତେବେଳେ ଗିଫ୍ଟ ଲୋଭ ଦେଖାଇ ଲୋକଙ୍କ ଆକାଉଣ୍ଟରୁ ଚଳୁ କରୁଛନ୍ତି ଟଙ୍କା। ଏପରି କି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ଫେକ୍ ଆକାଉଣ୍ଟ ଖୋଲି ମଧ୍ୟ ଧମକାଇ ଅର୍ଥ ଆଦାୟ କରାଯାଉଛି। ସହାୟତା ଲୋଡ଼ିବା ଆଳରେ ଠକେଇ ଚାଲିଛି। କିଛି ଟଙ୍କା ଦେଲେ ମାର୍କେଟ୍‌ରେ ବେନାମୀ ସିମ୍ ମିଳିଯାଉଥିବାରୁ ଏହା ସାଇବର ସହ ବିଭିନ୍ନ ଆପରାଧିକ କାର୍ଯ୍ୟରେ ବହୁଳ ବ୍ୟବହାର ହେଉଥିବା ଅନୁଗୋଳ ଜିଲାରେ ଦେଖିବାକୁ ମିଳୁଛି।

ଅନୁଗୋଳ ଜିଲାରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଅନୁଗୋଳ ଥାନା ସହ ସଦର ଥାନା, ବଅଁରପାଳ, ନାଲ୍‌କୋ, ତାଳଚେର, କୋଲିୟରୀ ଓ ବିକ୍ରମପୁର ଥାନା ଅଞ୍ଚଳରେ ଏପରି ଅପରାଧ ଅଧିକ ଘଟୁଛି। ଅନ୍ୟ ଲୋକଙ୍କ ନାମ ଓ ଠିକଣା ବ୍ୟବହାର କରି ସିମ୍ କିଣାଯାଉଥିବାରୁ ଅପରାଧୀମାନେ ସହଜରେ ପୋଲିସ ହାତରେ ଧରାପଡୁନାହାନ୍ତି। ଏହା ହିଁ ଅପରାଧ ବୃଦ୍ଧିର ଅନ୍ୟତମ କାରଣ ହୋଇଛି। ନିକଟରେ ବିକ୍ରମପୁର ଥାନା ଅଞ୍ଚଳର ସୁବ୍ରତ କୁମାର ମାଝିଙ୍କ ନାମ ଓ ଫଟୋ ଲଗାଇ ସାମାଜିକ ଗଣମାଧ୍ୟମରେ ଫେକ୍ ଆକାଉଣ୍ଟ ଖୋଲାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୧୯/୨୧ରେ ମାମଲା ରୁଜୁ କରି ୨ ଯୁବକଙ୍କୁ ଗିରଫ କରି ଗତ ୨୬ ତାରିଖରେ କୋର୍ଟ ଚାଲାଣ କରିଥିଲା। ଗିରଫ ଦୁଇ ଯୁବକଙ୍କ ମୋବାଇଲ ଦୋକାନ ରହିଛି। ସେମାନେ ବେନାମୀ ସିମ୍ କାର୍ଡ ଆକ୍ଟିଭ କରି ୨ଶହରୁ ୩ଶହ ଟଙ୍କାରେ ବଜାରରେ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି। କେବଳ ଏହି ଦୁଇଜଣ ନୁହନ୍ତି ଅନୁଗୋଳ ଜିଲାର ବିଭିନ୍ନ ବଜାର ଅଞ୍ଚଳରେ ଥିବା କେତେକ ଦୋକାନରେ ଏପରି ବେନାମୀ ସିମ୍ ବ୍ରିକି ଚାଲିଥିବା ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ଅନୁଗୋଳ ଜିଲା ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବେନାମୀ ସିମ୍ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ ନଜର ରଖାଯାଇଛି। ସେମାନଙ୍କୁ କିଭଳି ପ୍ରମାଣ ସହ କାବୁ କରାଯିବ ସେ ନେଇ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରୁଛି।

### ପୋଲିସ କବ୍‌ଜାରେ ୩

ବେଆଇନ୍ ସିମ୍ କାରବାର ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ, ଅନୁଗୋଳ ସହର ରାଜକିଶୋରପଡ଼ାର ରଞ୍ଜନ ସାହୁ, ଦୁଷ୍ମନ୍ତ ସାହୁ, ହାକିମପଡ଼ାର ଦେବାଶିଷ ସାହୁ(୨୮)। ସେମାନଙ୍କ ଠାରୁ ୧୫ଟି ଆକ୍ଟିଭ ସିମକାର୍ଡ ଜବତ କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ପୋଲିସ ସହରର ବିଭିନ୍ନ ସିମ୍ ଦୋକାନ ଉପରେ ନଜର ରଖିଥିଲା। ତେବେ ବସ୍‌ଷ୍ଟାଣ୍ଡରେ ଦୋକାନ କରିଥିବା ରଞ୍ଜନ ସାହୁ ଓ କଲେଜ ଛକର ଦେବାଶିଷ ସାହୁ ବେଆଇନ ଭାବେ ସିମ୍ ବିକ୍ରି କରୁଥିବା ଜାଣିବାକୁ ପାଇବା ପରେ ସାଦା ପୋଷାକରେ ଗ୍ରାହକ ସାଜି ପୋଲିସ ସିମ୍ କିଣିବାକୁ ଯାଇ ୨ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଗୋଟିଏ ଲେଖାଏ ବେନାମୀ ସିମ୍‌କୁ ଏମାନେ ୭୫୦ ଟଙ୍କାରେ ବିକ୍ରି କରୁଥିବା ପୋଲିସ କହିଛି।

### ଅପାରଗତା ହିଁ ଦାୟୀ



"ପୋଲିସର ଅପାରଗତା କାରଣରୁ ବେନାମୀ ସିମ୍ ବ୍ୟବହାର କରି ସାଇବର ଠକେଇ ଓ ଅନ୍ୟ ଅପରାଧ ଘଟାଯାଉଛି। ଅନୁଗୋଳରେ ଏପରି ଘଟଣା ବଢ଼ି ଚାଲିଥିବାରୁ ଜିଲାବାସୀ ଚିନ୍ତାରେ ପଡ଼ିଛନ୍ତି।

**-ଦିବ୍ୟଦର୍ଶୀ ବଳିଆରସିଂହ, ଅନୁଗୋଳ**

### ଢିଲା ବ୍ୟବସ୍ଥାର ପରିଣାମ



"ସମୟ ସହ ପୋଲିସ ବିଭାଗ ସମନ୍ୱୟ ରକ୍ଷା କରି ଆଗେଇପାରୁନାହିଁ ସେଥିପାଇଁ ସାଇବର ଅପରାଧୀମାନଙ୍କ ନିକଟରେ ପୋଲିସ ପହଞ୍ଚିପାରୁ ନାହିଁ। ଏପରି ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଲୋକଙ୍କ ଧନ ଠକଙ୍କ ଆକାଉଣ୍ଟକୁ ଚାଲିଯାଉଛି।

**-ଅଲେଖ ଚନ୍ଦ୍ର ସାହୁ, କ୍ରିମିନାଲ ଓକିଲ**

### ତୁରନ୍ତ ପଦକ୍ଷେପ ନିଆଯାଉ



"ଉପଯୁକ୍ତ ପ୍ରମାଣପତ୍ର ବିନା ସିମ୍ ଦେବା ଏକ ଅପରାଧ। ଏହି କାରଣରୁ ଜିଲାର ଅନେକ ବ୍ୟକ୍ତି ସେମାନଙ୍କ ସଞ୍ଚିତ ଅର୍ଥରାଶି ହରାଉଛନ୍ତି। ତେଣୁ ଏହାକୁ ଯଥାଶୀଘ୍ର ରୋକିବା ଦିଗରେ ପଦକ୍ଷେପ ନିଆଯାଉ।

**-ବିନିତ ସାହା, ବ୍ୟବସାୟୀ, ବଇଣ୍ଡା**

## ଗେଲ୍ ଇଣ୍ଡିଆ ପାଇପ୍‌ଲାଇନ୍ ଖାତରେ ପଡ଼ି ବୃଦ୍ଧ ମୃତ

**ଭୁବନ, ୭।୧୦(ଡି.ଏନ୍.ଏ.)**

ପାଇପ୍ ଲାଇନ୍ ବିଛାଇବା ଲାଗି ଗେଲ୍‌ଇଣ୍ଡିଆ ପକ୍ଷରୁ ଖୋଳାଯାଇଥିବା ଖାତରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା କିଙ୍ଗୋଳ ଗ୍ରାମର ଅନନ୍ତ ରାଉତ (୭୬)। ସେ ବୁଧବାର ରାତିରେ ଜମିକୁ ଷଣ୍ଢ ଘଉଡ଼ାଇବାକୁ ଯାଇଥିବାବେଳେ ଉକ୍ତ ପାଣିଭର୍ତ୍ତି ଖାତରେ ଖସିପଡ଼ିଥିଲେ। ସକାଳେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାରକୁ ସୂଚନା ଦେଇଥିଲେ। ଏ ନେଇ ବିଧିବଦ୍ଧ ଭାବେ ଭୁବନ ଥାନାରେ ଅଭିଯୋଗ କରାଯିବା ପରେ ତହସିଲଦାର ପ୍ରଭାସ ବେହୁରିଆ, ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ନଂ. ୨୨/୨୧ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗେଲ୍‌ଇଣ୍ଡିଆର ଏଭଳି ମନମୁଖୀ କାର୍ଯ୍ୟ ଲାଗି ଧନଜୀବନ ହାନି ହେଉଥିବାବେଳେ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ଚଢ଼ାଉ, ୩ ଗିରଫ



**ଅନୁଗୋଳ ଅଫିସ, ୭।୧୦**

ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଗୁରୁବାର ବଅଁରପାଳ ଓ ନାଲ୍‌କୋ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୬୭ ଲିଟର ମଦ ଜବତ କରାଯାଇଛି। ଏହି ଚୋରା କାରବାରରେ ଜଡ଼ିତ ନାଲ୍‌କୋ ଥାନା କୁଲାଡ ଗ୍ରାମର ଦୁଃଶାସନ ନାଏକ, ବଅଁରପାଳ ପନ୍ଦରଭରଣିଆ ଗ୍ରାମର ସୁଶୀଳା ପ୍ରଧାନ ଓ ବୁଢାପଙ୍କ ଗ୍ରାମର ରଞ୍ଜିତ ମାଝିଙ୍କୁ ଗିରଫ କରାଯାଇଛି।

## ୭୫୦ ମହିଳା ଗୋଷ୍ଠୀଙ୍କୁ ଋଣ ପ୍ରଦାନ

**ବଇଣ୍ଡା,୭।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ସଭାଗୃହ ପରିସରରେ ଗୁରୁବାର ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ସିଡିପିଓ ସୁଭାସିନୀ ମହାଲିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନିରୋଦ କୁମାର ଶର୍ମା, ମିଶନ ଶକ୍ତି ଡିପିସି ବସନ୍ତ କୁମାର ମଲିକ ଯୋଗ ଦେଇଥିଲେ। ଏଥିରେ ବ୍ଲକର ୭୫୦ ମହିଳା ଗୋଷ୍ଠୀଙ୍କୁ ୧୬ କୋଟି ୫୬ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୀବିକା ମିଶନର ବ୍ଲକ ପରିଚାଳକ ସୁଜିତ କୁମାର ପ୍ରଧାନ, ଉପେନ୍ଦ୍ର ବେହେରା ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ପୋଲିସ ମାଡ଼ରେ ମହିଳା ଗୁରୁତର

**ଅନୁଗୋଳ ଅଫିସ, ୭।୧୦**

### ଏସ୍‌ପିଙ୍କୁ ଅଭିଯୋଗ କଲେ ସ୍ୱାମୀ

ଜମିଜମା ବିବାଦକୁ ନେଇ କିଶୋରନଗର ତହସିଲ ପରିସରରେ ଗତ ୪ ତାରିଖରେ ଜଣେ ମହିଳାଙ୍କୁ ମାଡ଼ ମାରି ପୋଲିସ ଗୁରୁତର କରିଥିବା ଗୁରୁବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ବସନ୍ତ ବେହେରା ଅଭିଯୋଗ କରିଛନ୍ତି, ତାଙ୍କ ନାମରେ ଥିବା ଏକ ଜମିକୁ ଭାଇ ଓ ମା' ଅନ୍ୟଜଣଙ୍କୁ ୨୦୧୩ ମସିହାରେ ବିକ୍ରି କରିଦେଇଥିଲେ। ଏ ନେଇ ସେ ତହସିଲରେ ଅଭିଯୋଗ କରିଥିଲେ। ଏପରି କି ମାମଲା କୋର୍ଟକୁ ଯାଇଥିଲା। ହେଲେ ଜମି କିଣିଥିବା ବ୍ୟକ୍ତି ଉକ୍ତ ଜାଗା ଦଖଲ ନେବାକୁ ଚାହୁଁଥିବାରୁ ଏ ନେଇ ତହସିଲ ପକ୍ଷରୁ ତାଙ୍କୁ ନୋଟିସ କରାଯାଇଥିଲା। ୪ ତାରିଖରେ ସେ ପରିବାର ସହ ତହସିଲକୁ ଯାଇଥିବା ବେଳେ ଆପତ୍ତି ଶୁଣିବା ପରିବର୍ତ୍ତେ ତାଙ୍କଠାରୁ ଜବରଦସ୍ତ ଦସ୍ତଖତ ନିଆଯିବାକୁ ଉଦ୍ୟମ କରାଯାଇଥିଲା। ବିରୋଧ କରିବାରୁ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀ ତାଙ୍କ ସହ ସ୍ତ୍ରୀ ବାସନ୍ତୀ ବେହେରା ଓ ପୁଅଙ୍କୁ ମାରଧର କରିଥିଲେ। ପରେ ଗୁରୁତର ବାସନ୍ତୀଙ୍କୁ ପୋଲିସ ଗାଡ଼ିରେ କିଶୋରନଗର ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବାସନ୍ତୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଥିବା ବସନ୍ତ ଦର୍ଶାଇଛନ୍ତି। ଘଟଣାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଜଗମୋହନ ମୀନା ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ବନ୍ୟପ୍ରାଣୀ ସପ୍ତାହ ପାଳିତ

**ଗଁଦିଆ, ୭।୧୦**

ଗଁଦିଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପରିବେଶ କ୍ଲବର ତତ୍ତ୍ୱାବଧାରକ ତଥା ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ଅଧକ୍ଷତାରେ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀ ପରିବେଶର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା। ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## କରୋନା ସଂକ୍ରମିତ ଯୁବକଙ୍କ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୭।୧୦**

କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଢେଙ୍କାନାଳର ଜଣେ ୨୪ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେପାଟାଇଟିସ୍-ବି ଏବଂ ଆଜମା ଭଳି ଜଟିଳ ରୋଗରେ ପୀଡ଼ିତ ଥିଲେ। ଏହାପରେ ଜିଲାରେ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୩ରେ ପହଞ୍ଚିଛି। ସେହିପରିଦିନକରେ ମୋଟ ୧୧୪୭ ସ୍ୱାବ୍ ପରୀକ୍ଷଣ କରାଯାଇଥିବାବେଳେ ସଦର ଏବଂ ହିନ୍ଦୋଳ ବ୍ଲକରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ୪୩ ସକ୍ରିୟ ମାମଲା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ନୂଆ ଟିଭିଏସ୍ ରାଇଡର ବଜାର ପ୍ରବେଶ





ନୂତନ ବାଇକ୍ ଟିଭିଏସ୍ ରାଇଡର ବଜାର ପ୍ରବେଶ କରାଯାଉଛି।

**ଢେଙ୍କାନାଳ ଅଫିସ, ୭।୧୦**

ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଓରିଶା ଟିଭିଏସ୍ ଶୋ'ରୁମ୍ ପକ୍ଷରୁ ଗୁରୁବାର ୧୨୫ ସିସି ସେଗ୍‌ମେଣ୍ଟର ନୂତନ ଟିଭିଏସ୍ ରାଇଡର ବାଇକ୍‌ର ବଜାର ପ୍ରବେଶ କରାଯାଇଛି। ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦା ମୁଖ୍ୟ ଶାଖା ପରିଚାଳକ ସଂଗ୍ରାମ କେଶରୀ ବେହେରା ବାଇକ୍‌ର ବଜାର ପ୍ରବେଶ କରାଇଥିଲେ। ଓରିଶା ଟିଭିଏସ୍‌ର ପ୍ରୋପାଇଟର ଅନିଲ ମହାପାତ୍ର ନୂତନ ବାଇକ୍‌ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୪ଟି ରଙ୍ଗରେ ଉପଲବ୍ଧ ଏହି ବାଇକ୍‌ରେ ଅତ୍ୟାଧୁନିକ ସୁରକ୍ଷା ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। କାର୍ଯ୍ୟକ୍ରମରେ ଶୋରୁମ୍ କର୍ମଚାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅନୁଗୋଳରେ ଏକ୍ସୟୁଭି ୭୦୦ ଉନ୍ମୋଚିତ

**ଅନୁଗୋଳ ଅଫିସ, ୭।୧୦**

ଅନୁଗୋଳ ଜିଲା ପଞ୍ଚମହଲାଠାରେ ଥିବା ସିଦ୍ଧିଲକ୍ଷ୍ମୀ ମୋଟର୍ସରେ ମହିନ୍ଦ୍ରା ଏବଂ ମହିନ୍ଦ୍ରା ଲିମିଟେଡ୍‌ର ଏକ୍ସୟୁଭି ୭୦୦ର ବଜାର ପ୍ରବେଶ କରାଯାଇଛି। ଅନୁଗୋଳ ଆର୍‌ଟିଓ ବିଭୋଭଞ୍ଜନ ସାମନ୍ତ ସିଂହରାଏ, ସିଦ୍ଧିଲକ୍ଷ୍ମୀ ମୋଟର୍ସର ଏମ୍‌ଡି ସୁଜିତ ଅଗ୍ରୱାଲ ଏବଂ ରାଜ କୁମାର ଅଗ୍ରୱାଲ, ମହିନ୍ଦ୍ରା ଏବଂ ମହିନ୍ଦ୍ରାର ସନ୍ତୋଷ ପ୍ରହରାଜଙ୍କ ଉପସ୍ଥିତିରେ ଏହି ନୂଆ ଗାଡ଼ିକୁ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ମହିନ୍ଦ୍ରା ଫାଇନାନ୍ସ ଏବଂ ଚୋଲାମଣ୍ଡଲମ ଫାଇନାନ୍ସ, କାନାରା ବ୍ୟାଙ୍କ ଭଳି ଫାଇନାନ୍ସ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଗାଡ଼ି ପେଟ୍ରୋଲ ଓ ଡିଜେଲ ଇଞ୍ଜିନ ଏବଂ ୫ ରଙ୍ଗର ବିକଳ୍ପ ସହିତ ଉପଲବ୍ଧ। ଅତ୍ୟାଧୁନିକ ଫିଚର ଏହାର ଅନ୍ୟତମ ବିଶେଷତ୍ୱ। ନୂଆ ପିଢ଼ିର ଗ୍ରାହକମାନଙ୍କୁ ନଜରରେ ରଖି ମହିନ୍ଦ୍ରା କମ୍ପାନୀ ଏହାକୁ ବିକଶିତ କରିଥିବା ସିଦ୍ଧିଲକ୍ଷ୍ମୀ ମୋଟର୍ସ ପକ୍ଷରୁ କୁହାଯାଇଛି।



ନୂଆ ଗାଡ଼ିର ବଜାର ପ୍ରବେଶ କରାଯାଉଛି।

## ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୭।୧୦**

ଢେଙ୍କାନାଳ ୟୁକୋ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୪ ମହିଳା, ଜିଲା ଲିଡ୍ ବ୍ୟାଙ୍କ ମ୍ୟାନେଜର ସନୋଜ ସିଂ, ଏପିଡି (ଜୀବିକା ମିଶନ) ସୌସୁମୀ ମାହାନ୍ତ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ, ପ୍ରଶିକ୍ଷିକା ସୁଚିତ୍ରା ଗଡ଼ନାୟକ, ଚିନ୍ମୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାଦମ୍ବରୀ ମହାକୁଡ, ପ୍ରଣବ ରଞ୍ଜନ ମିଶ୍ର, ସତ୍ୟଶୁଭମ୍ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ବାଲୁକା କଳା





ବାଲୁକା ଶିଳ୍ପୀ ରୁବେଲାଲଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ବଇଣ୍ଡା,୭।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତର ରଘୁନାଥ ପ୍ରଧାନଙ୍କ ପୁଅ ରୁବେଲାଲ ପ୍ରଧାନଙ୍କ ଦ୍ୱାରା ନିର୍ମିତ ୧୨ ହଜାର ୧୪୪ ବର୍ଗ ଫୁଟ୍‌ର ବାଲୁକା କଳା ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ସଫଳତା ପାଇଁ ରୁବେଲାଲଙ୍କୁ ସ୍ୱତନ୍ତ୍ର ଭାବେ ଗ୍ରାଣ୍ଡ ମାଷ୍ଟର ଉପାଧି ପ୍ରଦାନ କରାଯାଇଛି। ଅକ୍ଟୋବର ୨ରେ କଟକସ୍ଥିତ କାର୍ଶିନୋଭା କ୍ୟାନସର ହସ୍ପିଟାଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. କ୍ଷିତୀଶ ମିଶ୍ର, ପ୍ରଜ୍ଞା ପାରମିତା ମିଶ୍ର ରୁବେଲାଲଙ୍କୁ ଶିଳ୍ପୀ ରେକର୍ଡ ଟ୍ରଫି, ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ରୁବେଲାଲ ଫେବୃୟାରୀ ୪ ବିଶ୍ୱ କର୍କଟ ଦିବସ ଅବସରରେ କଟକ କାର୍ଶିନୋଭା କ୍ୟାନସର ହସ୍ପିଟାଲ ପରିସରରେ ଏହି ବାଲୁକା କଳା ପ୍ରଦର୍ଶନ କରିଥିଲେ। ଏହି କଳା ସର୍ବବୃହତ ହୋଇଥିବାରୁ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ସଫଳତା ପାଇଁ ରୁବେଲାଲଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ସଙ୍କଟ ସମୟରେ ସହାୟତା କରିବ

**କଣିହାଁ,୭।୧୦(ଡି.ଏନ୍.ଏ)**

### ଏନ୍‌ଟିପିସିରେ ଅକ୍ସିଜେନ ପ୍ଲାଣ୍ଟ ଉଦ୍‌ଘାଟିତ

ଅନୁଗୋଳ ଜିଲା କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ହସ୍ପିଟାଲ ପରିସରରେ ନିର୍ମାଣ କରାଯାଇଥିବା ଅକ୍ସିଜେନ ପ୍ଲାଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଏନ୍‌ଟିପିସି ପ୍ରକଳ୍ପ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ, ଏନ୍‌ଟିପିସି ହସ୍ପିଟାଲର ଡି.କେ. ମହାକୁଳ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ପି ସାହୁ କହିଥିଲେ, କରୋନା ସଙ୍କଟ ସମୟରେ ଏହା ଦେଶକୁ ସାହାଯ୍ୟ କରିବ। ଏନ୍‌ଟିପିସିର ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)କାର୍ଯ୍ୟକୁ ଏମ୍‌ପି ପ୍ରଶଂସା କରିଥିଲେ। ବିଧାୟକ ପ୍ରଧାନ କହିଥିଲେ, ଲୋକଙ୍କୁ କୋଭିଡ୍‌ରୁ ସୁରକ୍ଷିତ ରଖିବା ଦିଗରେ ଦେଶ କାର୍ଯ୍ୟ କରୁଛି। ପ୍ରକଳ୍ପ ନିର୍ଦ୍ଦେଶକ ରାଓ କହିଥିଲେ, ମହାମାରୀ ସମୟରେ ଲୋକଙ୍କୁ ସାହାଯ୍ୟ କରିବା ଏକ ବଡ଼ ଦାୟିତ୍ୱ। କୋଭିଡ୍ ପାଇଁ ୫୦ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ଏହି ସୁବିଧା ହସ୍ପିଟାଲ ତଥା ନିକଟବର୍ତ୍ତୀ ଅଞ୍ଚଳର ଚାହିଦା ପୂରଣ କରିପାରିବ। ଅନ୍ୟମାନଙ୍କ ମଧ୍ୟରେ ଜି.ଏମ. ପି.ଶିବା ରାମକୃଷ୍ଣ, ବିଜୟ ଗୋଏଲ, ସରିତ ମାହେଶ୍ୱରୀ, ଏସ. ମୁରୁଗନ, ସୁଚିବ୍ରତ ମିତ୍ର, ରଜନିଶ ରସ୍ତୋଗୀ, କଣିହାଁ ସିଏଚ୍‌ସି ଡାକ୍ତର ସୁମନ୍ତ କୁମାର ପଟେଲ, ଏନ୍‌ଟିପିସି ପ୍ରକଳ୍ପର ବହୁ ପଦାଧିକାରୀ, ୟୁନିୟନ ଓ ଆସୋସିଏଶନ ସମେତ ସ୍ୱାସ୍ଥ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।



ପ୍ଲାଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଲା

**ଗଁଦିଆ, ୭।୧୦**

ଗଁଦିଆ ବ୍ଲକ ବାଇଁସିଆ ପଞ୍ଚାୟତ କଙ୍କାନାଳରେ ଭାସିଯାଇ ନିଖୋଜ ହୋଇଯାଇଥିବା ବାଇଁସିଆ ଉପର ସାହିର ଅନ୍ତର୍ଯ୍ୟାମୀ ସାହୁ (୬୨)ଙ୍କ ମୃତଦେହ ଗୁରୁବାର ସକାଳେ ଜବତ ହୋଇଛି। କେତେଜଣ ଗ୍ରାମବାସୀ ସକାଳୁ ମୃତଦେହ ଭାସୁଥିବା ଦେଖି ଘର ଲୋକଙ୍କୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବୁଧବାର ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ଅନ୍ତର୍ଯ୍ୟାମୀ ଭାସିଯାଇଥିଲେ।

## ପାଣିରେ ବୁଡ଼ି ୨ ନାବାଳିକା ମୃତ

ବଇଣ୍ଡା,୭।୧୦(ଡି.ଏନ୍.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କନ୍ତପଡା ଗ୍ରାମରେ ଗୁରୁବାର ଘଟିଛି ଅଘଟଣ। ଗାଧୋଇବାକୁ ଯାଇଥିବା ବେଳେ ସେହି ଗ୍ରାମର ଦୟାନିଧି ପ୍ରଧାନଙ୍କ ଝିଅ ଶ୍ରୀମତୀ ପ୍ରଧାନ (୧୨) ଓ ଘନଶ୍ୟାମ ସାହୁଙ୍କ ଝିଅ ବର୍ଷା ସାହୁ (୧୧) ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଖବରପାଇ ଠାକୁରଗଡ଼ ପୋଲିସ ୨ ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ସଂକ୍ରାନ୍ତରେ ପୋଲିସ୍ ନଂ ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ନବଜାତ ଶିଶୁର ମୃତଦେହ ଝୁଣି ଖାଇଲା କୁକୁର

ବଲାଙ୍ଗୀର ଅଫିସ, ୭।୧୦: ବଲାଙ୍ଗୀର ସହରରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏକ ନବଜାତକର ମୃତଦେହକୁ କୁକୁର ପାଟିରେ ଧରି ସହରର ଏଣେତେଣେ ଧରି ବୁଲିବା ସହ ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଗେଟ୍ ସମ୍ମୁଖରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। କୁକୁରଟି କେଉଁସ୍ଥାନରୁ ଶିଶୁର ମୃତଦେହ ଧରି ଆସିଥିଲା ତାହା ଜଣାପଡିନାହିଁ। ତେବେ କୁକୁରଟି ମେଡିକାଲ କଲେଜ ହସ୍ପିଟାଲ ଆଖପାଖରୁ ମୃତ ଶିଶୁର ମୃତଦେହ ଆଣିଥିବା ଆଲୋଚନା ହେଉଛି।

### ବଳାତ୍କାରୀଙ୍କୁ ୫ବର୍ଷ ଜେଲ

ବାରିପଦା ଅଫିସ,୭।୧୦: ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମହେନ୍ଦ୍ର କୁମାର ସୂତ୍ରଧାର ବିଚାର କରି ବଳାତ୍କାରୀଙ୍କୁ ୫ବର୍ଷ ଜେଲ୍ ଦଣ୍ଡ ସହ ୫ହଜାର ଜରିମାନା ଆଦେଶ ଦେଇଛନ୍ତି। ଅନାଦାୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ କୁଳିଅଣା ଥାନା ଜାନୁଡାହି ଗ୍ରାମର ସୁଶାନ୍ତ ବିନ୍ଧାଣୀ(୨୭)। ସୂଚନା ଅନୁଯାୟୀ, ୨୦୧୬ ଅକ୍ଟୋବର ୨୭ରେ ବାରିପଦା ଟାଉନ ଥାନା ଅଞ୍ଚଳର ଜଣେକା ନାବାଳିକା ସ୍କୁଲରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ସୁଶାନ୍ତ ତାଙ୍କୁ ସ୍କୁଟିରେ ବସାଇ ଏକ ନିର୍ଜନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ପୂର୍ବକ ସେହିଦିନ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ପ୍ରଫେସର ଦୀପକ ଷଡ଼ଙ୍ଗୀଙ୍କ ପରଲୋକ


ବାରିପଦା ଅଫିସ,୭।୧୦: ବିଶିଷ୍ଟ ଐତିହାସିକ ପ୍ରଫେସର ଦୀପକ ଷଡ଼ଙ୍ଗୀ(୮୫)ଙ୍କ ଗୁରୁବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଏକ ଘରୋଇ ନର୍ସିଂହୋମରେ ପରଲୋକ ଘଟିଛି। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଘର ଝାଡ଼ଖଣ୍ଡର ବହଡ଼ାଗୋଡ଼ା ନିକଟ ଗଣ୍ଡାନଡ଼ା ଗ୍ରାମରେ ହୋଇଥିବା



ବେଳେ ସେ ଏମ୍‌ପିସି କଲେଜ ତଥା ଯୁକ୍ତ ଦୁଇ କାଉନସିଲର ପ୍ରାକ୍ତନ ଅଧ୍ୟକ୍ଷ, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଭାବେ ସଫଳତାର ସହିତ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହିତ ଉତ୍କଳ ସମ୍ମିଳନୀ ମୟୂରଭଞ୍ଜ ଶାଖା ଓ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦରେ ରହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ସଂସ୍କୃତିର ସଂରକ୍ଷଣ ସକାଶେ ସମର୍ପିତ ଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଷଡ଼େଇକଳା-ଖରସୁଆଁ ଡ୍ରାଫ୍ଟିଂ କମିଟିର ମୁଖ୍ୟ ମଧ ରହିଥିଲେ। ଛାତ୍ର ଜୀବନରେ ରେଭେନ୍ସା ମହାବଦ୍ୟାଳୟ ଛାତ୍ର ସଂସଦର ୨-୨ଥର ସଭାପତି ଥିବା ବେଳେ ୱାର୍ଲ୍ଡ ଷ୍ଟୁଡେଣ୍ଟ ୟୁନିୟନର ସମ୍ପାଦକ ରହିଥିଲେ। ନିଜର ପ୍ରତିଭା ବଳରେ ଉତ୍କଳ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ଓ ସିନେଟ ସଦସ୍ୟ ରହିବା ସହ ଅନେକ ଗବେଷଣାତ୍ମକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ସଙ୍କଟରେ ବଜ୍ରକାପ୍ତା

ଭୁବନେଶ୍ୱର, ୭।୧୦(ବ୍ୟୁରୋ)



■୩ ବର୍ଷରେ ୨୭ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର

■୫ ବର୍ଷରେ ୫୪ କେଜିରୁ ଅଧିକ କାତି ଜବତ

ରାଜ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା ପାଇଁ ବନ ବିଭାଗ ବହୁ ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ ତାହା ଫଳପ୍ରଦ ହୋଇପାରୁନାହିଁ। କାରଣ ରାଜ୍ୟରେ ବାଘ ଚମଡ଼ା ଠାରୁ ଆରମ୍ଭ କରି ହାତୀଦାନ୍ତ, ବଜ୍ରକାପ୍ତା କାତିର ଚୋରା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏମାନଙ୍କ ମଧ୍ୟରୁ ବିଶ୍ୱରେ ବଜ୍ରକାପ୍ତା ଶିକାର ଏକ ନମ୍ବରରେ ରହିଛି। ସବୁଠାରୁ ଅଧିକ ଶୀକାର ଓ ଚୋରା କାରବାର ବଜ୍ରକାପ୍ତାର ହିଁ ହେଉଛି। ଓଡ଼ିଶାରେ ମଧ ବଜ୍ରକାପ୍ତାର ଶିକାର ଓ ଚୋରା କାରାବାର ଅଧିକ ହେଉଥିବା ଦେଖିବାକୁ ମିଳିଛି। ବଜ୍ରକାପ୍ତା ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ, ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ପ୍ରାଣୀ। ଏହାକୁ ଶିକାର କରିବା ଓ ଏହାର କାତି ବ୍ୟବସାୟ କରିବା ଦଣ୍ଡନୀୟ ଅପରାଧ। ଶିକାରୀମାନେ ଏହାର କାତିକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରିଥାନ୍ତି। ଓଡ଼ିଶାରୁ ପଶ୍ଚିମବଙ୍ଗ ଦେଇ ଚାଇନା, ମ୍ୟାନ୍‌ମାର, ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ଏହି ର୍‌ୟାକେଟ୍‌ର ଚେର ଲମ୍ବିଛି। ବାହାର ଦେଶରେ ବଜ୍ରକାପ୍ତା କାତିରୁ ଔଷଧ ତିଆରି ହୋଇଥାଏ। ତେଣୁ ବିଦେଶରେ ଏହାର ଚାହିଦା ଅଧିକ ରହିଛି। ଯେହେତୁ ଓଡ଼ିଶାରେ ବଜ୍ରକାପ୍ତା ସ୍ଥିତି ଭଲ ତେଣୁ ଏଠାରେ ଏହାର ଶିକାର ବଢ଼ିବାରେ ଲାଗିଛି। ତେଣୁ ଏବେ ଓଡ଼ିଶାରେ ବଜ୍ରକାପ୍ତା ସଙ୍କଟରେ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍, ୱାଇଲ୍ଡଲାଇଫ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି) ବିଭିନ୍ନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିବା ସହିତ ଓ ଲକ୍ଷାଧିକ ଟଙ୍କାର କାତି ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଥିବା ବେଳେ ଗତ ୫ ତାରିଖରେ ରାଜଧାନୀ ଭୁବନେଶ୍ୱରରୁ ପ୍ରାୟ ୨କେଜି କାତି ଜବତ ସହିତ ୨ଜଣଙ୍କୁ ଗିରଫ କରାଯାଇଛି।

ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ)ର ତଥ୍ୟାନୁସାରେ, ୨୦୧୮ ଅଗଷ୍ଟରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୧୪ ଜିଲାର ମୋଟ୍ ୨୬ଟି ଚଢ଼ାଉ ଘଟଣାରେ ୨୭ଟି ଜୀବନ୍ତ ବଜ୍ରକାପ୍ତାଙ୍କୁ ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାରୁ ସର୍ବାଧିକ ୪ଟି ଲେଖାଏ ଉଦ୍ଧାର ହୋଇଛି। ସେହିପରି କୋରାପୁଟ ଓ କଟକରୁ ୩ଟି ଲେଖାଏ ଥିବାବେଳେ ମାଲକାନଗିରି ଓ ରାୟଗଡ଼ାରୁ ୨ଟି ଲେଖାଏ ଏବଂ ସୁନ୍ଦରଗଡ, ସୋନପୁର, ବାଲେଶ୍ୱର, ଖୋର୍ଦ୍ଧା, ବରଗଡ଼, କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ ଜିଲାରୁ ଗୋଟିଏ ଲେଖାଏ ଉଦ୍ଧାର କରାଯାଇଛି। ଜୀବନ୍ତ ବଜ୍ରକାପ୍ତାଙ୍କୁ ଉଦ୍ଧାରରେ ୩ ଘଟଣା ଚର୍ଚ୍ଚାରେ ଥିଲା। ୨୦୧୮ ଡିସେମ୍ବର ୮ରେ ବିଳମ୍ବିତ ରାତିରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ମୟୂରଭଞ୍ଜର ଉଦଳାଠାରେ ୧୩ କେଜି ଓଜନର ମା' ଏବଂ ଛୁଆଙ୍କୁ ଏକ ସଙ୍ଗେ ଉଦ୍ଧାର କରିଥିଲା। ସେହିପରି ୨୦୧୯ ଅକ୍ଟୋବର ୨୯ରେ ବାରିପଦାର କୁଳିଅଣାରେ ୧୭ କେଜି ଓଜନର ବଜ୍ରକାପ୍ତା ଉଦ୍ଧାର କରାଯାଇଥିଲା। ଏହି ବଜ୍ରକାପ୍ତା ପରଦିନ ଏକ ଛୁଆ ଜନ୍ମ କରିଥିଲା। ୨୦୧୯ ନଭେମ୍ବର ୧୬ରେ ଅନୁଗୋଳର ପାଲଲହଡ଼ା ରେଞ୍ଜରେ ୧୦ କେଜିର ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଥିଲା। ଏହା ନଭେମ୍ବର ୧୯ରେ ଛୁଆ ଜନ୍ମ କରିଥିଲା।

ସେହିପରି ୨୦୧୬ରୁ ଏପର୍ଯ୍ୟନ୍ତ ୨୧ଟି ଘଟଣାରେ ମୋଟ୍ ୫୪ କିଲୋଗ୍ରାମରୁ ଅଧିକ ବଜ୍ରକାପ୍ତା କାତି ଜବତ ହୋଇଛି। ୨୦୨୧ ଜୁଲାଇ ୨୪ରେ ଢେଙ୍କାନାଳ ବନଖଣ୍ଡ ଅଧୀନ କପିଳାସ ରେଞ୍ଜରେ ଥରକେ ସର୍ବାଧିକ ୧୪.୨ କିଲୋଗ୍ରାମ ବଜ୍ରକାପ୍ତା କାତି ଜବତ କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଅନେକ ଥର ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଚିଠି ଲେଖାଗଲେ ମଧ ଆଠଗଡ଼ ଡିଭିଜନରେ ୨୦ରୁ ଅଧିକ ଗିରଫ ହୋଇଥିବା ମାମଲାକୁ ଅଧିକ ତଦନ୍ତ ପାଇଁ ବନବିଭାଗ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ହସ୍ତାନ୍ତର କଲା ନାହିଁ। ଏ ସମ୍ପର୍କରେ ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ବିଶ୍ୱଜିତ ମହାନ୍ତି କହିଛନ୍ତି, କାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ଅନେକ ସ୍ଥାନରେ ଚଢ଼ାଉ କରାଯାଇ ବଜ୍ରକାପ୍ତା ଓ କାତି ଜବତ କରାଯାଇଛି। ମାତ୍ର ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ବନ ବିଭାଗ ଠୋସ୍ ତଥ୍ୟ ଦାଖଲ କରିପାରୁ ନ ଥିବାରୁ ଆଜି ପର୍ଯ୍ୟନ୍ତ ଯେଉଁମାନେ ଗିରଫ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେହି ବି ଜେଲ୍ ଯାଇନାହାନ୍ତି। ଫଳରେ ସେମାନେ ବାହାରକୁ ଆସି ପୁଣି ଶିକାର କରିବାରେ ସଫଳ ହେଉଛନ୍ତି।

# ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ୨୦ ଲକ୍ଷ ଠକେଇ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

**ପୁରୀରୁ ଅଭିଯୁକ୍ତ ଏଲ୍‌ଆଇସି ଏଜେଣ୍ଟ ଗିରଫ**

■କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇର ଯୋଜନା ଥିଲା

■ଜାଲ୍ ଏଟିଏମ୍ କାର୍ଡ, ପାସ୍‌ବୁକ୍, ଚେକ୍‌ବୁକ୍ ଜବତ

ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ତାଙ୍କ ନାମରେ ଜୀବନ ବୀମା କରି ଜଣେ ଏଲ୍‌ଆଇସି ଏଜେଣ୍ଟ ୨୦ ଲକ୍ଷ ଟଙ୍କା ଠକିନେଇଛନ୍ତି। ଏଭଳି ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଯୋଜନା କରିଥିବାବେଳେ ସମ୍ପୃକ୍ତ ଏଲ୍‌ଆଇସି ଏଜେଣ୍ଟଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପୁରୀରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ ଝାଡ଼କଟା ଗ୍ରାମର କବିରାଜ ବେହେରା। ଏଥିସହ ତାଙ୍କ ଘରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଚଢ଼ାଉ କରି ଜାଲ୍ ଏଟିଏମ୍ କାର୍ଡ, ପାସ୍‌ବୁକ, ଚେକବୁକ, ଆଧାର କାର୍ଡ ସହ ଅନ୍ୟାନ୍ୟ ଅପରାଧ ସଂକ୍ରାନ୍ତୀୟ କାଗଜପତ୍ର ଜବତ କରିଛି। ଗୁରୁବାର କବିରାଜଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତି ଅଛି କି ନାହିଁ, କବିରାଜ ଏଭଳି ଆଉ କିଛି ଜୀବନ ବୀମା କରିଛନ୍ତି କି ନାହିଁ ଏବଂ ଜୀବନ ବୀମାଗୁଡ଼ିକର କିଏ ନୋମିନି ଥିଲେ ପ୍ରଭୃତି ବିଭିନ୍ନ ଦିଗକୁ ନେଇ କ୍ରାଇବ୍ରାଞ୍ଚ ଅଧିକ ତଦନ୍ତ ଚଳାଇଛି। ଆବଶ୍ୟକ ସ୍ଥଳେ ତାଙ୍କୁ କ୍ରାଇମବ୍ରାଞ୍ଚ୍ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାର ଯୋଜନା ରଖିଛି।

ସୂଚନା ଅନୁଯାୟୀ, କବିରାଜ ୨୦୦୩ରେ ଏଲ୍‌ଆଇସି ଏଜେଣ୍ଟ ଭାବେ କାମ କରିବା ଆରମ୍ଭ କରିଥିଲେ। ତେବେ ସେ ଏଲ୍‌ଆଇସି କର୍ତ୍ତୃପକ୍ଷଙ୍କୁ ଭୂଆଁ ବୁଲାଇ କୋଟି କୋଟି ଟଙ୍କା ହଡ଼ପ କରିବା ଉଦ୍ଦେଶ୍ୟ ରଖି ୨୦୧୩ରୁ ୨୦୧୯ ମସିହା ମଧ୍ୟରେ କଣାସ ଅଞ୍ଚଳର ୪ ଜଣ ମୃତ ବ୍ୟକ୍ତିଙ୍କ ନାମରେ ୨୩ଟି ଜୀବନ ବୀମା କରିଥିଲେ। ଏପରି କି ୩ରୁ ୪ ବର୍ଷ ପର୍ଯ୍ୟନ୍ତ ଏସବୁର ବୀମାରାଶି ସେ ନିଜେ ଭରିଥିଲେ। ତେବେ ସେ ଅଧାରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମୃତ ଦର୍ଶାଇ ସେମାନଙ୍କ ଜାଲ୍ ମୃତ୍ୟୁ ପ୍ରମାଣପତ୍ର



କବିରାଜ ବେହେରା

ପ୍ରସ୍ତୁତ କରିଥିଲେ। ଏହି ଜାଲ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ଦାଖଲ କରି ୧ କୋଟି ୮୧ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପାଇଁ ଆବେଦନ କରିଥିଲେ। ଏହାପରେ ଏଲ୍‌ଆଇସି ପକ୍ଷରୁ ତାଙ୍କୁ ୫ଟି ପଲିସିରେ ୨୦ ଲକ୍ଷ ଟଙ୍କା ମିଳିସାରିଥିଲା। ଯେହେତୁ ୫ଟି ପଲିସି ଜଣେ ଏଜେଣ୍ଟଙ୍କ ଦ୍ୱାରା ଆବେଦନ କରାଯାଇଥିଲା, ସେଥିପାଇଁ ସମ୍ପୃକ୍ତ ଡିଭିଜନ ଅଧୀନ ଖୋର୍ଦ୍ଧା ଜିଲା ଏଲ୍‌ଆଇସିର ବ୍ରାଞ୍ଚ ମ୍ୟାନେଜରଙ୍କ ସନ୍ଦେହ ଉପୁଜିଥିଲା। ଅନ୍ୟ ଜୀବନବୀମାର କ୍ଷତିପୂରଣ ଟଙ୍କା ପାଇଁ ଯାଞ୍ଚ କରିବା ସମୟରେ କବିରାଜ ଜାଲିଆତି କରିଥିବା ସେ ଜାଣିପାରିଥିଲେ। ତେଣୁ ସେ କବିରାଜଙ୍କ ନାମରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ବୁଧବାର ଚଢ଼ାଉ ବେଳେ ଠକେଇ ସଂକ୍ରାନ୍ତ ପ୍ରମାଣ ମିଳିବା ପରେ ଇଓଡବ୍ଲ୍ୟୁ କବିରାଜଙ୍କ ନାମରେ ଆଇପିସିର ଦଫା ୪୨୦, ୪୬୭, ୪୬୮, ୪୭୧, ୧୨୯-ବି ରେ ଏକ ମାମଲା (ନଂ. ୧୨/୨୧) ରୁଜୁ କରିଥିଲା।

# ପୋଲିସ ଉପରକୁ ଗୁଳି ଫୁଟାଇ ଅପରାଧୀ ଫେରାର

ଦିଗପହଣ୍ଡି(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୭।୧୦

**କେରାଣ୍ଡିମାଳ ଜଙ୍ଗଲରେ ଅପରେଶନ**



ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଚଢେୟାଗରଦ ଗ୍ରାମ ନିକଟ କେରାଣ୍ଡିମାଳ ଜଙ୍ଗଲରେ ଦୁର୍ଦ୍ଧାନ୍ତ ଅପରାଧୀ କୁନା ବେହେରା ଲୁଚିଥିବା ପୋଲିସକୁ ଖବର ମିଳିଥିଲା। ତାଙ୍କୁ ଧରିବାକୁ ପୋଲିସ ଯୋଜନା କରିଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନେତୃତ୍ୱରେ ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ ବୁଧବାର ରାତିରେ ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ। ରାତି ପ୍ରାୟ ୧୦ଟାରେ ଦିଗପହଣ୍ଡି ଥାନା ଆଇଆଇସି ବସନ୍ତ କୁମାର ସେଠୀଙ୍କ ସମେତ ବ୍ରହ୍ମପୁର ଗୋସାଇଁ ନୂଆଗାଁ, ଗୋଳନ୍ଥରା, ଓ କେ. ନୂଆଗାଁ ଥାନା ଅଧିକାରୀଙ୍କ ସମେତ ବିଭିନ୍ନ ଥାନାରୁ ଆସିଥିବା ବଛା ବଛା ଅଧିକାରୀ ଅପରେଶନରେ ଜଙ୍ଗଲକୁ ବାହାରିଥିଲେ। ଭୋରରେ ଟାମଣା-ମହୁରୀକାଲୁଆ -ଚଢେୟାଗରଦ ମଧ୍ୟବର୍ତ୍ତୀ ରାମଗୁଡ଼ା ସଂରକ୍ଷିତ ଜଙ୍ଗଲରେ ପୋଲିସ ଟିମ୍ କୁନାଙ୍କ ଆଡ୍ଡା ଅଭିମୁଖେ ଯାଉଥିଲେ। ଏହି ସମୟରେ କୁନା ଏବଂ ତାଙ୍କ ସହଯୋଗୀମାନେ ପାହାଡ଼ ଖୋଲରେ ଲୁଚି ପୋଲିସ ଉପରକୁ ଗୁଳି ଚଳାଇବା ସହ ବାରମ୍ବାର ବୋମାମାଡ଼ କରି ଖସିଯାଇଥିଲେ। ସୌଭାଗ୍ୟବଶତଃ ଏଥିରେ କେହି ପୋଲିସ କର୍ମଚାରୀ ଆହତ ହୋଇନାହାନ୍ତି। କୁନା ଜଙ୍ଗଲ ଭିତରେ ରହୁଥିବା ଘରୁ ୨ଟି ବନ୍ଧୁକ, ୧୧ଟି ଗୁଳି, ମନିପର୍ସ, ମୋବାଇଲ ଫୋନ, ୨ଟି ଚାର୍ଜଲାଇଟ୍ ସହ ଅନ୍ୟାନ୍ୟ ଜିନିଷକୁ ପୋଲିସ ଜବତ କରିଛି। ସେହିପରି ଘରେ ମହଜୁଦ ଥିବା ବିପୁଳ ପରିମାଣର ଚାଉଳ, ଡାଲି, ଖାଇବା ତେଲ, ଅମୁଲ, ପ୍ୟାଣ୍ଟ, ଶାର୍ଟ ଓ ଘରକରଣା ସାମଗ୍ରୀକୁ ନଷ୍ଟ କରାଯାଇଥିବା ଗୁରୁବାର ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଏକ ପ୍ରେସ ନୋଟରେ ସୂଚନା ଦେଇଛନ୍ତି। ଦୁର୍ଦ୍ଧାନ୍ତ କୁନାଙ୍କ ନାଁରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ଏବେ ୨୫ ସଙ୍ଗୀନ ମାମଲା ରହିଛି। କୁନା ଏବେ ପୋଲିସର ମୋଷ୍ଟ ୱାଣ୍ଟେଡ଼ ତାଲିକାରେ ରହିଛି ବୋଲି ଏଏସପି କହିଛନ୍ତି। ପୋଲିସ ଉପରକୁ ଗୁଳିମାଡ଼ ଘଟଣାରେ ଦିଗପହଣ୍ଡି ଥାନାରେ ନଂ.୨୬୦/୨୧ ରେ କୁନାଙ୍କ ନାଁରେ ଏକ ମାମଲା ରୁଜୁ ହୋଇଥିବା ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

### ଅନୁପ ସାଏଙ୍କ ଡ୍ରାଇଭରଙ୍କୁ ଜାମିନ

ବ୍ରଜରାଜନଗର, ୭।୧୦(ଡି.ଏନ.ଏ.)

ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅଧୀନରେ ହୋଇଥିବା ଡବଲ ମର୍ଡର ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଗୁରୁବାର ଛତିଶଗଡ଼ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୨୦୧୬ ମସିହାରେ ଚକ୍ରଧରନଗର ଥାନା ଅଞ୍ଚଳରେ ଜଣେ ମହିଳା ଓ ଶିଶୁର ମୃତଦେହ ରାସ୍ତାରୁ ମିଳିଥିଲା। ପ୍ରଥମେ ଏହାକୁ ଦୁର୍ଘଟଣା କୁହାଯାଉଥିବା ବେଳେ ପରେ ଏହା ଏକ ହତ୍ୟାକାଣ୍ଡ ନେଇ ପୋଲିସ ମାମଲା ରୁଜୁ କରିଥିଲା। ଏଥିରେ ପୂର୍ବତନ ବିଧାୟକ ସାଏଙ୍କୁ ପୋଲିସ ମୁଖ୍ୟ ଅଭିଯୁକ୍ତ ଭାବରେ ଗିରଫ କରିବା ପରେ ତାଙ୍କ ଡ୍ରାଇଭର ବର୍ଦ୍ଧନଙ୍କୁ ପରେ ଗିରଫ କରିଥିଲା। ବର୍ଦ୍ଧନ ୨୦୨୦ ଫେବୃୟାରୀ ୧୫ରୁ ଜେଲରେ ଥିବା ବେଳେ ଏହି ମାମଲାର ଶୁଣାଣି ଚାଲିଥିଲା। ସାକ୍ଷ୍ୟ ଓ ପ୍ରମାଣ ତାଙ୍କ ବିରୋଧରେ ଯଥେଷ୍ଟ ନ ହେବାରୁ ବିଚାରପତି ଏହି ମାମଲାର ବିଚାର କରି ବର୍ଦ୍ଧନଙ୍କୁ ୫୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜାମିନ ପ୍ରଦାନ କରିଛନ୍ତି।

# ଟକଟପୁର ଟିଟିଆଇରେ ହେବ ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର



ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ଚୁକ୍ତିନାମା ସ୍ୱାକ୍ଷର ହେଉଛି।

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ମୟୂରଭଞ୍ଜ ଜିଲା ଟକଟପୁର ଟେକ୍ନିକାଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଟିଟିଆଇ)ରେ ଅତ୍ୟାଧୁନିକ ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ ପାଣ୍ଠିରୁ ୫.୨୯ କୋଟି ଟଙ୍କା ବ୍ୟୟରେ ଏହି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିନିମନ୍ତେ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ କେମ୍ପି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଗୁରୁବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି ଏବଂ କେମ୍ପି ଇଣ୍ଡିଆ ପ୍ରାଇଭେଟ୍ ଲିଃର ପରିଚାଳନା ନିର୍ଦ୍ଦେଶକ ଅଜୟ ତ୍ରିଖା ସ୍ୱାକ୍ଷର କରିଛନ୍ତି। ଏହି ଉତ୍କର୍ଷ କେନ୍ଦ୍ରରେ ରୋବୋଟ୍ ୱେଲ୍ଡିଂ, ଲେସର୍ ୱେଲ୍ଡିଂ, ପାଇପ୍ ୱେଲ୍ଡିଂ ଏବଂ ହେଭି ଫେବ୍ରିକେଶନ୍ ୱେଲ୍ଡିଂ ଭଳି ଅତ୍ୟାଧୁନିକ ୱେଲ୍ଡିଂ ଉପକରଣ ରହିବ। ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ଲାଗି ବିଭିନ୍ନ ଅତ୍ୟାଧୁନିକ ଅଣବିନାଶକ ପରୀକ୍ଷଣ ଉପକରଣ ଉପଲବ୍ଧ ହେବ। ପରିବେଶ ସୁରକ୍ଷା ଲାଗି ଧୂଆଁ ନିଷ୍କାସନ ବ୍ୟବସ୍ଥା ସମ୍ବଳିତ ଆଧୁନିକ ସ୍ଥିର ବୈଦ୍ୟୁତିକ ଅବକ୍ଷେପକ ସ୍ଥାପନ କରାହେବ। ଏହା ଜିଲାରୁ ଶିଳ୍ପ ଜଗତ ନିମନ୍ତେ ଆବଶ୍ୟକ ହେଉଥିବା କୁଶଳୀଙ୍କୁ ପ୍ରସ୍ତୁତ କରାଯିବ। କେମ୍ପି ଓଡ଼ିଶାର ଆଇଟିଆଇ ଏବଂ ପଲିଟେକ୍ନିକ୍‌ର ୧୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ନିଜ ତାଲିମ କେନ୍ଦ୍ରରେ ଏକ ମାସ ତାଲିମ ପ୍ରଦାନ କରିବ। ପ୍ରଶିକ୍ଷାର୍ଥୀଙ୍କୁ ବୈଷୟିକ ସହାୟତା ଯୋଗାଇଦେବାକୁ କେମ୍ପିର ବୈଷୟିକ ବିଶେଷଜ୍ଞମାନେ ଟିଟିଆଇ ଟକଟପୁରରେ ୧୫ ମାସ ତାଲିମ ପ୍ରଦାନ କରିବେ।

# ମହାନଦୀ ବ୍ରିଜ୍ ଦୁର୍ଘଟଣା :୪ ଦିନ ପରେ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

ବୌଦ୍ଧ,୭।୧୦(ସ୍ୱ.ପ୍ର.)

ବୌଦ୍ଧ ମହାନଦୀ ବ୍ରିଜ୍ ଉପରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନିଖୋଜ ଥିବା ପ୍ରତିମା ସାହୁଙ୍କ ମୃତଦେହ ୪ ଦିନ ପରେ କଟକ ଜିଲା ବଡ଼ମ୍ବା ନିକଟ ମହାନଦୀରୁ ମିଳିଛି । ଫଳରେ ମହିଳା ଜଣକ କୁଆଡ଼େ ଗଲେ ସେ ନେଇ ଲାଗି ରହିଥିବା ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି । ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଏହି ବ୍ରିଜ୍ ଉପରେ ଏକ କାର ସହ ମୋଟରସାଇକେଲର ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପଛରେ ବସିଥିବା ଅନୁଗୋଳ ଜିଲା ମାଧପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ବୈଦ୍ୟନାଥ ସାହୁଙ୍କ ସ୍ତ୍ରୀ ପ୍ରତିମା ନିଖୋଜ ହୋଇ ଯାଇଥିଲୋ । ଦୁର୍ଘଟଣାରେ ପ୍ରତିମା ମହାନଦୀ ଭିତରକୁ ଛିଟିକି ପଡ଼ି ଯାଇଥିବା ଆଶଙ୍କା କରାଯାଇଥିଲା । ଫଳରେ ବୌଦ୍ଧ ପୋଲିସ, ଓଡ୍ରାଫ୍ ଟିମ୍, ଅଗ୍ନିଶମ ବାହିନୀ ସହାୟତାରେ ଦୁର୍ଘଟଣା ଦିନ ରାତିରେ ଏବଂ ରବିବାର ଓ ସୋମବାର ମହାନଦୀରେ ଖୋଜାଖୋଜି କରାଯାଇଥିଲା । କିନ୍ତୁ ମହିଳାଙ୍କର ପତ୍ତା ମିଳି ନ ଥିଲା । ପରବର୍ତ୍ତୀ ସମୟରେ ପୋଲିସ ଦୁର୍ଘଟଣା ଘଟାଇଥିବା କାର ଚାଳକଙ୍କୁ ଗିରଫ କରିବା ସହ କାରରେ ବସିଥିବା ଯାତ୍ରୀଙ୍କୁ ଆଣି ତଦନ୍ତ କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା । ବୁଧବାର ରାତିରେ ବୌଦ୍ଧ ପୋଲିସକୁ ଖବର ମିଳିଥିଲା ଯେ, ଜଣେ ମହିଳାଙ୍କ ମୃତଦେହ ବଡ଼ମ୍ବା ଥାନାର ବାଙ୍ଗିଟିଙ୍ଗୀର ନରଣପୁର ନଦୀ କୂଳରେ ଲାଗିଛି । ଏନେଇ ପୋଲିସ ପ୍ରତିମାଙ୍କ ପରିବାରକୁ ଖବର ଦେବା ସହ ଗୁରୁବାର ସକାଳୁ ଏକ ପୋଲିସ ଟିମ୍ ବଡ଼ମ୍ବା ଅଞ୍ଚଳକୁ ଯାଇଥିଲା । ମୃତଦେହ ପ୍ରତିମାଙ୍କର ବୋଲି ପରିବାର ଲୋକ ଚିହ୍ନଟ କରିଥିଲେ ।

# ପ୍ରମାଣ ଅଭାବରୁ ସବ୍ୟସାଚୀ, ଆଜାଦ୍ ଦୋଷମୁକ୍ତ

ନୟାଗଡ଼ ଅଫିସ,୭।୧୦

**ମାଓବାଦୀଙ୍କ ଦଶପଲ୍ଲା ଥାନା,କ୍ୱାର୍ଟର୍ସ ପୋଡ଼ି ମାମଲା**

ନୟାଗଡ଼ ଜିଲାରେ ମାଓବାଦୀ ଆକ୍ରମଣ ଘଟଣାରେ ଦଶପଲ୍ଲା ଥାନା ଓ ଥାନା ଅଧିକାରୀଙ୍କ କ୍ୱାର୍ଟର୍ସ ପୋଡ଼ିମାମଲାର ରାୟ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଗୁରୁବାର ପ୍ରକାଶ ପାଇଛି । ଜିଲା ଜଜ ଓ ଦୌରାଜଜ ରୂପଶୀ ଚୌଧୁରୀ ଏହି ମାମଲାକୁ ବିଚାର କରି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଓ ତାଙ୍କ ସହଯୋଗୀ ବି କେଶବ ରାଓ ଓରଫ ଆଜାଦ୍‌ଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି । ତେବେ ଶୁକ୍ରବାର ଦଶପଲ୍ଲା ନଡ଼ିଆ ଗାଡ଼ି ଅପହରଣ ମାମଲାର ରାୟ ଜିଲା ଦୌରାଜଜଙ୍କ କୋର୍ଟରେ ପ୍ରକାଶ ପାଇବାର ଥିବାରୁ ଉଭୟଙ୍କୁ ଖୁଣ୍ଟୁବନ୍ଧସ୍ଥିତ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷେ ରବି ଦୁଲ୍ଲାରୀଙ୍କ ପରଲୋକ ଯୋଗୁ ତାଙ୍କ ଫାଇଲ ବନ୍ଦ ହୋଇଛି । ସବ୍ୟସାଚୀ, ଆଜାଦ୍ ଓ ରବିଙ୍କ ନାମରେ ୯ଟି ମାମଲା ରହିଥିଲା। ଆଜାଦ୍ ୭ ମାମଲାରୁ ଖଲାସ ହୋଇ ସାରିଥିବାବେଳେ ସବ୍ୟସାଚୀ ୨ ମାମଲାରୁ ମୁକ୍ତି ପାଇଛନ୍ତି ବୋଲି ଆଇନଜୀବୀ



ସବ୍ୟସାଚୀ ପଣ୍ଡା

ଅମୀୟ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ନୟାଗଡ଼ ଜିଲାରେ ୨୦୦୮ ଫେବୃୟାରୀ ୧୫ରେ ରାତିରେ ସଶସ୍ତ୍ର ମାଓବାଦୀମାନେ ଆକ୍ରମଣ କରିଥିଲେ । ଏଥିରେ ୧୫ ପୋଲିସ କର୍ମଚାରୀଙ୍କ ସହ ଜଣେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେଦିନ ରାତିରେ ନୟାଗଡ଼ର ରିଜର୍ଭ ଅଫିସ, ପିଟିଏସ୍, ନୟାଗଡ଼ ଥାନା, ମହିପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ । ଏଥିସହିତ ଦଶପଲ୍ଲା ଥାନା ପୋଡ଼ି, ନଡ଼ିଆ ଟ୍ରକ ଅପହରଣ ଓ ଥାନା ଅଧିକାରୀଙ୍କ କ୍ୱାର୍ଟର୍ସରେ ନିଆଁ ଲଗାଇ ଦେଇଥିଲେ । ମାଓବାଦୀମାନେ ରିଜର୍ଭ ଅଫିସ ଓ ପୋଲିସ ଟ୍ରେନିଂ ସ୍କୁଲ ଆର୍ମେରୀରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଆମ୍ୟୁନେଶନ୍(ଜୀବନ୍ତ ଗୁଳି), ୩ ହଜାରରୁ ଊର୍ଦ୍ଧ୍ୱ ଗ୍ରେନେଡ୍ ୩୬-ହାଇ ଏକ୍ସପ୍ଲୋସିଭ୍ ବୋମା (ଜୀବନ୍ତ), ଏକେ ୪୭ ଶକ୍ତିଶାଳୀ ବନ୍ଧୁକ ଲୁଟି ନେଇଥିଲେ। ଗୋଟିଏ ଘରୋଇ ବସ୍ ଓ ଏକ ମିନିଟ୍ରକ୍‌ରେ ଏସବୁ ସାମଗ୍ରୀ ନେଇଯାଇଥିଲେ। ଏହି ଘଟଣାରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ସମେତ ୧୯ ମାଓବାଦୀ ଗିରଫ ହୋଇଥିଲେ। ତେବେ ପ୍ରମାଣ ଅଭାବରୁ ୧୩ଜଣ ଖଲାସ ହୋଇ ସାରିଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟି ସାରିଛି । ଅବଶିଷ୍ଟ ୪ଜଣ ମଧ୍ୟରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଓ ବି କେଶବ ରାଓ ଓରଫ ଆଜାଦ୍ ବ୍ରହ୍ମପୁର ଜେଲରେ ଅଛନ୍ତି। ସେହିପରି ନୟାଗଡ଼ ସବ୍‌ଜେଲରେ ମଞ୍ଜୁଲତା ମୁଦୁଲି, ପ୍ରତାପ କିଣ୍ଡିକା ଅଛନ୍ତି। ସେମାନଙ୍କର ବି ବିଚାର ଚାଲିଛି।

# 'ଦ୍ୱିତୀୟ ଡୋଜ୍ ଟିକା ନେବା ଜରୁରୀ'

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ରାଜ୍ୟରେ ଏବେ କରୋନା ସଂକ୍ରମଣ ଉପର ତଳ ହେଉଥିବାବେଳେ ଏହାକୁ ମୁକାବିଲା କରିବା ପାଇଁ ସରକାର ସତର୍କତାମୂଳକ କାର୍ଯ୍ୟ ପନ୍ଥା ଅବଲମ୍ବନ କରୁଛନ୍ତି। ଏହାରି ଭିତରେ ଟିକାକରଣକୁ ସରକାର ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଲୋକେ ସଚେତନ ନ ହୋଇ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ଆସୁନାହାନ୍ତି। ବିଳମ୍ବ ହେଲେ ବି ଦ୍ୱିତୀୟ ଡୋଜ୍ ଟିକା ନେବା ଜରୁରୀ ବୋଲି ଗୁରୁବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ଓଡ଼ିଶାରେ ଟିକାକରଣକୁ ନେଇ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩ କୋଟି ୨୧ ଡୋଜ୍ ଟିକାକରଣ ହୋଇଛି। ପ୍ରଥମ ଡୋଜ୍ ୨ କୋଟି ୩୦ ଲକ୍ଷ ଏବଂ ଦ୍ୱିତୀୟ ଡୋଜ୍ ୯୧ ଲକ୍ଷ ଟିକାକରଣ କରାଯାଇଛି। ଯେଉଁମାନଙ୍କର ଦ୍ୱୀତୀୟ ଡୋଜ୍ ଟିକା ନେବାର ସମୟ ହୋଇଛି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଟିକା ନେଇଛନ୍ତି। ଅବଶିଷ୍ଟ ୨୦ ପ୍ରତିଶତ ଲୋକଙ୍କୁ କିପରି ଦିଆଯିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡିକର୍ମୀଙ୍କ ସହାୟତାରେ ଟିକାକରଣ ପାଇଁ ପ୍ରୟାସ ଚାଲିଛି। ୧୫ ଦିନ ପୂର୍ବରୁ ୩୩ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ନେବାକୁ ଥିବାବେଳେ ଏବେ ୨୧ ଲକ୍ଷ ଲୋକ ଅଛନ୍ତି। ବର୍ତ୍ତମାନ ୨୩ ଲକ୍ଷ ଡୋଜ୍ ଟିକା ମହଜୁଦ ଅଛି। ଦୈନିକ ୪ ଲକ୍ଷ ଟିକାକରଣ ଲାଗି ଟାର୍ଗେଟ ରହିଛି। ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପ୍ରଥମ ଡୋଜ୍ ଟିକା ଦେବାର ଲକ୍ଷ୍ୟ ରଖାଯାଇଛି ବୋଲି ଡା. ପାଣିଗ୍ରାହୀ କହିଛନ୍ତି।

ପରିବାର କଲ୍ୟାଣ ନିର୍ଦ୍ଦେଶକ ଆହୁରି କହିଛନ୍ତି, ଭିନ୍ନକ୍ଷମ, ବୟସ୍କ, ଶଯ୍ୟାଶାୟୀ ବ୍ୟକ୍ତିଙ୍କୁ ଘରେ ଟିକା ଦିଆଯିବା ନେଇ ଜିଲାସ୍ତରରେ ପ୍ରୟାସ ଆରମ୍ଭ ହୋଇଛି। ଜିଲା ସ୍ତରରେ ହେଲ୍ପଲାଇନ ନମ୍ବର କରାଯାଇଛି। ସେହି ନମ୍ବରରେ ଯୋଗାଯୋଗ କଲେ ଘରେ ପହଞ୍ଚି




ଟିକାକରଣ କରାଯିବ। ଏହା ୩-୪ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ଘର ପାଖରେ ଟିକାକରଣ କେନ୍ଦ୍ର କରାଯାଇଥିଲେ ବି ଅନେକ ଲୋକ ଆସିପାରିଲେନି। ଯେଉଁମାନେ ଟିକାକରଣ କେନ୍ଦ୍ରକୁ ଆସି ପାରୁନାହାନ୍ତି କେବଳ ସେମାନଙ୍କୁ ଘରେ ଟିକା ଦିଆଯିବ। ଗୋଟିଏ ଡୋଜ୍ ନେଲେ ପୂର୍ଣ୍ଣ ରୂପରେ ସୁରକ୍ଷିତ ନୁହେଁ। ତେଣୁ ବିଳମ୍ବ ହେଲେ ବି ଦ୍ୱିତୀୟ ଡୋଜ୍ ନେବା ଜରୁରୀ। ଅନ୍ୟପକ୍ଷରେ ଭୁବନେଶ୍ୱରର ଯେଉଁ ଜାଗାରେ କରୋନା ସଂକ୍ରମଣ ବଢ଼ିବ ସେଠାରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରାଯିବ ବୋଲି ଡିଏମ୍‌ଇଟି ଡା. ସି.ବି.କେ. ମହାନ୍ତି କହିଛନ୍ତି। ପୂର୍ବରୁ କିଛି ଜାଗାରେ ସଂକ୍ରମଣ ବଢ଼ିବା ଆଶଙ୍କା କରି ଲୋକଙ୍କ ହିତ ଦୃଷ୍ଟିରୁ କଣ୍ଟେନମେଣ୍ଟ ଜୋନ୍ କରାଯାଇଥିଲା। ଗତ ୭ ଦିନ ହେଲାଣି ସଂକ୍ରମଣ ଉପର ତଳ ହେଉଛି। ମାତ୍ର ଭୁବନେଶ୍ୱରରେ ସଂକ୍ରମଣ ସାମାନ୍ୟ ବୃଦ୍ଧି ପାଇଛି। ଲୋକଙ୍କ ଚାଲିଚଳନ ଓ ଆଚରଣ ଉପରେ ସଂକ୍ରମଣ ବୃଦ୍ଧି ନିର୍ଭର କରୁଛି ବୋଲି ଡିଏମ୍‌ଇଟି କହିଛନ୍ତି। ଅନ୍ୟପଟେ ରାଜ୍ୟରେ ଗତ ୨୪ଘଣ୍ଟାରେ ୨୫ଟି ଜିଲାରୁ ଆଉ ୫୮୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୨୯,୯୯୪ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୭ଜଣଙ୍କ ମୃତ୍ୟୁ ପରେ ଏବେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୨୩୪କୁ ବୃଦ୍ଧି ପାଇଛି।

## କୋଇଲା ଚିନ୍ତାରେ ଇସ୍ପାତ ଉତ୍ପାଦନକାରୀ

ଭାରତରେ ବର୍ତ୍ତମାନ କୋଇଲା ଅଭାବ ଉତ୍କଟ ହୋଇଛି। ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀଗୁଡିକ ଏହାଦ୍ୱାରା ସମସ୍ୟା ସାମ୍ନା କରୁଛନ୍ତି। କୋଇଲା ଅଭାବ ଯୋଗୁ ବର୍ତ୍ତମାନ ଇସ୍ପାତ ଉତ୍ପାଦନକାରୀଙ୍କ ଚିନ୍ତା ବଢ଼ିଛି। କୋଇଲା ଯୋଗୁ ଇସ୍ପାତ ଶିଳ୍ପର ଉତ୍ପାଦନ ଖର୍ଚ୍ଚ ମଧ ବଢ଼ିଛି। ସପ୍ଲାଇ ଲାଗି କମ୍ପାନୀଗୁଡିକ ଅନ୍ୟ ଇଣ୍ଡଷ୍ଟ୍ରିଆଲ କଞ୍ଜ୍ୟୁମର ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖାଯାଉଛି। ଇ-ନିଲାମ ଦ୍ୱାରା କୋଇଲା ସଂଗ୍ରହ କଲେ କମ୍ପାନୀଗୁଡିକୁ ୪ ଗୁଣା ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି।

### ସଂକ୍ଷେପରେ

## ରାଜ୍ୟଗୁଡ଼ିକୁ ୪୦ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୭।୧୦:** କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷତିପୂରଣ ବାବଦରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଗୁରୁବାର ୪୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଅଦ୍ୟାବଧି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ କେନ୍ଦ୍ର ୧.୧୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି। ଏହି ଅର୍ଥକୁ ରାଜ୍ୟଗୁଡିକ ଲାଗି କେନ୍ଦ୍ର ଋଣ କରି ପ୍ରଦାନ କରୁଛି। ଆର୍ଥିକ ବର୍ଷ ସାରା ୧.୫୯ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ଋଣ କରି ରାଜ୍ୟଗୁଡିକୁ ଦିଆଯିବ। ଏଥି ମଧ୍ୟରୁ ଅଦ୍ୟାବଧି ୭୨% ଅର୍ଥ ପ୍ରଦାନ କରାଗଲାଣି। ସେସ୍ ସଂଗ୍ରହ ଅର୍ଥରୁ କେନ୍ଦ୍ର ପ୍ରତି ୨ ମାସରେ କ୍ଷତିପୂରଣ ରାଶି ପ୍ରଦାନ କରୁଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ୧.୫୯ ଲକ୍ଷ କୋଟି ଟଙ୍କା ଋଣ ଦ୍ୱାରା ରାଜ୍ୟଗୁଡିକୁ ପ୍ରଦାନ କରାଯିବ ବୋଲି ମେ ମାସରେ ଅନୁଷ୍ଠିତ ୪୩ତମ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ୨୦୨୦-୨୧ରେ କେନ୍ଦ୍ର ରାଜ୍ୟଗୁଡିକୁ ୧.୧୦ ଲକ୍ଷ କୋଟି ଏଭଳି ଉପାୟରେ ଦେଇଥିଲା। ଚଳିତ ଆର୍ଥିକ ବର୍ଷରେ ୧ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ରାଶି ବାଦ୍ ଅତିରିକ୍ତ ୧.୫୯ ଲକ୍ଷ କୋଟି ଋଣ ଦ୍ୱାରା ଦିଆଯିବ। ଫଳରେ ମୋଟ କ୍ଷତିପୂରଣ ରାଶି ୨.୫୯ ଲକ୍ଷ କୋଟି ଟଙ୍କା ଛୁଇଁବ।

## ୭ ଇଲେଭେନ ଷ୍ଟୋର ଖୋଲିବ ରିଲାଏନ୍ସ

**ନୂଆଦିଲ୍ଲୀ,୭।୧୦:** ଡଲାସ ଭିତ୍ତିକ କମ୍ପାନୀ ୭ ଇଲେଭେନ ରିଲାଏନ୍ସ ରିଟେଲ ଭେଞ୍ଚର ସହ ଚୁକ୍ତିରେ ସାମିଲ ହୋଇଛି। ଏହାଦ୍ୱାରା ଭାରତରେ କମ୍ପାନୀ କନଭିନିଏନ୍ସ ଷ୍ଟୋର ଖୋଲିବା ଯୋଜନା ରଖିଛି। ଫ୍ୟୁଚର ଗ୍ରୁପ୍ ସହ ଚୁକ୍ତି ରଦ୍ଦ କରିବା ପରେ କମ୍ପାନୀ ଏଭଳି ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ଶନିବାର ମୁମ୍ବାଇର ଅନ୍ଧେରିରେ ଏହି ୭ ଇଲେଭେନ ଷ୍ଟୋର ଶୁଭାରମ୍ଭ ହେବ ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ଅଧିକ ଷ୍ଟୋର ଖୋଲିବା ନେଇ ଯୋଜନା ରଖାଯାଇଛି। ୭ ଇଲେଭେନ ଷ୍ଟୋର ଆଣି ଅତ୍ୟନ୍ତ ଖୁସି ବୋଲି ରିଲାଏନ୍ସ ଭେଞ୍ଚର ଲିମିଟେଡ୍‌ର ନିର୍ଦ୍ଦେଶକ ଇଶା ଅମ୍ବାନୀ କହିଛନ୍ତି।

# ଚଳିତ ଆର୍ଥିକ ବର୍ଷ ୮.୩% ବଢ଼ିବ ଜିଡିପି

### ବିଶ୍ୱ ବ୍ୟାଙ୍କର ଆକଳନ




**ନୂଆଦିଲ୍ଲୀ,୭।୧୦**

ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତୀୟ ଅର୍ଥ ବ୍ୟବସ୍ଥାର ମୋଟ ଘରୋଇ ଉତ୍ପାଦ(ଜିଡିପି) ୮.୩% ହାରରେ ବୃଦ୍ଧି ଘଟିବ। ସରକାରଙ୍କ ନିବେଶ ଏବଂ ମାନୁଫାକ୍ଚରିଂ କାର୍ଯ୍ୟକଳାପକୁ ଉତ୍ସାହିତ କରିବା ଦିଗରେ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଜିଡିପିକୁ ସହାୟକ ହେବ ବୋଲି ବିଶ୍ୱବ୍ୟାଙ୍କ କହିଛି। କରୋନା କଟକଣା ହଟୁଥିବାରୁ ବର୍ତ୍ତମାନ ଆର୍ଥିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେଉଛି। ଆର୍ଥିକ ସୁଧାର କ୍ଷେତ୍ରରେ ସେବା କ୍ଷେତ୍ରର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ରିପୋର୍ଟରେ କୁହାଯାଇଛି।

ଚଳିତ ଆର୍ଥିକ ବର୍ଷରେ ଭାରତର ରିୟଲ ଜିଡିପି ୮.୩% ହାରରେ ବଢ଼ିବ। ଚଳିତ ବର୍ଷ ମାର୍ଚ୍ଚରେ କରାଯାଇଥିବା ଆକଳନ ତୁଳନାରେ ଏହା ୧.୮% କମ୍ ବୋଲି ବିଶ୍ୱ ବ୍ୟାଙ୍କ ଏହାର ଦକ୍ଷିଣ ଏସିଆ ଅର୍ଥନୈତିକ ଅପ୍‌ଡେଟ୍‌ରେ କହିଛି। ସେହିଭଳି ଆସନ୍ତା ବର୍ଷରେ ଅଭିବୃଦ୍ଧି ୭.୫% ରହିପାରେ। ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୯.୫% ରହିବ ବୋଲି ଆର୍‌ବିଆଇ ଆକଳନ କରିଛି। ଆର୍ଥିକ ସୁଧାର ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବାରୁ ଏହା ୧୦% ରହିପାରେ ବୋଲି ସରକାରୀ ଅଧିକାରୀମାନେ କହୁଛନ୍ତି। ସେହିଭଳି ବର୍ତ୍ତମାନ ଟିକାକରଣରେ ଉନ୍ନତି ପରିଲକ୍ଷିତ ହେଉଥିବାରୁ ଏହା ବଜାର ଲାଗି ଲାଭକାରୀ ସାବ୍ୟସ୍ତ ହେଉଛି।

ବିଶ୍ୱବ୍ୟାଙ୍କର ଦକ୍ଷିଣ ଏସିଆ ଅର୍ଥନୀତିଜ୍ଞ ହାଂସ ଟିମର କହିଛନ୍ତି, ଚଳିତ ବର୍ଷ ଭାରତ ବଜାରର ଅଭିବୃଦ୍ଧି ୭.୫%ରୁ ୧୨.୫% ମଧ୍ୟରେ ରହିପାରେ। ଆର୍ଥିକ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ। ସେହିଭଳି ବ୍ୟାଙ୍କଗୁଡ଼ିକରେ ଅନାଦାୟ ଋଣ ପରିମାଣ ବଢିବା ନେଇ ଆଶଙ୍କା କରାଯାଇଛି। ସେହିଭଳି କୋଭିଡ୍‌ର ନୂଆ ଲହର ବଜାରକୁ ପ୍ରଭାବିତ କରିପାରେ। ଟିକାକରଣକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏହି ସମୟରେ ଦକ୍ଷିଣ ଏସିଆର ହାରାହାରି ଜିଡିପି ଅଭିବୃଦ୍ଧି ୩.୪% ରହିପାରେ। ଦେଶ ସମୂହଙ୍କୁ ଦୀର୍ଘ ମିଆଦୀ ବିକାଶ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଟିମର ମତ ରଖିଛନ୍ତି।

### ସୁଧାର ପ୍ରକ୍ରିୟାକୁ ବିଳମ୍ବ କରିଛି କୋଭିଡ୍: ଫିଚ୍

**ନୂଆଦିଲ୍ଲୀ,୭।୧୦:** କୋଭିଡ୍ ଦେଶର ସୁଧାର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ କରିନାହିଁ। ବଜାରରେ ପ୍ରଭାବ ଆସିବା ଯୋଗୁ ସୁଧାର ପ୍ରକ୍ରିୟା ବିଳମ୍ବ ହୋଇଥିବା ଫିଚ୍ ରେଟିଂ ପକ୍ଷରୁ କୁହାଯାଇଛି। ଏହି ଏଜେନ୍ସି ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ ୮.୭%କୁ ହ୍ରାସ କରିଛି। ମାତ୍ର ଆର୍ଥିକ ବର୍ଷ ୨୦୨୨-୨୩ରେ ଜିଡିପି ୧୦% ରହିବ ବୋଲି ଏହା ଆକଳନ କରିଛି। ଫିଚ୍ ରେଟିଂ ଏହାର ଏପିଏସି ସୋଭରେନ କ୍ରେଡିଟ ଓଭରଭିୟୁରେ କହିଛି, ଭାରତର ବିବିବି- ନେଗେଟିଭ ରେଟିଂ ଦୃଢ ମଧ୍ୟମ ମିଆଦୀ ଅଭିବୃଦ୍ଧି ଦିଗରେ ସମନ୍ୱୟ ରକ୍ଷା କରୁଛି। ମହାମାରୀ ଯୋଗୁ ଦେଶର ପବ୍ଲିକ ଫାଇନାନ୍ସ ଋଣ କ୍ଷେତ୍ରରେ ଏକ ପ୍ରକାର ଅନିଶ୍ଚିତତା ରହିଛି। କୋଭିଡ୍‌ର ଦ୍ୱିତୀୟ ଲହର ବଜାର ଉପରେ ପ୍ରଭାବ ପକାଇଛି। ଜୁନ ମାସରେ ଏହି ଏଜେନ୍ସି ଭାରତର ଅଭିବୃଦ୍ଧି ଆକଳନକୁ ୧୨.୮%ରୁ ୧୦%କୁ ଖସାଇଥିବା ବେଳେ ବର୍ତ୍ତମାନ ପୁଣି ଏଥିରେ ହ୍ରାସ କରିଛି।

## ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ବିଏସ୍‌କେୱାଇ ସଚେତନତା



**ନରସିଂହପୁର,୭।୧୦**

ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସମ୍ପର୍କିତ ମେଗା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନରସିଂହପୁରସ୍ଥିତ ବ୍ୟାଖ୍ୟାନ କେନ୍ଦ୍ରଠାରେ ସଚେତନତା କାର୍ଯ୍ୟକ୍ରମକୁ ବଡ଼ମ୍ବା-ନରସିଂହପୁର ବିଧାୟକ ଦେବୀପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ ଯୋଜନା ସହ ଏହି ହସ୍ପିଟାଲ ଯୋଡ଼ି ହୋଇଛି। ଉକ୍ତ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରତିଟି ସମୟରେ ସରକାରଙ୍କ ଅଭିଯାନରେ ସଦ୍‌ଗୁରୁ ହସ୍ପିଟାଲ ଯୋଡ଼ିହୋଇଛି। ବିଏସ୍‌କେୱାଇ ସେବା ଯୋଗାଇବା ଲାଗି ହସ୍ପିଟାଲ ପ୍ରତିଶ୍ରୁତିବଦ୍ଧ ବୋଲି ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଯୋଗାଯୋଗ ନିର୍ଦ୍ଦେଶକ ନୋବିନା ବୋଥାଲୁ ମହାନ୍ତି, ମେଡିକାଲ ଅଫିସର ବିବେକାନନ୍ଦ ସ୍ୱାଇଁ, ତହସିଲଦାର ଆଲୋକ ଦେହୁରୀ, ନରସିଂହପୁର ଚେୟାରମ୍ୟାନ କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଜୋନାଲ କାର୍ଯ୍ୟାଳୟ



**ଭୁବନେଶ୍ୱର,୭।୧୦**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଜୋନାଲ କାର୍ଯ୍ୟାଳୟ ଓଡ଼ିଶାରେ ଆରମ୍ଭ ହୋଇଛି। ଗ୍ରାହକଙ୍କ ବହୁବିଧ ବ୍ୟାଙ୍କିଙ୍ଗ୍ ଆବଶ୍ୟକତା ପୂରଣ ଦିଗରେ ଏହା ଯୋଗଦାନ ରଖିବ। ରାଜ୍ୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୧୯ ଶାଖା ରହିଛି। ଖୁଚୁରା, କୃଷି ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଏହା ରାଜ୍ୟରେ ଋଣ ଯୋଗାଇଦେବ। ଲୋକଙ୍କ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସିଆଲ ଆବଶ୍ୟକତା ପୂରଣରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ସମ୍ପ୍ରସାରିତ ନେଟ୍‌ୱର୍କ ଏବଂ ଚ୍ୟାନେଲ ଦ୍ୱାରା ବ୍ୟାଙ୍କ ସେବା ଯୋଗାଣ ଲକ୍ଷ୍ୟ ଦିଗରେ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଭୁବନେଶ୍ୱର ଜୋନର ଜୋନାଲ ମ୍ୟାନେଜର ବିନୟ କୁମାର କହିଛନ୍ତି। ମାର୍ଚ୍ଚ ୨୨ ସୁଦ୍ଧା ବ୍ୟାଙ୍କ ରାଜ୍ୟରେ ଆହୁରି ୨୦ ଶାଖା ଖୋଲିବାକୁ ଯୋଜନା ରଖିଛି।

## ଯାନ ପଞ୍ଜୀକରଣ ୫.୨୭% କମିଲା

**ନୂଆଦିଲ୍ଲୀ,୭।୧୦**

ଚଳିତ ବର୍ଷ ସେପ୍ଟେମ୍ବରରେ ଯାନ ପଞ୍ଜୀକରଣ ୫.୨୭% ହ୍ରାସ ଘଟିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଏଫ୍ଏଡିଏ) ପକ୍ଷରୁ ସୂଚନା ମିଳିଛି। ୨୦୧୯ ସେପ୍ଟେମ୍ବର କଥା ବିଚାରକୁ ନେଲେ ପଞ୍ଜୀକରଣ ୧୩.୫% ନିମ୍ନରେ ରହିଛି। ୨ ଚକିଆ ଏବଂ ଟ୍ରାକ୍ଟର ବିକ୍ରି କଥା ବିଚାରକୁ ନେଲେ ଏହା ଯଥାକ୍ରମେ ୧୧.୫% ଏବଂ ୨୩% ନିମ୍ନରେ ରହିଛି। ବାଣିଜ୍ୟିକ ଯାନ ବିକ୍ରି ଅଭିବୃଦ୍ଧି ୪୭% ଉନ୍ନତ ରହିଛି। ଭାରି ଯାନ ବିକ୍ରି ଅଭିବୃଦ୍ଧି ୧୮୯% ଉର୍ଦ୍ଧ୍ୱରେ ରହିଛି। ୨୦୧୯ ସେପ୍ଟେମ୍ବର ତୁଳନାରେ ବାଣିଜ୍ୟିକ ଯାନ ବିକ୍ରି ୧.୫୦% ନିମ୍ନରେ ରହିଛି। ଗତ ୧୮ ମାସ ମଧ୍ୟରେ ପ୍ରଥମ ଥର ଲାଗି ମଧ୍ୟମ ବର୍ଗ ବାଣିଜ୍ୟିକ ଯାନ ବିକ୍ରି କୋଭିଡ୍ ପୂର୍ବ ସ୍ଥିତିକୁ ଫେରିଛି।

## ଓଡ଼ିଶା ବଜାରରେ ଏକ୍ସୟୁଭି ୭୦୦




**ଭୁବନେଶ୍ୱର,୭।୧୦:** ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ବହୁ ପ୍ରତୀକ୍ଷିତ ଏକ୍ସୟୁଭି ୭୦୦ ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଫୁଲନଖରାସ୍ଥିତ ବମ୍ଫକୁଦସ୍ଥିତ ଆଦିତ୍ୟ ମୋଟର୍ସଠାରେ ଓଡ଼ିଆ ସିନେମା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଶୋ'ରୁମ୍‌ର ଏମ୍‌ଡି ଆଦିତ୍ୟ ପାତ୍ର, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଆର୍ଏସ୍ଏମ୍ ବିଜୟ ଗୁପ୍ତା, ଏଏସ୍ଏମ୍ କିଶୋର କୌଶଳ, ଶୋ'ରୁମ୍‌ର ଜେନେରାଲ ମ୍ୟାନେଜର ମନୋଜ କୁମାର ରଥ ଉପସ୍ଥିତ ରହି ନୂଆ ଯାନଟିକୁ ଉନ୍ମୋଚନ କରାଇଥିଲେ। ଯାନଟିର ବୁକିଂ ଆରମ୍ଭ ହୋଇଛି। ମାତ୍ର ୫୭ ମିନିଟରେ ସାରା ଦେଶରେ ଏହା ୨୫ ହଜାର ବୁକିଂ ଲାଭ ହାସଲ କରିଛି। ଏହି ସଫଳତା ହାସଲ କରିବାରେ ଏକ୍ସୟୁଭି ୭୦୦ ପ୍ରଥମ ମଡେଲ ବୋଲି ଜଣାପଡିଛି। ୮ ଅକ୍ଟୋବର ଦିନ ବୁକିଂକୁ ପୁଣି ଥରେ ଖୋଲାଯାଇଛି। ନିକଟସ୍ଥ ଡିଲରଶିପ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମରେ ଏହା ବୁକିଂ କରାଯାଇପାରିବ। ଯାନଟି ୧୨.୪୯ ଲକ୍ଷ ଟଙ୍କାରୁ ୨୨.୯୯ ଲକ୍ଷ ଟଙ୍କା ମଧ୍ୟରେ ଉପଲବ୍ଧ ହେଉଛି।

## ସଶକ୍ତ ହୋଇଛି ବାୟୁସେନା

### ବାୟୁସେନା ଦିବସ



ଭାରତୀୟ ପ୍ରତିରକ୍ଷାରେ ବାୟୁସେନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛି। ୧୯୩୨ ଅକ୍ଟୋବର ୮ରେ ଭାରତୀୟ ବାୟୁସେନା ସ୍ଥାପନ କରାଯାଇଥିଲା। ବ୍ରିଟିଶ ଶାସନ ଅମଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତୀୟ ବାୟୁସେନାର କାର୍ଯ୍ୟକୁ ବେଶ୍ ପ୍ରଶଂସା କରାଯାଇଥିଲା। ସେତେବେଳେ ଏହାର ନାମ ରୟାଲ ଇଣ୍ଡିଆନ ଏୟାର ଫୋର୍ସ ରହିଥିଲା। ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ମଧ ସେହି ନାମରେ ବାୟୁସେନା କାର୍ଯ୍ୟ ଜାରି ରଖିଥିଲା। ତେବେ ୧୯୫୦ରେ ରୟାଲକୁ ହଟାଇ ଦିଆଯାଇ କେବଳ ଇଣ୍ଡିଆନ ଏୟାର ଫୋର୍ସ ରଖାଯାଇଥିଲା। ଇତିମଧ୍ୟରେ ବାୟୁସେନାକୁ ୮୯ ବର୍ଷ ପୂରଣ ହୋଇଛି।

୧୯୫୦ଠାରୁ ବାୟୁସେନା ୪ଟି ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭାରତୀୟ ବାୟୁସେନାରେ ୧,୪୦୦ ବିମାନ ନିଜର ସେବା ଜାରି ରଖିଛନ୍ତି। ସେହିପରି ଏଥିରେ ୧,୭୦,୦୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି।

ଦେଶର ପ୍ରତିରକ୍ଷା କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଭାରତୀୟ ବାୟୁସେନାର ମୁଖ୍ୟ ଲକ୍ଷ୍ୟ। ସ୍ଥଳ ସେନା ଏବଂ ନୌସେନାର ସହଯୋଗରେ ବାୟୁସେନା ସଜାଗ ପ୍ରହରୀ ଭାବେ ଦେଶ ମାତୃକାର ସେବାରେ ଉଲ୍ଲେଖନୀୟ ଦାୟିତ୍ୱ ନିର୍ବାହ କରିଥାଏ।

ବାୟୁସେନାର କାର୍ଯ୍ୟ ସମ୍ପର୍କରେ ସଚେତନତା ଏବଂ ପ୍ରତିରକ୍ଷା ସେବା ପ୍ରତି ଯୁବବର୍ଗଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୮ରେ ବାୟୁସେନା ଦିବସ ପାଳନ କରାଯାଉଛି।

### ଫୁରସତ୍

## ସିମ୍ କାର୍ଡରେ ସୋନୁ

**ନୂଆଦିଲ୍ଲୀ:** ସିମ୍‌କାର୍ଡରେ ସୋନୁ ସୁଦଙ୍କ ଫଟୋ। ଏତେ ଛୋଟ ସ୍ଥାନରେ ସୋନୁଙ୍କ ଫଟୋକୁ ନିଖୁଣ ଭାବେ ଅଙ୍କିଛନ୍ତି କଳାକାର ସୋମିନ୍। ସିମକାର୍ଡରେ ସୋନୁଙ୍କ ମୁହଁର ଅବିକଳ ଫଟୋ ପେଣ୍ଟିଂ କରି ସେ ସୋନୁଙ୍କ ପ୍ରତି ନିଜ ଭଲପାଇବା ପ୍ରଦର୍ଶନ କରିବା ସହିତ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ସୋନୁଙ୍କୁ ନିଜ ସିମ୍ କାର୍ଡରେ ସ୍ଥାନ ଦେଇ ତାଙ୍କୁ ସବୁଦିନ ମନେରଖିବାକୁ ଏପରି କରିଥିବା ସୋମିନ୍ କହିଛନ୍ତି। ତାହାର ଏକ ଫଟୋ ସୋମିନ୍ ତାଙ୍କ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଏତେ ଛୋଟ ସ୍ଥାନରେ ସୋନୁଙ୍କ ମୁହଁର ଚିତ୍ର ଆଙ୍କିଥିବା ଏହି କଳାକାରଙ୍କ ପୋଷ୍ଟକୁ ନିଜେ ସୋନୁ ମଧ ପସନ୍ଦ କରି ପ୍ରତିକ୍ରିୟା ଦେଇଛନ୍ତି।





## 'ସ୍ପିରିଟ୍'ରେ ପ୍ରଭାସ

**ମୁମ୍ବାଇ:** ନବରାତ୍ରର ପ୍ରଥମ ଦିନରେ ୨୫ତମ ଫିଲ୍ମର ଟାଇଟଲ ଘୋଷଣା କରିଛନ୍ତି ତେଲୁଗୁ ସୁପରଷ୍ଟାର ପ୍ରଭାସ। ବହୁଭାଷୀ ଫିଲ୍ମ 'ସ୍ପିରିଟ୍'ରେ ସେ ନଜର ଆସିବେ। ଏହା ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ, ହିନ୍ଦୀ ସମେତ ଅନ୍ତର୍ଜାତୀୟ ଭାଷା ଜାପାନୀ, ଚାଇନିଜ ଓ କୋରିଆରେ ମଧ ରିଲିଜ ହେବ। ଫିଲ୍ମର ନିର୍ଦ୍ଦେଶନା ସନ୍ଦୀପ ରେଡ୍ଡୀ ଭାଙ୍ଗା ଦେଉଥିବା ବେଳେ ପ୍ରଯୋଜନା କରିଛି ଟି-ସିରିଜ୍। ପ୍ରଭାସ ଫିଲ୍ମକୁ ନେଇ କହିଛନ୍ତି, ଏହା ତାଙ୍କର ୨୫ ତମ ଫିଲ୍ମ। ଏହାର କାହାଣୀ ଅତ୍ୟନ୍ତ ଆକର୍ଷଣୀୟ। ପ୍ରଶଂସକମାନେ ଏହାକୁ ପସନ୍ଦ କରିବେ। 'ସ୍ପିରିଟ୍' ସହ ଆଗକୁ ଯାତ୍ରା ଜାରି ରହିବ ବୋଲି ସେ ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ଲେଖିଛନ୍ତି। ଅର୍ଜୁନ ରେଡ୍ଡିଙ୍କ ସହ ଅନେକ ବ୍ଲକବଷ୍ଟର ଚଳଚ୍ଚିତ୍ର କରିସାରିଥିବା ସନ୍ଦୀପ ରେଡ୍ଡି ଏବେ 'ସ୍ପିରିଟ୍'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଅର୍ଜୁନ ରେଡ୍ଡିଙ୍କ ଫିଲ୍ମ କବୀର ସିଂ ରିମେକ୍‌ର ମଧ ସନ୍ଦୀପ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଶାହିଦ କପୁରଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିଥିଲା। 'ସ୍ପିରିଟ୍' ବ୍ୟତୀତ ପ୍ରଭାସଙ୍କ ହାତରେ ଅନେକ ପ୍ରୋଜେକ୍ଟ ରହିଛି। ସେ ଏବେ 'ସାଲାର' ଶୁଟିଂରେ ବ୍ୟସ୍ତ ଅଛନ୍ତି। 'କେଜିଏଫ୍' ଫେମ୍ ପ୍ରଶାନ୍ତ ନିଲଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ 'ସାଲାର'ରେ ଶ୍ରୁତି ହାସନ ନଜର ଆସିବେ। ଆସନ୍ତା ବର୍ଷ ଏପ୍ରିଲ ୧୪ରେ ଏହା ମୁକ୍ତିଲାଭ କରିବ। ଏଥିସହ ପୌରାଣିକ ଡ୍ରାମା 'ଆଦିପୁରୁଷ' ପାଇଁ ମଧ ପ୍ରଭାସଙ୍କ ଶୁଟିଂ ଚାଲିଛି। ଏଥିରେ ସୈଫ ଅଲ୍ଲୀ ଖାନ୍ ଏବଂ କ୍ରିତି ସାନନ୍ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱ.ସୌଦାମିନୀ ପଣ୍ଡା**
କଳ୍ପନା ଫ୍ଲାଟ୍, ଭୁବନେଶ୍ୱର
ଆବିର୍ଭାବ: ୧୦।୦୮।୧୯୫୬
ତିରୋଧାନ: ୧୫।୧୦।୨୦୧୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ପାଖରେ ଚିର ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୨୧୮୮୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱ.ବିଭୁଦତ୍ତ ରଥ**
Prop: Link Appliances (P) Ltd.
ଜନ୍ମ: ୧୩।୦୩।୧୯୬୯
ତିରୋଧାନ: ୧୮।୧୦।୨୦୨୦
ତୁମର ଅନାବିଳ ପ୍ରେମ, ସ୍ନେହ ଓ ତ୍ୟାଗ ଆମ୍ଭେ କେବେ ଭୁଲି ପାରିବୁ ନାହିଁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ତୁମର ହତଭାଗିନୀ ସ୍ତ୍ରୀ, ପୁତ୍ର: ଅଭିଷେକ (ରାଜା), ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଲିଙ୍କ୍ କର୍ମଚାରୀ ବୃନ୍ଦ।
ଧ-୭୧୫୦୨

**ଏକାଦଶାହ ଉପଲକ୍ଷେ**



**ସ୍ୱ.ଲିଙ୍ଗରାଜ ଗିରି**
ଆବିର୍ଭାବ: ତା୨୦।୦୪।୧୯୬୬
ତିରୋଧାନ: ତା୨୮।୦୯।୨୦୨୧
ସ୍ଥାନ: ବନମାଳୀପୁର, ଖୋର୍ଦ୍ଧା
ଆପଣଙ୍କ ଅମର ଆତ୍ମାର ଶାନ୍ତି ସଦ୍‌ଗତି କାମନା କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୭୦୪୯୪

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ.କ୍ଷୀରୋଦବାସିନୀ ଚୌଧୁରୀ**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର - ୦୬
ଆବିର୍ଭାବ - ୧୭.୦୨.୧୯୩୪
ତିରୋଧାନ - ୧୮.୦୯.୨୦୨୦
ଆଶ୍ୱିନ ମଳ ଶୁକ୍ଳପକ୍ଷ ପ୍ରତିପଦ ତିଥି
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଆମର ଭକ୍ତିପୂତ ନିବେଦନ ଓ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର - ସନ୍ତୋଷ ଚୌଧୁରୀ, ସମରେଶ ଚୌଧୁରୀ, ସଞ୍ଜୟ ଚୌଧୁରୀ
ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ
ଧ-୨୧୮୭୦

**OCEAN FINANCIAL INVESTMENT**
we are largest Investors in Forex Trading & Stock Marketing Invest with us & get daily returns on your investment we will help you to Achieve your goals.
www.oceanfinancialinvestment.com
Contact : 9309040640, 9309042919, 8766621410, 8766629557

**CLASSIFIED DISPLAY**
MORE SPACE • SAME PRICE
TARIFF — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ନବରାତ୍ରୀ ଧମାକା**
ଶ୍ରୀ ବାଲାଜୀ ଫାଇନାନ୍ସରୁ ତୁରନ୍ତ ଋଣ ପାଆନ୍ତୁ। ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
2% ସୁଧ, 50% ଛାଡ଼
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

**BCF FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋଡାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ନିର୍ମଳ କୁମାର ମିଶ୍ର

**ଅକ୍ଟୋବର ୧୭ରୁ ନଭେମ୍ବର ୧୪ ତାରିଖ ମଧ୍ୟରେ ୟୁଏଇ ଓ ଓମାନରେ ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଆୟୋଜନ ହେବ। ଭାରତ ସମେତ ଏହି ମେଗା ଇଭେଣ୍ଟରେ ୧୬ଟି ଦେଶ ଅଂଶଗ୍ରହଣ କରିବେ ଓ ଟୁର୍ନାମେଣ୍ଟରେ ମୋଟ୍ ୪୫ଟି ମ୍ୟାଚ୍ ଖେଳାଯିବ। ଭାରତ ଗ୍ରୁପ୍-୨ରେ ସ୍ଥାନ ପାଇଥିବା ବେଳେ ସୁପର-୧୨ରେ ୨୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ...**

ଅନ୍ତର୍ଜାତୀୟ କ୍ରିକେଟର ଅନ୍ୟତମ ସମ୍ମାନଜନକ ଟୁର୍ନାମେଣ୍ଟ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଏହା ଅଷ୍ଟ୍ରେଲିଆରେ ୨୦୨୦ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ମଧ୍ୟରେ ହେବାର ଥିଲା। ମାତ୍ର କରୋନା ମହାମାରୀ ପାଇଁ ଆଇସିସି ଏହାକୁ ଘୁଞ୍ଚାଇ ଦେଇଥିଲା। ପରବର୍ତ୍ତୀ ଘଟଣାକ୍ରମରେ ଏହି ଟୁର୍ନାମେଣ୍ଟ ଭାରତରେ ହେବ ବୋଲି ୨୦୨୦ ଅଗଷ୍ଟରେ ଆଇସିସି ଘୋଷଣା କରିଥିଲା। ଅତ୍ୟଧିକ କ୍ରିକେଟ କାର୍ଯ୍ୟକ୍ରମ ତଥା ବ୍ୟସ୍ତବହୁଳ କାର୍ଯ୍ୟସୂଚୀ, ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଏବଂ କରୋନା ପରିସ୍ଥିତି ପାଇଁ ଭାରତ ଅଧିକ ସମୟ ମାଗିଥିଲା। ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚଗୁଡ଼ିକୁ ଦୃଷ୍ଟିରେ ରଖି ଏହି ଟୁର୍ନାମେଣ୍ଟ ଗଲ୍ଫ ଦେଶ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଏବଂ ଓମାନରେ ହେବ ବୋଲି ଜୁନ୍ ୨୦୨୧ରେ ଆଇସିସି ସ୍ପଷ୍ଟ କରିଥିଲା। ଏହା ଅକ୍ଟୋବର ୧୭ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ଚାଲିବ।

ପ୍ରତିଯୋଗିତାର ୭ମ ସଂସ୍କରଣରେ ଭାଗ ନେବାକୁ ଯାଉଥିବା ଦେଶଗୁଡ଼ିକ ସେମାନଙ୍କର ଦଳ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିରାଟ କୋହଲିଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଏକ ଶକ୍ତିଶାଳୀ ଦଳ ଘୋଷଣା କରିଛି। ଟୁର୍ନାମେଣ୍ଟରେ ମୋଟ ୧୬ ଦଳ ଭାଗ ନେବେ ଏବଂ ୪୫ଟି ମ୍ୟାଚ ଖେଳାଯିବ। ଟି୨୦ରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ଆଫଗାନିସ୍ତାନ ମଧ୍ୟ ନିଜ ଦେଶର ଆଭ୍ୟନ୍ତରୀଣ ବିଶୃଙ୍ଖଳା ସତ୍ତ୍ୱେ ଏହି ଟୁର୍ନାମେଣ୍ଟରେ ଭାଗନେବ। ଦୁବାଇ, ଶାରଜା, ଆବୁଧାବି ଏବଂ ମସ୍କଟ୍ ଆଦି ୪ଟି ଷ୍ଟାଡିୟମରେ ମ୍ୟାଚଗୁଡ଼ିକ ଖେଳାଯିବ। ଯୋଗ୍ୟତା ପର୍ଯ୍ୟାୟ ପାଇଁ ଗ୍ରୁପ-ଏରେ ଆୟର୍ଲାଣ୍ଡ, ନାମ୍ବିଆ, ନେଦରଲାଣ୍ଡ୍ସ ଏବଂ ଶ୍ରୀଲଙ୍କା ରହିଥିବା ବେଳେ ଗ୍ରୁପ୍-ବି'ରେ ବାଂଲାଦେଶ, ଓମାନ, ପାପୁଆ ନ୍ୟୁଗିନି, ସ୍କଟଲାଣ୍ଡ ରହିଛନ୍ତି। ଆଇସିସି ର୍ୟାଙ୍କିଙ୍ଗ୍ ଅନୁସାରେ ଭାରତ, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଏବଂ ପାକିସ୍ତାନ ଆଦି ୮ଟି ଦଳ ଖେଳିବା ନିଶ୍ଚିତ ହୋଇ ସାରିଛି। ଯୋଗ୍ୟତା ପର୍ଯ୍ୟାୟରେ ୨ଟି ଗ୍ରୁପ୍‌ରୁ ଶ୍ରେଷ୍ଠ ୪ଟି ଦଳ ସୁପର-୧୨ ଦଳରେ ସାମିଲ ହେବେ। ୨୦୧୬ରେ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ ଏକ ରୋମାଞ୍ଚକର ଫାଇନାଲରେ ଇଂଲଣ୍ଡକୁ ହରାଇ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଏହି ଷଷ୍ଠ ସଂସ୍କରଣରେ ବିରାଟ କୋହଲି ପ୍ଲେୟର ଅଫ ଦି ସିରିଜ, ବାଂଲାଦେଶର ଷ୍ଟାର ବ୍ୟାଟର ତାମିମ ଇକ୍‌ବାଲ ସର୍ବାଧିକ ରନ୍ (୨୯୫) ଏବଂ ଆଫଗାନିସ୍ତାନର ମହମ୍ମଦ ନବୀ ୧୨ଟି ଉଇକେଟ୍ ନେଇ ଶ୍ରେଷ୍ଠ ବୋଲର ହୋଇଥିଲେ।

ବର୍ତ୍ତମାନ ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡ ୨୭୮ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୨ୟ ଏବଂ ପାକିସ୍ତାନ ୩ୟ ସ୍ଥାନରେ ରହିଛି। ଶ୍ରୀଲଙ୍କା ର୍ୟାଙ୍କିଙ୍ଗରେ ୧୦ମ ସ୍ଥାନରେ ଥିବାରୁ ସେମାନଙ୍କୁ ଅନ୍ୟ ଆସୋସିଏଟ୍ ଦେଶଗୁଡ଼ିକ ସହ ଯୋଗ୍ୟତା ପର୍ଯ୍ୟାୟ ଖେଳିବାକୁ ହେବ। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟି୨୦ ଇତିହାସରେ ପ୍ରଥମ ଥର ପାଇଁ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପୂର୍ଣ୍ଣ ସଦସ୍ୟ ବିଶିଷ୍ଟ ଦେଶରେ ନ ହୋଇ ସହଯୋଗୀ ଦେଶରେ ହେବାକୁ ଯାଉଛି। ପ୍ରଦର୍ଶନ ଦୃଷ୍ଟିରୁ ଟିମ୍ ଇଣ୍ଡିଆ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଟାଇଟଲ ଦାବିଦାର ରହିଛି। ୨୦୦୭ରେ ଆଇସିସି ଦ୍ୱାରା ଆରମ୍ଭ କରାଯାଇଥିବା ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରେ ଭାରତ ତା'ର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଚାମ୍ପିୟନ ହୋଇଥିଲା। ଭାରତ, ପାକିସ୍ତାନ, ଇଂଲଣ୍ଡ, ଶ୍ରୀଲଙ୍କା ଥରେ ଲେଖାଏ ଏବଂ ୱେଷ୍ଟଇଣ୍ଡିଜ ୨ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି।

ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା ସରିଛି। ବିରାଟ କୋହଲିଙ୍କ ଦଳର ନେତୃତ୍ୱ ନେଉଥିବାବେଳେ ରୋହିତ ଶର୍ମା ଉପଅଧିନାୟକ ରହିବେ। ତାରକା ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଦଳରେ ସାମିଲ କରାଯାଇଛି। ମାତ୍ର ସୀମିତ ଓଭରର ସବୁଠାରୁ ଅନୁଭବୀ ବୋଲର ଯୁଜବେନ୍ଦ୍ର ଚହଲଙ୍କୁ ସ୍ଥାନ ମିଳିନାହିଁ। ଭାରତୀୟ ଦଳର ପୂର୍ବତନ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଦଳର ମେଣ୍ଟର ରୂପେ ମନୋନୀତ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏପରି ଗେମ୍‌ପ୍ଲାନ ଅନେକ କ୍ରୀଡାପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଶ୍ରେୟସ୍ ଆୟାର, ଦୀପକ ଚହର ଏବଂ ଶାର୍ଦ୍ଦୁଳ ଠାକୁରଙ୍କୁ ରିଜର୍ଭ ଖେଳାଳିଭାବେ ନିଆଯାଇଛି। ପୃଥ୍ୱୀ ଶ', ଶିଖର ଧାୱନ ଓ କୃନାଲ ପାଣ୍ଡ୍ୟାଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଇଂଲଣ୍ଡରେ ଭଲ ପ୍ରଦର୍ଶନ କରିଥିବା ଲୋକେଶ ରାହୁଲ ଏବଂ ସୂର୍ଯ୍ୟକୁମାର ଯାଦବଙ୍କୁ ଦଳରେ ସ୍ଥାନ ମିଳିଛି। ଉଇକେଟ କିପର ରିଷଭ ପନ୍ତ ଏବଂ ଇଶାନ କିଶନଙ୍କୁ ଦଳରେ ସାମିଲ କରାଯାଇଛି। ପେସ୍ ବୋଲିଂ ଦାୟିତ୍ୱ ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର ଏବଂ ମହମ୍ମଦ ସାମିଙ୍କ ଉପରେ ନ୍ୟସ୍ତ କରାଯାଇଛି। ଅଲରାଉଣ୍ଡର ରୂପେ ହାର୍ଦ୍ଦିକ ପାଣ୍ଡ୍ୟା, ରାବିନ୍ଦ୍ର ଜାଡେଜାଙ୍କୁ ସ୍ଥାନ ମିଳିଥିବା ବେଳେ, ଅକ୍ଷର ପଟେଲ, ରାହୁଲ ଚହର ଏବଂ ବରୁଣ ଚକ୍ରବର୍ତ୍ତୀଙ୍କୁ ଆଇପିଏଲ ସଫଳତାର ପୁରସ୍କାର ମିଳିଛି। ମାତ୍ର ଧୋନୀଙ୍କ ମେଣ୍ଟର ଦାୟିତ୍ୱକୁ ନେଇ ବିବାଦ ଦେଖାଯାଇଛି; ଯାହାକି ତାଙ୍କ ଅଡୁଆ ବଢ଼ାଇଛି। ଧୋନୀ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ଅଛନ୍ତି। ଲୋଧା କମିଟିର ସଂସ୍କାର ଅନୁସାରେ କୌଣସି ଖେଳାଳି ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ବିବାଦ ମଧ୍ୟରେ ରହିପାରିବେ ନାହିଁ। ମାତ୍ର ଧୋନୀଙ୍କ ମନୋନୟନକୁ ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବ ସମର୍ଥନ ଜଣାଇଛନ୍ତି। ଧୋନୀ ଭାରତୀୟ କ୍ରିକେଟର ସବୁଠାରୁ ସଫଳ ଅଧିନାୟକ ହୋଇଥିବାରୁ ଏହା ନିଶ୍ଚିତ ରୂପେ ବିରାଟ ବାହିନୀ ପ୍ରତି ବେଶ୍ ସହାୟକ ହେବ।

ଟି୨୦ ବିଶ୍ୱକପ୍ ୨୦୨୧ର ପ୍ରଥମ ସେମିଫାଇନାଲ ଆବୁଧାବିରେ ନଭେମ୍ବର ୧୦ ଓ ଦ୍ୱିତୀୟ ସେମିଫାଇନାଲ ୧୧ତାରିଖରେ ଦୁବାଇରେ ଖେଳାଯିବ। ଦୁଇ ସେମିଫାଇନାଲ ମ୍ୟାଚ ପାଇଁ ରିଜର୍ଭ ଦିବସ ମଧ୍ୟ ରଖାଯାଇଛି। ଫାଇନାଲ ମ୍ୟାଚ ନଭେମ୍ବର ୧୪ରେ ଶାରଜାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ମଧ୍ୟ ନଭେମ୍ବର ୧୫କୁ ରିଜର୍ଭ ଦିବସ ରଖାଯାଇଛି। ଆଉ ଏକ ରୋମାଞ୍ଚକ ଟି୨୦ ବିଶ୍ୱକପ୍ ଦେଖିବା ପାଇଁ କ୍ରିକେଟ୍ ପ୍ରେମୀମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ବିଶେଷ କରି ଦୀର୍ଘ ବର୍ଷ ପରେ ପୁଣି ପାକିସ୍ତାନ ସହ ଭାରତ ମ୍ୟାଚ ଖେଳିବାକୁ ଥିବାରୁ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଛି।

**ସପ୍ତମ ସଂସ୍କରଣ**

ଫର୍ମାଟ: ଟି୨୦
ତାରିଖ: ୧୭ ଅକ୍ଟୋବରରୁ ୧୪ ନଭେମ୍ବର
ଆୟୋଜକ: ୟୁଏଇ/ଓମାନ
ଦଳ ସଂଖ୍ୟା: ୧୬
ମ୍ୟାଚ୍ ସଂଖ୍ୟା: ୪୫
ହଷ୍ଟ ସିଟି: ଦୁବାଇ, ଆବୁଧାବି, ଶାରଜା, ମସ୍କାଟ
**ଗ୍ରୁପ୍-୧:**
ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ଗ୍ରୁପ୍ ଏ'ର ପ୍ରଥମ ଓ ଗ୍ରୁପ୍ ବି'ର ଦ୍ୱିତୀୟ ଦଳ।
**ଗ୍ରୁପ୍-୨:**
ଆଫଗାନିସ୍ତାନ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଗ୍ରୁପ୍ ଏ'ର ଦ୍ୱିତୀୟ ଓ ଗ୍ରୁପ୍ ବି'ର ପ୍ରଥମ ଦଳ।




# ଟଚ୍ ଆର୍ଟିଷ୍ଟ ନାଟେକର


ରମେଶ ସାହୁ

ମହାରାଷ୍ଟ୍ରର ନନ୍ଦୁ ନାଟେକର। ଭାରତରେ ବ୍ୟାଡମିଣ୍ଟନ ଖେଳର ଅସଲ ପ୍ରବର୍ତ୍ତକ। ବ୍ୟାଡମିଣ୍ଟନ ପ୍ରାଥମିକ ସ୍ତରରେ ଥିଲାବେଳେ ସେ ଏହି କ୍ରୀଡ଼ାର ସୂକ୍ଷ୍ମ ଦିଗ ପ୍ରତି ଆକୃଷ୍ଟ ହୋଇଥିଲେ। ୧୯୫୦ ଆଦ୍ୟଭାଗ ସମୟର କଥା। ସେତେବେଳକୁ ନାଟେକର ହୋଇସାରିଥିଲେ ଜଣେ ଜାତୀୟ ସ୍ତରୀୟ ଟେନିସ ଓ କ୍ରିକେଟ ଖେଳାଳି। ଦୁଇ ପ୍ରମୁଖ କ୍ରୀଡ଼ାରେ ସେ ଏତେ ସଫଳତା ପାଇଥିଲେ ସୁଦ୍ଧା ସନ୍ତୁଷ୍ଟ ନ ଥିଲେ। ଶେଷରେ ବ୍ୟାଡମିଣ୍ଟନକୁ ଆପଣାର କରି ଏହି ଖେଳରେ ନିଜକୁ ଉତ୍ସର୍ଗ କରିଥିଲେ। ୧୯୫୦ ଓ ୬୦ ଦଶକରେ ସେ ଦେଶରେ ପାଲଟି ଯାଇଥିଲେ ଜଣେ ସୁପରଷ୍ଟାର। ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ୧୨ ମେ, ୧୯୩୩ରେ ତାଙ୍କ ଜନ୍ମ। ଟୁର୍ନାମେଣ୍ଟ ପାଇଁ ଅଭ୍ୟାସ ଓ ପ୍ରସ୍ତୁତି, ନୂଆ ଉପାୟରେ ପ୍ରଶିକ୍ଷଣ ଓ ସେ ସଂକ୍ରାନ୍ତରେ ପର୍ଯ୍ୟାଲୋଚନା ଆଦିରେ ତାଙ୍କର ଦିନ ବିତୁଥିଲା। ଏହି ଦୁଇ ଦଶନ୍ଧି ଭିତରେ ସେ ପ୍ରାୟ ଶହେଟି ଜାତୀୟ ଓ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ଏହି ଅନ୍ତର୍ଜାତୀୟ ସଫଳତା ହାସଲରେ ବି ସେ ଥିଲେ ପ୍ରଥମ ଭାରତୀୟ। ୧୯୫୧ରୁ ୬୩ ମସିହା ଯାଏ ସେ ଭାରତୀୟ ଥୋମାସ କପ୍ ଦଳରେ ନିୟମିତ ସ୍ଥାନ ପାଇଥିଲେ। ଏଥିରେ ୧୬ଟି ସିଙ୍ଗଲ୍ସ ମ୍ୟାଚରୁ ୧୨ଟି ଏବଂ ୧୬ଟି ଡବଲ୍ସ ମ୍ୟାଚରୁ ୮ଟି ବିଜୟ ହାସଲ କରିଥିଲେ। ୧୯୫୯, ୬୧ ଓ ୬୩ ମସିହାରେ ସେ ସଂଖ୍ୟାଧିକ ଟୁର୍ନାମେଣ୍ଟରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ୧୯୬୧ରେ ଭାରତରେ ଅର୍ଜୁନ ପୁରସ୍କାର ପ୍ରଦାନ ପରମ୍ପରା ଆରମ୍ଭ ହୋଇଥିଲା। ଏହି ପୁରସ୍କାରର ପ୍ରଥମ ହକଦାର ଥିଲେ ନାଟେକର। ସେ ଜଣେ ଆଜନ୍ମ କ୍ରୀଡ଼ାବିତ୍। ବ୍ୟାଡମିଣ୍ଟନକୁ ଆସିବା ପୂର୍ବରୁ ଅଧିକାଂଶ କ୍ରୀଡ଼ାର ଅନୁଶୀଳନ ସହିତ ଜ୍ଞାନ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରୋକ୍ ପ୍ଲେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଥିଲା। ତେଣୁ ତାଙ୍କୁ ବ୍ୟାଡମିଣ୍ଟନର ଟଚ୍ ଆର୍ଟିଷ୍ଟ କୁହାଯାଉଥିଲା।

୧୯୫୪ ଥୋମାସ କପ୍ ସିରିଜ୍ ମାଲେସିଆରେ ଖେଳାଯାଇଥିଲା। ଏଥିରେ ଭାରତୀୟ ଦଳରେ ନାଟେକର ସ୍ଥାନ ପାଇଥିଲେ। ବିଶ୍ୱର ତତ୍କାଳୀନ ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳିଙ୍କ ସମ୍ପର୍କରେ ମାଲେସିଆ ସରକାର ଏକ ସ୍ମରଣୀକା ପ୍ରକାଶ କରିଥିଲେ। ନାଟେକରଙ୍କ କୃତିତ୍ୱ ଉକ୍ତ ସ୍ମରଣୀକାରେ ପ୍ରକାଶ ପାଇଥିଲା। ସେ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନକୁ ଉଠିଥିଲେ। ୧୫ ବର୍ଷର ସକ୍ରିୟ କ୍ରୀଡ଼ା ଜୀବନ ସାରିବା ପରେ ପ୍ରଶିକ୍ଷକ ତଥା ସଂଗଠକ ଭାବେ କାର୍ଯ୍ୟ କରିଥିଲେ। ୯୦ ଦଶକରେ ସେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଥିଲେ। ଅବସର ନେଲାପରେ ପୁଣେରେ ଏକ ସ୍ପୋର୍ଟ୍ସ ଓ ଫିଟନେସ୍

**କିମ୍ବଦନ୍ତୀ ଖେଳାଳି ନନ୍ଦୁ ନାଟେକର ନିଜ ପ୍ରଦର୍ଶନ ବଳରେ ଭାରତୀୟ ବ୍ୟାଡମିଣ୍ଟନକୁ ନୂଆ ସୋପାନରେ ପହଞ୍ଚାଇଥିଲେ। ଦୀର୍ଘ ୧୫ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ୧୦୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଥିଲେ।**



ଟାଇଟଲ ହାସଲ କରିଥିଲେ। ତାଙ୍କର ସଫଳତା ଗଣମାଧ୍ୟମରେ ପ୍ରକାଶିତ ହେଉଥିଲା। ଫଳରେ ଭାରତରେ ବ୍ୟାଡମିଣ୍ଟନର ଉତ୍ଥାନ ଘଟିଥିଲା।

ନାଟେକର ଜାତୀୟ ସ୍ତରରେ ବହୁବାର ସିଙ୍ଗଲ୍ସ, ଡବଲ୍ସ ଓ ମିଶ୍ରିତ ବର୍ଗରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲେ। ୧୯୫୪ର ଅଲ ଇଂଲଣ୍ଡ ଓପନ୍ ଟୁର୍ନାମେଣ୍ଟରେ ପ୍ରଥମ ଭାରତୀୟ ଭାବେ ଭାଗନେଇ କ୍ୱାର୍ଟର ଫାଇନାଲକୁ ଉଠିଥିଲେ। ୧୯୫୬ରେ ମାଲେସିଆର ସେଲାଙ୍ଗର୍ ସଂସ୍ଥା ଗଢ଼ି ନବ ପ୍ରତିଭାମାନଙ୍କୁ ସହାୟତା କରୁଥିଲେ। ସେ ବହୁ ବ୍ୟାଡମିଣ୍ଟନ ପ୍ରତିଭା ସୃଷ୍ଟି କରିଯାଇଛନ୍ତି। ନାଟେକର ଆଉ ନାହାନ୍ତି। ୮୮ ବର୍ଷ ବୟସରେ ଚଳିତବର୍ଷ ଜୁଲାଇ ୨୮ରେ ପୁଣେସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଯାଇଛି। ପିତା ଗୁଣେ ପୁତ୍ର ଭଳି ନନ୍ଦୁଙ୍କ ପୁଅ ହେଲେ ଖ୍ୟାତନାମା ଟେନିସ ଖେଳାଳି ଗୌରବ ନାଟେକର। ସେ ୭ଥର ଜାତୀୟ ଚାମ୍ପିୟନ୍। ସଂପ୍ରତି ବେଙ୍ଗାଲୁରୁସ୍ଥିତ ମହେଶ ଭୂପତି ଟେନିସ ଏକାଡେମୀରେ ପ୍ରଶାସକ ଅଛନ୍ତି।

# ଓଡ଼ିଶାରୁ ଭାଗନେବେ ୩୫ ପ୍ରତିଯୋଗୀ

ଭୁବନେଶ୍ୱର, ୭।୧୦(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଜି.ଭି. ମାଭଲଙ୍କର ଶୁଟିଂ ଚାମ୍ପିୟନଶିପ୍ ଚଳିତ ମାସ ୧୦ରୁ ୩୦ ପର୍ଯ୍ୟନ୍ତ ଗୁଜରାଟର ଅହମଦାବାଦରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୧୦ ବାଳିକା ଓ ୨୫ ବାଳକଙ୍କୁ ମିଶାଇ ମୋଟ ୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ୨୪ ଜଣ ଏୟାର ରାଇଫଲ ଏବଂ ୧୧ ଜଣ ଏୟାର ପିସ୍ତଲ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏଥିରେ ଭଲ ପ୍ରଦର୍ଶନ କଲେ ପ୍ରତିଯୋଗୀ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇ ପାରିବେ। ଶୁଟିଂ କୋଚ୍ ତଥା ମ୍ୟାନେଜର ଆଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଶୁକ୍ରବାର ଅହମଦାବାଦ ଯିବ। ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଇଫଲ ସଂଘର ପୃଷ୍ଠପୋଷକ କଳିକେଶ ନାରାୟଣ ସିଂଦେଓ, ସଭାପତି ଅନଙ୍ଗ ଉଦୟ ସିଂଦେଓ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଗୌରୀ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

**ସର୍ବଭାରତୀୟ ଜି.ଭି. ମାଭଲଙ୍କର ଶୁଟିଂ ଚାମ୍ପିୟନଶିପ୍**

**ଓଡ଼ିଶା ଦଳ (.୧୭୭ ପିପ୍ ସାଇଟ ଏୟାର ରାଇଫଲ):** ଦିବ୍ୟ ରଞ୍ଜନ ଗିରି, ପ୍ରିଶା ଦାସ, ନିଶିକାନ୍ତ କର, ସର୍ବାଂଶ ମିଶ୍ର, ଅମୃତାଂଶୁ ମହାପାତ୍ର, ବିଶ୍ୱବର୍ଦ୍ଧନ ନାୟକ, ଦୀପ୍ତେଶ କୁମାର ରାଉତ, ଅଭନିଶ ପଟ୍ଟନାୟକ, ପି. ସାଇ ଲକ୍ଷ୍ମୀ, ବିଶ୍ୱଜିତ ଭୂୟାଁ, ସତ୍ୟମ ଶିବମ୍ ତ୍ରିପାଠୀ, ଲିପ୍‌ସା ଭୋଳା, ଅନ୍ୱେଷ ପଟ୍ଟନାୟକ, ମାନ୍ୟତା ସିଂ, ସଞ୍ଚିତା ହାଂସଦା, ଅନନ୍ୟା ବକ୍ସି, ପୀତବାସ ବେହେରା, ଅତିଶ କୁମାର ନାଏକ, ଶିବାଙ୍ଗୀ ମେହେର, ଅଭିଷେକ ଦାସ, ଭିନିତ ଦାସ, ରୋହନ ଚୌଧୁରୀ, ସୁମନ ଶେଖର ନାୟକ, ବିନିତା ପଟ୍ଟନାୟକ। **(ଏୟାର ପିସ୍ତଲ):** ରାଜେନ୍ଦ୍ରନାଥ ମାଝି, ଦିଲୀପ କୁମାର ପାଢ଼ୀ, ଶ୍ରେଷ୍ଠ ଶର୍ମା, ଗୁଲଶନ କୁମାର ମିଶ୍ର, ପ୍ରତୀପ ଦାସ, ଗୌରବ ବାଘ, ଅରବିନ୍ଦ ନାୟକ, ଅନ୍ୱେଷା ପାତ୍ର, ଜ୍ୟୋତିରଞ୍ଜନ ପ୍ରଧାନ, ଶୁଭକାନ୍ତ ଦାସ, ଅଭିଷେକ ଶର୍ମା।


ସର୍ବଭାରତୀୟ ଜି.ଭି. ମାଭଲଙ୍କର ଶୁଟିଂ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

# ଷ୍ଟମ୍ପ୍ ମାଇକ୍ରୋଫୋନ୍

ଗୌତମ ଗମ୍ଭୀର

ଖେଳର ଧାରା ବିବରଣୀ ପ୍ରଦାନରେ ବ୍ରଡ୍‌କାଷ୍ଟିଂର ଏକ ବିଶେଷ ଭୂମିକା ରହିଛି। କୋଭିଡ୍‌ର ପ୍ରକୋପ ଯୋଗୁ ଏବେ କିଛି କଟକଣା ଲାଗୁ କରାଯାଇଛି। ଅଳ୍ପ କେତେଜଣଙ୍କୁ କେବଳ ପଡ଼ିଆ ଭିତରକୁ ଅନୁମତି ମିଳୁଛି। ହେଲେ ଭିନ୍ନ ଉପାୟରେ ବ୍ରଡ୍‌କାଷ୍ଟିଂକୁ ମଜାଦାର କରିବା ଲାଗି ଆମର ପ୍ରୟାସ ଜାରି ରହିଛି। ତନ୍ମଧ୍ୟରୁ ଗୋଟିଏ ମାଧ୍ୟମ ହେଲା ଷ୍ଟମ୍ପ୍ ମାଇକ୍ରୋଫୋନ୍ ଅଡିଓ। ଏହି ସୁବିଧା ଆମକୁ ବିଶେଷ ଭାବେ ଉପଲବ୍ଧ ଥାଏ। ଏହା ଜରିଆରେ ବେଳେବେଳ ଖେଳାଳିଙ୍କ ମଧ୍ୟରେ ଚାଲିଥିବା କଥାବାର୍ତ୍ତା ଅବା ସେମାନଙ୍କ ଯୋଜନା ସମ୍ପର୍କରେ ଆଭାସ ମିଳିଥାଏ। ଏଠାରେ ହୁଏତ କାହା ମନରେ ଆସିପାରେ ଯେ ମୁଁ କେରୀ ପ୍ୟାକରଙ୍କ କଥା କହୁଛି ବୋଲି। ହେଲେ ଷ୍ଟମ୍ପ ମାଇକ୍ରୋଫୋନ୍ ଜରିଆରେ ଆସିଥିବା ତଥ୍ୟରେ କିଛିଟା ସତ୍ୟତା ରହିଥାଏ। ଅନ୍ୟ ଦିନ ଏକ ଡ୍ରିଙ୍କ୍‌ବ୍ରେକ୍ ସମୟରେ ଶିଖର ଧାୱନ ଓ ପାର୍ଥିବ ପଟେଲଙ୍କ ମଧ୍ୟରେ ବାର୍ତ୍ତାଳାପ ସହିତ ନିଜ ବିଚାରଧାରାକୁ ଉପସ୍ଥାପନା କରିଥିବା ଜଣେ ବ୍ୟକ୍ତି ଏକ ଇନ୍‌ଷ୍ଟାଗ୍ରାମ୍ ଭିଡିଓ ପୋଷ୍ଟ କରିଥିବା ବିଷୟରେ ଶୁଣିବାକୁ ପାଇଥିଲି। ଯଦିଓ ଏହାକୁ ମୁଁ ଦେଖିନାହିଁ, ଭିଡିଓଟି ଡବିଂ କରାଯାଇଥିବା ଜାଣିବାକୁ ପାଇଥିଲି। ଏହାର କିଛିଦିନ ପୂର୍ବେ ମୁମ୍ବାଇ ଇଣ୍ଡିଆନ୍ସ ଓ ଆରସିବି ମ୍ୟାଚ ବେଳେ ଜଣେ ଯୁବ ଭାରତୀୟ ବୋଲରଙ୍କ ବିଶ୍ଳେଷଣ ଶୁଣିବାକୁ ପାଇଥିଲି। ବଲ୍‌କୁ କିପରି ଚକ୍‌ଚକ୍ କରିହେବ ସେ ସମ୍ପର୍କରେ ଯୁବ ବୋଲର ଜଣକ ପୂରା ଦମ୍‌ରେ ବ୍ୟାଖ୍ୟା କରିଚାଲିଥାନ୍ତି, ହେଲେ ମୋ ହିସାବରେ ଏହି ବିଶ୍ଳେଷଣଟିରେ କୌଣସି ମାନେ ନ ଥିବା ଭଳି ମୋର ମନେ ହୋଇଥିଲା। ମୋତେ ଯଦି ଏ ବିଷୟରେ କେହି ପ୍ରଶ୍ନ କରନ୍ତି ତେବେ ବଲ୍‌କୁ କିଭଳି ଚିକ୍କଣ କରାଯାଇପାରିବ ସେ ଦିଗରେ ମନ ଦେଇ ଲାଇନ୍ ଲେନ୍ଥ୍‌ରେ ବୋଲିଂ ପାଇଁ ପରାମର୍ଶ ଦେଇଥାନ୍ତି।

ଜନ୍ ମ୍ୟାକେନ୍‌ରୋଙ୍କ ଖେଳକୁ ଅପେକ୍ଷା କରି ରହିଥାଏ। ତାଙ୍କ ପ୍ରତିକ୍ରିୟା ମୋତେ ଖୁବ୍ ପ୍ରଭାବିତ କରିଥାଏ। ଚେୟାର ଅମ୍ପାୟର ଅବା ତାଙ୍କ ନିକଟରୁ ମୁଁ ଟିକିନିଖି ଜାଣିବାକୁ ଚେଷ୍ଟା କରିଥାଏ। କାରଣ ଚେୟାର ଅମ୍ପାୟରଙ୍କ ମାଇକ୍ରୋଫୋନ୍‌ରେ ତାଙ୍କ ପ୍ରତିକ୍ରିୟା ଛାଣି ହୋଇକରି ଆସିଥାଏ। ମୁଁ ମ୍ୟାକେନ୍‌ରୋଙ୍କ କହିବା ଶୈଳୀକୁ ଅନୁକରଣ କରେ କେହି ଭାବିବା କଥା ନୁହେଁ। ଷ୍ଟମ୍ପ ମାଇକ୍ରୋଫୋନ୍ ଟର୍ନ ଅଫ୍ କରିଦେବା ଉଚିତ ବୋଲି କିଛି ଲୋକ କହିଥାନ୍ତି। କାରଣ ଏହାଦ୍ୱାରା ଖେଳାଳିଙ୍କ ସ୍ୱାଧୀନତା କ୍ଷୁଣ୍ଣ ହେଉଛି। କିନ୍ତୁ ଏ ନେଇ ମୁଁ ଦୃଢ ନିଶ୍ଚିତ ନୁହେଁ। ଆଧୁନିକ କ୍ରିକେଟରମାନେ ସେମାନଙ୍କ ପ୍ରଶଂସକମାନଙ୍କ ଲାଗି ସୋସିଆଲ ମିଡିଆରେ ସଂଶ୍ଳିଷ୍ଟ ହୋଇଯାଇଛନ୍ତି। ଟେକ୍ନୋଲୋଜି ଜରିଆରେ ସେମାନଙ୍କ ପଡ଼ିଆ ବାହାର କାର୍ଯ୍ୟକଳାପ ସାମ୍‌ନାକୁ ଆସୁଛି। ଷ୍ଟମ୍ପ୍ ମାଇକ୍ରୋଫୋନ୍ ଜରିଆରେ ପଡ଼ିଆରେ ଖେଳାଳିଙ୍କ କଥାବାର୍ତ୍ତା ଫିଲ୍ଟର ହୋଇ ଅବା ବିନା ଫିଲ୍ଟରରେ ଆସିଲେ ଖେଳପ୍ରେମୀଙ୍କର ଜାଣିବାରେ ଆଗ୍ରହ ରହିଥାଏ। ଯଦି ମୋ କ୍ଷମତା ପରିସରରେ ଥାନ୍ତା ପଡ଼ିଆରେ କ୍ରିକେଟ ହିରୋମାନେ କ'ଣ ସବୁ କଥା ହେଉଛନ୍ତି ତାହା ମୁଁ କମେଣ୍ଟ୍ରି ବେଳେ ପରିବେଷଣ କରିବାକୁ ପଛାନ୍ତି ନାହିଁ।
**(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ୍)**

SEAGRAM'S
ROYAL STAG
PACKAGED DRINKING WATER



ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଗୁରୁବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତ-ଶ୍ରୀଲଙ୍କା ମ୍ୟାଚ ଡ୍ର

**ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍**

ମାଲେ, ୭।୧୦(ପି.ଟି.)

ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଗୁରୁବାର ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରି ୨୦୫ ର୍‍ୟାଙ୍କ୍‌ପ୍ରାପ୍ତ ଶ୍ରୀଲଙ୍କା ବିପକ୍ଷ ମ୍ୟାଚକୁ ଡ୍ର ରଖିଛି। ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତ ସମ୍ପ୍ରତି ୧୦୭ତମ ସ୍ଥାନରେ ରହିଛି। ଶ୍ରୀଲଙ୍କା ଏହାଠାରୁ ୯୮ ସ୍ଥାନ ତଳେ ରହିଛି। ମାତ୍ର ଭାରତୀୟ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରି ନ ପାରିବାରୁ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। ୭ ଥର ଚାମ୍ପିୟନ ଭାରତ ୨ଟି ମ୍ୟାଚ ଖେଳି ସାରିଥିଲେ ହେଁ ଏବେ ମଧ୍ୟ ବିଜୟ ସନ୍ଧାନରେ ଅଛି। ଇଗର ଷ୍ଟିମାକଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଏହାର ପ୍ରଥମ ମ୍ୟାଚକୁ ବାଂଲାଦେଶ ବିପକ୍ଷରେ ୧-୧ ଗୋଲରେ ଡ୍ର ରଖିଥିଲା। ନେପାଳ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଏହି ଦଳ ବିପକ୍ଷରେ ଭାରତ ଯଦି ମ୍ୟାଚ ହାରେ କିମ୍ବା ଡ୍ର ରଖେ ତେବେ ଫାଇନାଲରେ ପ୍ରବେଶ କରିବା କଷ୍ଟକର ହୋଇ ପଡ଼ିବ। ରାଉଣ୍ଡ ରବିନ ଲିଗ୍‌ରେ ଶ୍ରେଷ୍ଠ ଦୁଇ ଦଳ ଅକ୍ଟୋବର ୧୬ରେ ଫାଇନାଲ ଖେଳିବେ।

# ମୁମ୍ବାଇ ପାଇଁ କର ବା ମର

ଆବୁଧାବି, ୭।୧୦: ୫ଥର ଆଇପିଏଲ୍ ଟାଇଟଲ ହାସଲ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଶେଷ ସୁଯୋଗ ଆସି ଉପନୀତ ହୋଇଛି। ଶୁକ୍ରବାର ମୁମ୍ବାଇ ତା'ର ଶେଷ ଲିଗ୍ ମ୍ୟାଚ୍‌ରେ ପଏଣ୍ଟ ତାଲିକାର ନିମ୍ନତମ ସ୍ଥାନରେ ରହିଥିବା କେନ୍ ୱିଲିୟମସନଙ୍କ ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ପ୍ଲେ-ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ମୁମ୍ବାଇକୁ ଏହି ମ୍ୟାଚ୍ ବୃହତ୍ ବ୍ୟବଧାନରେ ଜିତିବା ଅପରିହାର୍ଯ୍ୟ ହୋଇପଡ଼ିଛି।

ମୁମ୍ବାଇ ଏପର୍ଯ୍ୟନ୍ତ ୧୩ଟି ମ୍ୟାଚ୍ ଖେଳି ୬ ବିଜୟ, ୭ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି। ମୁମ୍ବାଇର ନେଟ୍ ରନରେଟ୍ -୦. ୦୪୮ ରହିଛି। ଅନ୍ୟପଟେ ହାଇଦ୍ରାବାଦ ଯେକୌଣସି ଦଳକୁ ହରାଇବାର କ୍ଷମତା ରଖୁଛି। ହାଇଦ୍ରାବାଦ ୧୩ ମ୍ୟାଚ୍ ଖେଳି ୩ ବିଜୟ ଓ ୧୦ ପରାଜୟ ସହ ୬ ପଏଣ୍ଟ ହାସଲ କରି ଅଷ୍ଟମ ସ୍ଥାନରେ ରହିଛି। ନିଜର ଏକ ଭଲ ଦିନରେ ହାଇଦ୍ରାବାଦ ଯେକୌଣସି ଦଳକୁ ହରାଇପାରିବ। ବିଜୟ ସହ ହାଇଦ୍ରାବାଦ ଅଭିଯାନ ଶେଷ କରବାକୁ ଚାହିଁବ। ତେଣୁ ହାଇଦ୍ରାବାଦକୁ ମୁମ୍ବାଇ ଆଦୌ ହାଲୁକା ଭାବେ ନେବନାହିଁ। ଭୁବନେଶ୍ୱର କୁମାର, ରସିଦ ଖାଁ, ସିଦ୍ଧାର୍ଥ କାଉଲଙ୍କୁ ନେଇ ହାଇଦ୍ରାବାଦ ବୋଲିଂ ବେଶ୍ ଶକ୍ତିଶାଳୀ ମନେହେଉଛି।


## ବାଙ୍ଗାଲୋର-ଦିଲ୍ଲୀ ମୁକାବିଲା ଆଜି

ସେହିପରି ଶୁକ୍ରବାର ଅନ୍ୟ ଏକ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ଉଭୟ ଦଳ ପ୍ଲେ- ଅଫ୍‌ରେ ପ୍ରବେଶ କରିସାରିଛନ୍ତି। ତେଣୁ ପ୍ଲେ- ଅଫ ଖେଳିବା ପୂର୍ବରୁ ବିଜୟୀ ହୋଇ ଉଭୟ ଦଳ ଆତ୍ମବିଶ୍ୱାସ ବୃଦ୍ଧି କରିବା ଲକ୍ଷ୍ୟରେ ରହିଛନ୍ତି।

**ମୁମ୍ବାଇ ଇଣ୍ଡିଆନ୍ସ:** ରୋହିତ ଶର୍ମା (ଅଧିନାୟକ), ଅନମୋଲପ୍ରୀତ ସିଂ, ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ ବୁମ୍‌ରା, ରାହୁଲ ଚହର, ପୀୟୂଷ ଚାୱଲା, ନାଥନ କଲ୍ଟର ନାଇଲ, କ୍ୱିଣ୍ଟନ ଡିକକ୍, ଇଶାନ କିଷନ, ମାର୍କୋ ଜାନସେନ, ଧବଲ କୁଲକର୍ଣ୍ଣୀ, କ୍ରିସ ଲିନ୍, ଆଡାମ ମିଲନେ, ମୋହସିନ ଖାଁ, ଜେମ୍ସ ନିଶାମ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, କିରନ ପୋଲାର୍ଡ, ଅନୁକୂଳ ରୟ, ଆଦିତ୍ୟ ତାରେ, ଅର୍ଜ୍ଜୁନ ତେନ୍ଦୁଲକର, ସୌରଭ ତିୱାରୀ, ଜୟନ୍ତ ଯାଦବ, ସୂର୍ଯ୍ୟକୁମାର ଯାଦବ ଓ ୟୁଧବୀର ସିଂ।

**ସନରାଇଜର୍ସ ହାଇଦ୍ରାବାଦ ଦଳ:** କେନ୍ ୱିଲିୟମନ (ଅଧିନାୟକ), ଡେଭିଡ ୱାର୍ନର, ମନୀଷ ପାଣ୍ଡେ, ଶେର୍ଫାନ ରଦରଫର୍ଡ, ରିଦ୍ଧିମାନ ଶାହା, ଶ୍ରୀବତ୍ସ ଗୋସ୍ୱାମୀ, ରସିଦ ଖାଁ, ବିଜୟ ଶଙ୍କର, ମହମ୍ମଦ ନବୀ, ଅଭିଷେକ ଶର୍ମା, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଟି. ନଟରାଜନ, ବାସିଲ ଥମ୍ପି, ସନ୍ଦୀପ ଶର୍ମା, ଶାହାବାଜ ନଦୀମ, ଅବଦୁଲ ସମାଦ, ଜଗଦୀଶା ସୁଚିଥ, ଜାସନ ହୋଲ୍ଡର, ବିରାଟ ସିଂ, ପ୍ରିମ ଗର୍ଗ, କେଦାର ଯାଦବ, ମୁଜିବ-ଉର- ରହମାନ ଓ ଜାସନ ରୟ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ